ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୬/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 26/2025 Page 16 ₹ 7.00

୫୧ଶ ଭାଗ ୨୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 241 ମୂଲ୍ୟ₹୭/-





**ବିବାହ କରିବେ ଏଲ୍‌ଭିଶ**

ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି-୨ ବିଜେତା ଏଲ୍‌ଭିଶ ଯାଦବ ମନର ନାୟିକାଙ୍କୁ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି।

୦୪

୧୬

**ଜୋ ରୁଟ୍‌ଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍।






କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଜୟପୁର ଟାଉନସ୍ଥିତ ଫ୍ଲାଟ୍‌ରେ ଥିବା ସିକ୍ରେଟ୍ ଟ୍ରେଜେରିରେ ସଜେଇ ହୋଇ ରଖାଯାଇଥିବା ପ୍ରାୟ ଦେଢ଼ କୋଟି ଟଙ୍କାର ନୋଟ୍ ବିଡ଼ା। **(ରିପୋର୍ଟ: ପୃଷ୍ଠା-୭)**

# ୩୩ ଏମ୍‌ଓୟୁ, ୭୮୦୮ କୋଟିର ପୁଞ୍ଜିନିବେଶ

- **କାର୍ଯ୍ୟରତ ମହିଳାଙ୍କ ମଜୁରି ୬ରୁ ୭ ହଜାର, ପୁରୁଷଙ୍କ ୫ରୁ ୬ ହଜାରକୁ ବୃଦ୍ଧି**
- **ଜଗତ୍‌ସିଂହପୁର, ଭଦ୍ରକରେ ୨ ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ**
- **ସରକାରୀ କର୍ମଚାରୀ ସପ୍ତାହକୁ ଥରେ ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ଆହ୍ୱାନ**

**ଓଡ଼ିଶାର ବୟନ ଓ ପୋଷାକ ତିଆରି କ୍ଷେତ୍ରକୁ ରାଜ୍ୟ ସରକାର କେବଳ ଏକ ଅର୍ଥନୈତିକ ଶିଳ୍ପ ନୁହେଁ, ତାହାକୁ ଓଡ଼ିଆ ସଂସ୍କୃତି, ଇତିହାସ ଓ ଅସ୍ମିତାର ଅଭିନ୍ନ ଅଂଶ ଭାବେ ଗ୍ରହଣ କରିଛନ୍ତି। ସମ୍ବଲପୁରୀ ବସ୍ତ୍ର, ବ୍ରହ୍ମପୁରର ରେଶମ, କେନ୍ଦୁଝର ଟସର, ଗଜପତି ଓ ମାଣିଆବନ୍ଧର କାରିଗରି ଦେଶବ୍ୟାପୀ ପ୍ରସିଦ୍ଧ। ଏହାର ନବସୃଜନ, ସ୍ଥିରତା ଓ ନିବେଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆଗାମୀ ୧୦ ବର୍ଷରେ ବୟନ ଶିଳ୍ପରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସହିତ ଏକାଧିକ ଆଧୁନିକ ଟେକ୍ସଟାଇଲ ପାର୍କ ବିକଶିତ କରିବାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ ୨୦୨୫ (ଓଡ଼ିଶା ଟେକ୍ସ ୨୦୨୫)। ଏହି ବୟନ ଶିଳ୍ପ ସମ୍ମିଳନୀରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ସରକାର ଉଦ୍ୟୋଗୀମାନଙ୍କଠାରୁ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ପାଇଛନ୍ତି। ଏହାମାଧ୍ୟମରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବାର ଆକଳନ କରାଯାଇଛି।**

## ଓଡ଼ିଶା ଟେକ୍ସ ୨୦୨୫

**ଭୁବନେଶ୍ୱର,୨୫।୭ (ସୁନିତ୍ ମିଶ୍ର)**

ଟେକ୍ସଟାଇଲ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ଭତ୍ତା ମାସକୁ ୧ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ସରକାରଙ୍କ ପକ୍ଷରୁ ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭରେ ଏହା ଘୋଷଣା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଏବଂ ଭଦ୍ରକଠାରେ ୨ଟି ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଓଡ଼ିଶା ଟେକ୍ସ ୨୦୨୫' ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ। ଏଥିରେ ୧୬୦ରୁ ଅଧିକ ବୃହତ୍ ଓ ନୂତନ ଉଦ୍ୟୋଗୀ ଯୋଗଦେଇଛନ୍ତି। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପେଜ୍ ଇଣ୍ଡଷ୍ଟ୍ରିଜ, ଫାଷ୍ଟ ଷ୍ଟେପ୍ ବେବି ଉଇଅର, କେପିଆର୍ ମିଲ୍‌ସ, ସ୍ୱୋର୍ଟ କିଙ୍ଗ୍, ଆଦର୍ଶ ନିଉଇଆର, ଅନୁଭବ ଆପାରେଲ୍ସ, ବନ୍ ଆଣ୍ଡ କୋ., ଆଣ୍ଡ ବି.ଏଲ୍. ପ୍ରମୁଖ ଏହି କନ୍‌କ୍ଲେଭରେ ଅଂଶଗ୍ରହଣ କରିଛନ୍ତି। ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବଭାରତର ସର୍ବବୃହତ୍ ଟେକ୍ସଟାଇଲ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


**ଆଜିର ସମ୍ପାଦକୀୟ**

**ହନିଟ୍ରାପ ଭୟ**


# ସ୍କୁଲ ଛାତ ଭୁଶୁଡ଼ିଲା: ୭ ମୃତ, ୩୦ ଆହତ

**ଝାଲଓ୍ବାର (ରାଜସ୍ଥାନ),୨୫।୭**

ରାଜସ୍ଥାନର ଝାଲଓ୍ବାର ଜିଲାରେ ଏକ ସରକାରୀ ବିଦ୍ୟାଳୟ କୋଠା ଛାତ ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୭ ପିଲାଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାମାନେ ପଢୁଥିବାବେଳେ ସକାଳ ପ୍ରାର୍ଥନା ପାଇଁ ଏକାଠି ହୋଇଥିଲେ। ଏହି ସମୟରେ ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପ୍ରାୟ ୩୫ ଜଣ ପିଲା ଭଗ୍ନାବଶେଷ ତଳେ ଚାପିହୋଇ ରହିଯାଇଥିଲେ। ପିଲାମାନଙ୍କ ମାଆବାପା, ଶିକ୍ଷକ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ କଂକ୍ରିଟ୍ ସ୍ଲାବ୍ ଓ ଇଟାଗୁଡ଼ିକୁ ☞ପୃଷ୍ଠା-୪





DSPL-186



garima
Urban Management Centre
Making cities work for everyone

**ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ**

**ସୁରକ୍ଷା, ସମ୍ମାନ ଓ ଅନ୍ତର୍ଭୁକ୍ତିକରଣ**



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଭାରତର ପ୍ରମୁଖ ପରିମଳ କର୍ମଚାରୀ ସଶକ୍ତିକରଣ
**ଗରିମା**
ଜାତୀୟ କର୍ମଶାଳା
ଭୁବନେଶ୍ୱର । ୨୦୨୫

**ପ୍ରଧାନ ଅଂଶ ଗୁଡିକ**

- ସ୍ୱେରେଜ ଏବଂ ସେପ୍ଟିକ ଟାଙ୍କି ସଫେଇରେ ଶୂନ୍ୟ ଦୁର୍ଘଟଣା ଓ ମୃତ୍ୟୁ
- ପ୍ରମୁଖ ପରିମଳ କର୍ମଚାରୀ ମାନଙ୍କୁ କୁଶଳୀ ଓ ଅତି-କୁଶଳୀର ମାନ୍ୟତା
- ସମସ୍ତ ପ୍ରମୁଖ ପରିମଳ କର୍ମଚାରୀଙ୍କ ପାଇଁ ଉଚିତ ମଜୁରୀ

ଉଦ୍‌ଘାଟନ ସମାରୋହ
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ପ୍ରଧାନ ଅଂଶ ଗୁଡିକ**

- ପ୍ରତ୍ୟେକ ପ୍ରମୁଖ ପରିମଳ କର୍ମଚାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା
- ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷାର ସାର୍ବଜନୀନ ଉପଲବ୍ଧତାକୁ ସୁନିଶ୍ଚିତ କରିବା
- ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସହିତ ନିୟନ୍ତ୍ରିତ ପ୍ରମୁଖ ପରିମଳ କାର୍ଯ୍ୟ ତଥା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରୋତ୍ସାହିତ କରିବା

**୨୬ - ୨୭ ଜୁଲାଇ ୨୦୨୫**

**କନ୍‌ଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର**

OIPR-13001/13/0014/2526

**ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# ଇନ୍ଦିରାଙ୍କୁ ଟପିଲେ ମୋଦି

## ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫।୭

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪,୦୭୭ ଦିନର କାର୍ଯ୍ୟକାଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅତିକ୍ରମ କରି ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ ହେବାର ଶ୍ରେୟ ହାସଲ କରିଛନ୍ତି। ମୋଦି ସର୍ବାଧିକ ସମୟ କ୍ଷମତାରେ ରହିଥିବା ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ, ଯିଏ ୨ଟି ପୂର୍ଣ୍ଣ ଅବଧି କ୍ଷମତାରେ ରହିବା ପରେ ଏବେ ତୃତୀୟ ପାଳିରେ ଶାସନ ଚଳାଇଛନ୍ତି। ଇନ୍ଦିରା କ୍ରମାଗତ ଭାବେ ୧୯୬୬ରୁ ୧୯୭୭ ପର୍ଯ୍ୟନ୍ତ ୪,୦୭୭ ଦିନ କ୍ଷମତାରେ ରହିଥିଲେ। ମୋଦି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ୪,୦୭୮ ଦିନ ସମ୍ପୂର୍ଣ୍ଣ କରିଛନ୍ତି। ମୋଦିଙ୍କ ରାଜନୈତିକ ଇତିହାସରେ ଏହା ଏକ ଐତିହାସିକ ଅଧ୍ୟାୟ। ସେ ୨୦୦୧ରୁ ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିବାବେଳେ ୨୦୧୪ରୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ରାଜ୍ୟ ଓ ଜାତୀୟ ସ୍ତରରେ ପାଖାପାଖି ୨୪ ବର୍ଷ କ୍ଷମତାରେ ରହିଲେଣି, ଯାହା ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ କରିନାହାନ୍ତି। ଜାତୀୟ ନିର୍ବାଚନରେ କ୍ରମାଗତ ତୃତୀୟ ଥର ନିଜ ଦଳକୁ ନେତୃତ୍ୱ ଦେଇ ବିଜୟୀ କରାଇବାରେ ଜବାହରଲାଲ୍ ନେହେରୁଙ୍କ ପରେ ମୋଦି ଦ୍ୱିତୀୟ ନେତା।


ନରେନ୍ଦ୍ର ମୋଦି


ଇନ୍ଦିରା ଗାନ୍ଧୀ

# ୮୬୯.୮ କୋଟିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ମୋହର

## ଅକ୍ଷୟଶକ୍ତିକୁ ସରକାରଙ୍କ ପ୍ରାଥମିକତା

ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ସାକାର କରିବା ପାଇଁ ରାଜ୍ୟ ସରକାର ସବୁକ୍ଷେତ୍ରକୁ ଗୁରୁତ୍ୱ ଦେଉଥିବାବେଳେ ଶୁକ୍ରବାର ଅକ୍ଷୟଶକ୍ତିକୁ ପ୍ରାଥମିକତା ମିଳିଛି। ରାଜ୍ୟରେ ଅକ୍ଷୟଶକ୍ତି କିଭଳି ଅଧିକ ଉତ୍ପାଦନ ହୋଇପାରିବ ଏବଂ ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ନିବେଶ ହେବାକୁ ଥିବା ୮୬୯.୮ କୋଟି ଟଙ୍କାର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ଫଳରେ ଓଡ଼ିଶାରେ ୧୬୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ବାଟ ପରିଷ୍କାର ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧକ୍ଷତାରେ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍‌ଡବ୍ଲୁସି) ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରୀଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତ୍‌ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ସୁବର୍ଣ୍ଣପୁରର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏର୍ନର୍ଜି ଲିମିଟେଡ୍ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲାର ତେଲକୋଇଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁରର ପାପଡ଼ାହାଣ୍ଡିରେ ଏନ୍.ଏଲ୍.ସି. ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୧୨,୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଏଚ୍‌ଓଡି, ଅଧ୍ୟକ୍ଷଙ୍କ ହାଜତ ମିଆଦ ବୃଦ୍ଧି

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା

### ଭିଡିଓ କନଫରେନ୍ସିଂରେ ହାଜର ହେଲେ

ବାଲେଶ୍ୱର,୨୫।୭
(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷ ଶୁକ୍ରବାର ଭିଡିଓ କନଫରେନ୍ସିଂ (ଭିସି) ଜରିଆରେ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କ ହାଜତ ମିଆଦ ଆଉ ୧୪ ଦିନ ବୃଦ୍ଧି କରାଯାଇଥିବା ଏସଡିଜେଏମ୍ କିଶୋର କୁମାର ନାଥ ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ୬ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

# ଫେକ୍ ଜବ୍‌କାର୍ଡ ଧରିବାକୁ ଇ-କେୱାଇସି କରାଯିବ: ମନ୍ତ୍ରୀ

ଭୁବନେଶ୍ୱର,୨୫।୭(ସୁନିତ୍ ମିଶ୍ର)

- ୩ ମାସ ଭିତରେ ଇ-କେୱାଇସି ନ କଲେ ଜବ୍‌କାର୍ଡ କଟିଯିବ
- ପ୍ରକଳ୍ପ କାମ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା ବନ୍ଦ
- ନିର୍ଦ୍ଧାରିତ ସମୟ ଭିତରେ କାମ ନ ସାରିଲେ ଏଜେନ୍ସି ଉପରେ ଲାଗିବ ଜରିମାନା

ଫେକ୍ ଜବ୍‌କାର୍ଡ ବିଷୟକୁ ଗୁରୁତର ସହ ନେଇଛନ୍ତି ସରକାର। ଫେକ୍ ଜବ୍‌କାର୍ଡ ଧରିବା ପାଇଁ ଇ-କେୱାଇସି କରାଯିବ। ୩ ମାସ ଭିତରେ ଜବ୍‌କାର୍ଡ ଇ-କେୱାଇସି ନ କଲେ ତାହା କାଟି ଦିଆଯିବ। ସରକାର ଏଭଳି ଫେକ୍ ଜବ୍‌କାର୍ଡ ବାହାର କରିଛନ୍ତି। ଏହାର ଅଧିକାରୀ କିଏ ଥିଲେ, ଯେଉଁମାନେ ପୂର୍ବରୁ ଶାସନ କରୁଥିଲେ ସେମାନେ ଉତ୍ତର ଦେବେ। ସରକାର ବର୍ଷେ ଭିତରେ ୨ ଲକ୍ଷ ଜବ୍‌କାର୍ଡ ଦେଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

ପାନୀୟ ଜଳ ସମସ୍ୟାକୁ ନେଇ ମନ୍ତ୍ରୀ ନାଏକ କହିଛନ୍ତି, ସମଗ୍ର ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ। ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଇ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଛି। କାମ ବିଳମ୍ବ ହେଲେ ଅଧିକାରୀମାନଙ୍କ ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।


ମନ୍ତ୍ରୀ ରବି ନାରାୟଣ ନାଏକ

ମନ୍ତ୍ରୀ ନାଏକ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନୂଆପଡ଼ା ଜିଲାର ସମସ୍ତ ଗ୍ରାମ 'ହର୍ ଘର୍ ଜଲ୍ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ ଅଗଷ୍ଟରେ ୨୧ଟି, ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ଟି ଏବଂ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହାସହ ରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି। ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ରାଜ୍ୟର ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତର ବିଶୁଦ୍ଧୀକରଣ କରାଯାଉଛି। ପୂର୍ବବର୍ଷ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଏଜେନ୍ସି କାର୍ଯ୍ୟ ସମାପ୍ତ ନ କରୁଛି, ତାହା ଉପରେ ଜରିମାନା ଲଗାଯିବ। ସେହିଭଳି ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ମଧ୍ୟ ସ୍ଥିର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ବୟାନ ରେକର୍ଡ

## ବଳଙ୍ଗା ନାବାଳିକା ପୋଡ଼ି ଘଟଣା

### ରୁପା ମୁଦି ଉନ୍ମୋଚନ କରିପାରେ ରହସ୍ୟ

ବଳଙ୍ଗା/ଭୁବନେଶ୍ୱର,୨୫।୭
(କେଦାରେଶ୍ୱର ନନ୍ଦ/
ରବିନାରାୟଣ ଜେନା)

ପୁରୀ ଜିଲାର ବଳଙ୍ଗା ନାବାଳିକା ପୋଡ଼ି ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। ଏହି ଘଟଣାରେ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତଦନ୍ତ ଜାରି ରହିଥିବାବେଳେ ଘଟଣାସ୍ଥଳରୁ ପୋଲିସକୁ ମିଳିଥିବା ଏକ ରୁପାମୁଦି ଅନେକ ରହସ୍ୟ ଉନ୍ମୋଚନ କରିପାରେ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଶୁକ୍ରବାର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଭିଡିଓ ମାଧ୍ୟମରେ ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସମୟରେ ଡାକ୍ତର, ଜଣେ ମାଜିଷ୍ଟ୍ରେଟ୍, ବଳଙ୍ଗା ଥାନା ପୋଲିସ, ଓଡ଼ିଶା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ ଏବଂ ପୀଡ଼ିତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। କ୍ରାଇମବ୍ରାଞ୍ଚକୁ ଏହି ବୟାନରୁ ଅଧିକ ତଥ୍ୟ ମିଳିଥିବାବେଳେ ତଦନ୍ତ ତ୍ୱରାନ୍ୱିତରେ ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ଗୁରୁବାର ପୀଡ଼ିତାଙ୍କର ସ୍କିନ୍ ଗ୍ରାଫ୍ଟିଂ ସର୍ଜରି କରାଯାଇଥିବା ଦିଲ୍ଲୀ ଏମ୍ସ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଘଟଣା ଘଟିବା ପରଠାରୁ ଓଡ଼ିଶା ପୋଲିସ, କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଘଟଣାସ୍ଥଳରୁ ଏକ ରୁପାମୁଦି ଜବତ କରାଯାଇଛି। ଗୁରୁବାର ରାତିରେ ଜଣେ ସୁନା ଦୋକାନୀଙ୍କୁ ପୋଲିସ ଏହି ରୁପାମୁଦି ବିଷୟରେ ଅଧିକ ପଚରାଉଚରା କରିଛି। ବଳଙ୍ଗା ବଜାରସ୍ଥିତ କ୍ରିଷ୍ଣା ଜୁଏଲାରିରୁ ପ୍ରାୟ ଦୁଇରୁ ଅଢେଇ ମାସ ତଳେ ପୀଡ଼ିତାଙ୍କ ଘର ନିକଟରେ ଥିବା ଜଣେ ନାବାଳିକା ସାଙ୍ଗ ଏହି ମୁଦିଟି କିଣିଥିବା ସୂଚନା ମିଳିଛି। କିଛିଦିନ ତଳେ ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ପଚରଉଚରା କରିଥିଲା। ତେବେ ଘଟଣାସ୍ଥଳକୁ ମୁଦିଟି କିପରି ଗଲା, ଆଗକୁ ତଦନ୍ତ ପରେ ତାହା ଜଣାପଡ଼ିବ। ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ପୁଣି ପଚରାଉଚରା କରିଥିବା ଜଣାପଡ଼ିଛି। ଚଳିତମାସ ୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉତ୍ତମ ଚିକିତ୍ସା ଲାଗି ନୂଆଦିଲ୍ଲୀସ୍ଥିତ ଏମ୍ସକୁ ଏୟାର ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ପୀଡ଼ିତାଙ୍କ ଶରୀରର ୭୫ ଭାଗ ପୋଡ଼ି ଯାଇଥିବାବେଳେ ତାଙ୍କୁ ବର୍ନ ଓ ପ୍ଲାଷ୍ଟିକ ୟୁନିଟ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି।

# ଖୋଲିଲା ହୀରାକୁଦ ଜଳଭଣ୍ଡାରର ୧୨ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୨୫।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ଶୁକ୍ରବାର ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରରୁ ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ହଠାତ୍ ବୃଦ୍ଧି ପାଇବାରୁ କର୍ତ୍ତୃପକ୍ଷ ବାଧ୍ୟହୋଇ ୩ଟି ପର୍ଯ୍ୟାୟରେ ଗୋଟିଏ ଦିନରେ ୧୨ଟି ଗେଟ୍ ଖୋଲିଛନ୍ତି। ଖବର ଅନୁସାରେ ଶୁକ୍ରବାର ଅପରାହ୍ନ ୩ଟା ୩୦ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୧ ହଜାର ୪୯୮ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଛି। ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୭୫ ହଜାର ୩୯୬ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ଶକ୍ତି ଉତ୍ପାଦନ ପାଇଁ ପାୱାର ଚାନେଲରେ ୩୩,୯୮୬ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୪୬୧, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୧୦୯ ଘନଫୁଟ୍ ଜଳ ମିଶି ମୋଟ୍ ୪୨୦୦ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂଚନାନୁସାରେ ଗତ ୨୪ ଘଣ୍ଟାରେ ଜଳଭଣ୍ଡାର ଉପରମୁଣ୍ଡରେ ୩୯.୩୭ ମିଲିମିଟର ଓ ତଳମୁଣ୍ଡରେ ୨୦.୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ହେବନି ନୂଆ ଆଉଟ୍‌ସୋର୍ସିଂ ନିଯୁକ୍ତି

ଭୁବନେଶ୍ୱର,୨୫।୭
(ରବିନାରାୟଣ ଜେନା)

ରାଜ୍ୟରେ ଏଣିକି ଠିକା ସଂସ୍ଥା(ଆଉଟ୍‌ସୋର୍ସିଂ) ଜରିଆରେ ସିଧାସଳଖ ନୂଆ ନିଯୁକ୍ତି ସିଧାସଳଖ ଦିଆଯିବ ନାହିଁ। ପୂର୍ବରୁ ଯେଉଁସବୁ ଆଉଟ୍‌ସୋର୍ସିଂ ସଂସ୍ଥାକୁ ମ୍ୟାନ୍ ପାୱାର ଲାଗି ନିଯୁକ୍ତ କରାଯାଇଛି ତାହା ବଜାୟ ରହିବ ଏବଂ ସମ୍ପୃକ୍ତ ସଂସ୍ଥା ନବୀକରଣ କରିପାରିବେ। ହେଲେ ସମ୍ପୃକ୍ତ ସଂସ୍ଥା ଅର୍ଥ ବିଭାଗର ବିନା ଅନୁମୋଦନରେ ନୂଆ କରି ଜଣେ ହେଲେ ବି 'ମ୍ୟାନ୍ ପାୱାର' ନିଯୁକ୍ତି ଦେଇପାରିବେ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଗୁରୁବାର ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ତେବେ ରାଜ୍ୟରେ ଆଉ କେହି ଠିକା ନିଯୁକ୍ତ ହେବନାହିଁ, 'ଆଉଟ୍‌ସୋର୍ସିଂ'ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି ୨୦୨୩ ଜୁନ୍‌ରେ ପୂର୍ବ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ସେତେବେଳେ ଠିକା ନିଯୁକ୍ତି ଉଚ୍ଛେଦ ହେଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଆବଶ୍ୟକତା ଦୃଷ୍ଟିରୁ ଏହି ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି।

ସଚିବ ମିଶ୍ର ପତ୍ରରେ ଦର୍ଶାଇଛନ୍ତି ଯେ, ନୂତନ ମ୍ୟାନ୍ ପାୱାର ନିଯୁକ୍ତି ପୂର୍ବରୁ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ। ମାତ୍ର କୌଣସି ଠିକାସଂସ୍ଥାର ସମାନ ସଂଖ୍ୟକ ମ୍ୟାନ୍ ପାୱାର ନବୀକରଣ ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକ ନାହିଁ। ଯଦି ନବୀକରଣ ହେବାକୁ ଥିବା ସଂସ୍ଥା ଅଧିକ ମ୍ୟାନ୍ ପାୱାର ନିଯୁକ୍ତ କରିବାକୁ ବିଭାଗର ପ୍ରସ୍ତାବ ରହିଥିବ ତେବେ ସେ କ୍ଷେତ୍ରରେ ଅର୍ଥବିଭାଗର ଅନୁମୋଦନ ନିହାତି ଆବଶ୍ୟକ।

# ଗଳାରେ ସେଓ ଲାଗିଯିବାରୁ ଶିଶୁପୁତ୍ରର ଜୀବନ ଗଲା

ବ୍ରଜରାଜନଗର,୨୫।୭(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳର ବୁଡ଼ୀଜାମ୍ କଲୋନୀରେ ଦେଢବର୍ଷର ଜଣେ ଶିଶୁପୁତ୍ରର ଗଳାରେ ସେଓ ଲାଗିଯିବାରୁ ଜୀବନ ଯାଇଛି। ଗୁରୁବାର ସକାଳେ ଉକ୍ତ କଲୋନୀର ଇନ୍ଦ୍ରଜିତ୍ ସିଂଙ୍କ ଦେଢବର୍ଷର ପୁଅକୁ ପରିବାରର କେହି ସଦସ୍ୟ ସେଓ କାଟି ଖାଇବାକୁ ଦେଇଥିଲେ। ହେଲେ ସେଓର ଛୋଟ ଅଂଶ ଶିଶୁପୁତ୍ରର ଗଳାରେ ଅଟକିଯିବାରୁ ନିଃଶ୍ୱାସ ନେବାରେ କଷ୍ଟ ହୋଇଥିଲା। ପରିବାର ସଦସ୍ୟ ତାଙ୍କୁ ନିକଟରେ ଥିବା କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଅନ୍ୟତ୍ର ନେବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ସଦସ୍ୟ ଶିଶୁପୁତ୍ରକୁ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ରାତିରେ ଶୋକାକୁଳ ପରିବେଶରେ ଶିଶୁପୁତ୍ରର ମୃତଦେହ ସତ୍କାର କରାଯାଇଥିଲା। ଅପରପକ୍ଷରେ କେନ୍ଦ୍ରୀୟ ଚିକିତ୍ସାଳୟ ଚିକିତ୍ସାରେ ଅବହେଳା ଯୋଗୁ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିବା ସହ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏନେଇ କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ଦାସ କହିଛନ୍ତି, ହସ୍ପିଟାଲରେ ଅତ୍ୟାଧୁନିକ ମେଶିନ ଅଛି କିନ୍ତୁ ଡାକ୍ତର ନାହାନ୍ତି। ଆଇସିୟୁ ଅଛି କିନ୍ତୁ ୭ ବର୍ଷ ହେବ ଖରାପ ହୋଇ ପଡ଼ିଛି। ଏ ବାବଦରେ ଏମ୍‌ସିଏଲ୍‌ର ଉପରିସ୍ଥ ପଦାଧିକାରୀଙ୍କୁ ଅବଗତ କରାଇଛି। ହେଲେ ଫଳ ଶୂନ ବୋଲି ସେ କହିଛନ୍ତି।



## ମୟୂରଭଞ୍ଜ: ବର୍ଷା ଯୋଗୁ ସ୍କୁଲ ଛୁଟି

ବାରିପଦା,୨୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ):ପାଣିପାଗ ବିଭାଗର ପୂର୍ବାନୁମାନକୁ ନେଇ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ଥିବାରୁ ଜିଲାପାଳ ହେମକାନ୍ତ ସୟ ଶୁକ୍ରବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଏହା ସହିତ ବିଭିନ୍ନ ସ୍କୁଲ ସହିତ ସଂଲଗ୍ନ ଛାତ୍ରାବାସର ଅନ୍ତେବାସୀମାନଙ୍କୁ ଆଜବେଷ୍ଟସ କିମ୍ବା କଚ୍ଚା ଘର ବଦଳରେ କଂକ୍ରିଟ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ମାନଙ୍କୁ ପରାମର୍ଶ କରିଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଲୟୋଲା ସ୍କୁଲର ରୌପ୍ୟ ଜୟନ୍ତୀ ପାଳନର ଅଂଶସ୍ୱରୂପ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ସିଙ୍କ୍ରୋନୀ ୨୦୨୫', ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୮ଟା ୩୦।
- ନୃତ୍ୟନିଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ୬ଷ୍ଠ ସମର୍ପଣ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳି ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଫେମିନା ଆଚିଭର୍ସ ଆୱାର୍ଡ, ସ୍ଥାନ: ଆଇଟିସି ୱେଲ୍‌କମ୍ ଗ୍ରୁପ୍ ହୋଟେଲ, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବି.କେ. ରାୟଙ୍କ ଶ୍ରାଦ୍ଧବାର୍ଷିକ ଓ ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଯାପନୀ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ତୃତୀୟ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଘାଟନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା ୩୦।

### ବାଲେଶ୍ୱର
- କାର୍ଗିଲ୍ ବିଜୟ ଦିବସ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବରହମ୍ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ନାକ୍ ମୂଲ୍ୟାୟନରେ ମହାବିଦ୍ୟାଳୟର ଭୂମିକା କର୍ମଶାଳା, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ
- ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ବାଗୁରାଇ ସୈନିକ ସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୯ଟା।

### ମୟୂରଭଞ୍ଜ
- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ପାଟଶାଣୀପୁର ଉଚ୍ଚ ବିଦ୍ୟାଳୟ,ଉଦଳା,ସମୟ: ପୂର୍ବାହ୍ନ ୧୧ଟା।
- ଯୌନ ଉତ୍ପୀଡ଼ନ ବିଷୟରେ ଜାଗୃତି କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ ଶିକ୍ଷକ ବୈଠକ, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

### ଢେଙ୍କାନାଳ
- ଓଡିଶା ସାହିତ୍ୟ ଏକାଡେମୀ ଓ କଳାପରିଷଦ ଢେଙ୍କାନାଳ ପକ୍ଷରୁ ସାରସ୍ୱତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଜିଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଡିହବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୯ଟା।
- ରାଜନଗର ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ, ସ୍ଥାନ: କେ. ସି. ମଣ୍ଡପ, ରାଜନଗର, ସମୟ: ଅପରାହ୍ନ ୩ଟା।

### ରାୟଗଡ଼ା
- ଶ୍ରୀ ସତ୍ୟସାଇ ମୋବାଇଲ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟସେବା ସେବା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କାର୍ଗିଲ ବିଜୟ ଦିବସ ଉପଲକ୍ଷେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଭେଟେରନ ସୋଲଜର୍ସ ଆସୋସିଏଶନ ଅଫିସ୍, ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦ ।

### ନବରଙ୍ଗପୁର
- ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ରପାତ୍ରଙ୍କ ନବରଙ୍ଗପୁର ଜିଲା ଗସ୍ତ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୨ଟା।
- ମନ୍ତ୍ରୀଙ୍କ ଦ୍ୱାରା ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ରାସନ କାର୍ଡ ବିତରଣ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପରିସର, ସମୟ ଅପରାହ୍ନ ୩ଟା ୩୦।
- ମନ୍ତ୍ରୀଙ୍କ ଦ୍ୱାରା ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ଅପରାହ୍ନ ୫ଟା ୩୦।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ସକାଶେ ଆଲୋଚନା, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

### ବଲାଙ୍ଗୀର
- କାରଗିଲ ବିଜୟ ଦିବସ, ସ୍ଥାନ: ଏକ୍ସ-ସର୍ଭିସ ଅଫିସ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ଗଙ୍ଗାଜଳ ଜଳଶାୟୀ , ସ୍ଥାନ: ଚନ୍ଦ୍ରଶେଖର ମହାଦେବ ମନ୍ଦିର, ଶାନ୍ତିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାଉରକେଲା
- ମହିଳା ନିର୍ମାଣ ଶ୍ରମିକଙ୍କୁ ନିର୍ଯାତନା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍, ସମୟ: ସକାଳ ୮ଟା।
- ହିନ୍ଦୁସ୍ଥାନ ଫେଡେରେଶନ ପକ୍ଷରୁ ସର୍ବଦଳୀୟ ଦ୍ୱିତୀୟ ଆଲୋଚନା ମଞ୍ଚ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୩ଟା ୩୦।
- ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼
- ଶ୍ରୀ ଶ୍ରୀ ଗିରିଧାରୀ ଗୋଶାଳାର ଶତବାର୍ଷିକୀ ସମାରୋହ, ସ୍ଥାନ: ସୋହେଲା, ସମୟ: ସକାଳ ୯ଟା।
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ), କେଶବ ନଗର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନୂଆପଡ଼ା ପକ୍ଷରୁ ଏକ ସାଧାରଣ ସଭା, ସ୍ଥାନ: ଖଡିଆଳ ବ୍ଲକ ଲୋହରାପାଲି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଯାତ୍ରା ସମୟରେ ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ଅର୍ଥହାନିର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ କଳହର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରୁ ଲାଭ, ସଭାସମିତିରେ ସମ୍ମାନ ଏବଂ ଧର୍ମାନୁଷ୍ଠାନରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** ରାଶ୍ୟାଧିପ ଶୁକ୍ରଙ୍କ ଉପରେ ଶନିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ। ଅର୍ଥ ସମ୍ପର୍କୀୟ କଥାବାର୍ତ୍ତାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ରବି ଓ ଚନ୍ଦ୍ରଙ୍କ ସଂଯୋଗରୁ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସାମୟିକ ପ୍ରତିବନ୍ଧକ ଜନିତ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ମିଥୁନ** ବୃହସ୍ପତିଙ୍କ ସ୍ଥିତି କର୍ମକ୍ଷେତ୍ର ପାଇଁ କିଛିଟା ବ୍ୟତିକ୍ରମକୁ ନେଇ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରର ମନାନ୍ତର ଦୂରେଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି । କିନ୍ତୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ।

**କର୍କଟ** ଆଜିର ଚନ୍ଦ୍ର ରୋଗପୀଡ଼ା,ବନ୍ଧୁଙ୍କ ପକ୍ଷପାତିତା ଏବଂ ଋଣ ପରିଶୋଧ ଜନିତ ଦୁଶ୍ଚିନ୍ତାର ବିଲୟ ଘଟାଇବ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ମନ ବଳାଇବେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରି ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରର ଦ୍ୱନ୍ଦ୍ୱ ଓ ଟେନସନ୍ ଦୂର ହେବ।

**ସିଂହ** ଦେବଗୁରୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଶିକ୍ଷା କ୍ଷେତ୍ରରେ ସଫଳତା, ସମ୍ପର୍କରେ ନିବିଡ଼ତା ଏବଂ ଆଲୋଚନାରେ ଅଗ୍ରଗତି ଅବଶ୍ୟମ୍ଭାବୀ। ରାହୁଙ୍କ କୁପ୍ରଭାବରେ ଯାତ୍ରା କାଳରେ ଠକାମିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦୋଷକୁ ଘୋଡ଼ାଇବାକୁ ଯାଇ କୈଫିୟତ୍ ଦେବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାରୁ ହାତମୁଠାରୁ ସୁଯୋଗ ଖସିଯିବାର ସୂଚନା ମଧ୍ୟ ରହିଛି।

**କନ୍ୟା** ଦ୍ୱିତୀୟ ସ୍ଥାନ ଗୁରୁଦୃଷ୍ଟ କାରଣରୁ ଆପଣଙ୍କ ସଯୌକ୍ତିକ କଥାବାର୍ତ୍ତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ବାକି ରଖିଥିବା ଲୋକଟି ହଠାତ୍ ଆସି ଟଙ୍କା ଦେଇଯାଇପାରେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ରାସ୍ତା ବାହାର କରିବାରେ ସମର୍ଥ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ ସମସ୍ୟା ସମାଧାନ ପାଇଁ କଷ୍ଟ ସ୍ୱୀକାର କରିବାକୁ ହେବ। ବହୁ ବୁଝାଶୁଝା ପରେ ବନ୍ଧୁ ଆପଣଙ୍କ କଥା ଗ୍ରହଣ କରିପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସାମାଜିକ ସ୍ତରରେ ସମ୍ମାନ ଲାଭକରିବାର ସୁଯୋଗ ଲାଭ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିପାରେ।

**ବିଛା** ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ରାହୁଙ୍କ ପ୍ରଭାବରୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ କରିପାରିବେନି।

**ଧନୁ** ଅଷ୍ଟମାଧିପତି ସହ ରବି ଓ ବୁଧଙ୍କ ସ୍ଥିତିଜନିତ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ସନ୍ତାନଙ୍କ ଉଚ୍ଚଶିକ୍ଷା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଅଗ୍ରାଧିକାର ଦେବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

**ମକର** ଶନିଙ୍କ ଦୃଷ୍ଟିରେ ଶୁକ୍ର ଥିବାରୁ ଶୃଙ୍ଖଳାର ସହ କାମ ସମ୍ପନ୍ନ କଷ୍ଟକର ହେବ। ପାରିବାରିକ ସ୍ଥିତିରେ ଉନ୍ନତି ଘଟିବାର କ୍ଷୀଣ ଆଶା ମାନକୁ ଚହଲାଇ ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଭାବ ଓ ଆଚରଣକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପୂର୍ବବିବାଦକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ** ବୁଧ ଦୁଃସ୍ଥାନରେ ଥିବାରୁ ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟ ସହ ତର୍କ ଓ ବିବାଦ ବଢ଼ିପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅନ୍ୟ କଥାରେ ପଡ଼ି ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ଚନ୍ଦ୍ରଙ୍କ ସହ ରବି ଓ ବୁଧ ରହିବା ହେତୁ ଦୂରଯାତ୍ରା,ବନ୍ଧୁଙ୍କ ନିମନ୍ତ୍ରଣ ଏବଂ ଫଳପ୍ରଦ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ଆହ୍ୱାନକ୍ରମେ ବିଦେଶ ଯାତ୍ରାର ଚିନ୍ତା ମନରେ ଉଙ୍କିମାରିବ। ପାରିବାରିକ ସମର୍ଥନରେ ନୂତନ କାର୍ଯ୍ୟରେ କୃତକାର୍ଯ୍ୟ ହେବେ। ସାମାଜିକ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାର୍ଗିଲ୍ ବିଜୟ ଦିବସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ଦ୍ୱିତୀୟା ଶନିବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୧୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୧୫ ମଧ୍ୟେ ରାହୁ କାଳ।

## ବିବାହ କରିବେ ଏଲ୍‌ଭିଶ



ମୁମ୍ବାଇ: କଥାରେ ଅଛି ନିଆଁ ନ ଥିଲେ ଧୂଆଁ ଉଠେନା। ଠିକ୍ ସେମିତି କିଛି ଘଟିଛି ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି ୨ ବିଜେତା ଏଲ୍‌ଭିଶ ଯାଦବଙ୍କ କ୍ଷେତ୍ରରେ। ଏବେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ବଡ଼ ଚର୍ଚ୍ଚା ହେଉଛି। ସେଇଟି ହେଲା ବିବାହ। ଏନେଇ ଜଣାପଡ଼ିବା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରୁଛନ୍ତି। ଏଲ୍‌ଭିଶ ଏବେ କୁକିଂ ରିଆଲିଟି ଶୋ' 'ଲାଫ୍ଟର ସେଫ୍ ୨'ରେ ପ୍ରତିଯୋଗୀ ଭାବେ ନଜର ଆସୁଛନ୍ତି। ଶୋ'ର ପ୍ରମୋରେ ତାଙ୍କ ବିବାହକୁ ନେଇ ବଡ଼ ଖୁଲାସା ହୋଇଛି। କମେଡିଆନ ଭାରତୀ ସିଂହ ସେଥିରେ ମୋହର ମାରିଛନ୍ତି।

ଚଳିତ ବର୍ଷ ଏଲ୍‌ଭିଶ ବିବାହ ବନ୍ଧନରେ ଆବଦ୍ଧ ହେବେ। ତାଙ୍କୁ ତାଙ୍କ ମନର ନାୟିକା ମିଳିସାରିଛି। ସେ ଉଦୟପୁରର ବୋଲି ସ୍ପଷ୍ଟ ହୋଇଛି। ଏଲ୍‌ଭିଶ ବିବାହ ଯାଏ ସେସବୁ ଉପରୁ ପରଦା ଉଠାଇବାକୁ ମନା କରିଥିଲେ ହେଁ ବିବାହ ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି।

## ଭାଜପା ନେତାଙ୍କ ସହ ସୁନା ମାଫିଆଙ୍କ ସମ୍ପୃକ୍ତି ରହିଛି:କଂଗ୍ରେସ



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା।

ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)

ସାରା ଦେଶରେ ନାରୀ ନିର୍ଯାତନାକୁ ନେଇ ଓଡ଼ିଶା ଲଜ୍ଜିତ ଥିବାବେଳେ ସୁନା ମାଫିଆଙ୍କ ସହିତ ଭାଜପା ନେତାଙ୍କ ସମ୍ପର୍କ ଦୁର୍ନୀତିର ଆଉ ଏକ ନୂଆ ଫର୍ଦ ଖୋଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, ସୁନା ମାଫିଆ ରମେଶ ମାଝୀଙ୍କର ବିଭିନ୍ନ ଭାଜପା ନେତାଙ୍କ ସହ ଥିବା ଫଟୋ ବର୍ତ୍ତମାନ ସାରା ରାଜ୍ୟରେ ଘୂରିବୁଲୁଛି। ବିଶେଷକରି କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ସହିତ ତାଙ୍କର ଘନିଷ୍ଠତା ରହିଛି। ଏହା ପଛରେ କି ରହସ୍ୟ ଅଛି ତଦନ୍ତକାରୀ ସଂସ୍ଥାମାନେ ତଦନ୍ତ କରିବାର ଆବଶ୍ୟକତା ରହିଛି। ସେହିପରି ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ, ଯେଉଁଦଳ ଦୁର୍ନୀତିଶୂନ୍ୟ ବୋଲି ଦମ୍ଭୋକ୍ତି ଦେଖାଉଛି, ତାଙ୍କ ଦଳର ବଡ଼ ବଡ଼ିଆ ନେତାଙ୍କ ସୁନା ନିବେଶ ମାଫିଆ ରମେଶ ମାଝୀଙ୍କ ସହ ଫଟୋ କେମିତି ପଦାକୁ ଆସୁଛି । ଯଦି ଏହା ମିଥ୍ୟା ତେବେ କେନ୍ଦ୍ରମନ୍ତ୍ରୀ,ଏମ୍‌ପି ଓ ଭାଜପା ନେତୃବୃନ୍ଦ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର, ୨୫।୭ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହେବା ପରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ଜିଲାରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଆସନ୍ତା ୨୮ ତାରିଖ ଯାଏ ପ୍ରବଳ ବର୍ଷା ଲାଗିରହିବ। ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼କୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ୧୦ ଜିଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ବାରିପଦାରେ ସର୍ବାଧିକ ୧୩୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଜଗତ୍‌ସିଂହପୁରରେ ୮୪ ମିମି, ସୋନପୁରରେ ୪୧.୦ ମିମି, ବଲାଙ୍ଗୀରରେ ୨୭ ମିମି, ନୂଆପଡ଼ାରେ ୨୩.୬ ମିମି, ଝାରସୁଗୁଡ଼ାରେ ୧୬.୪ ମିମି, ସୁନ୍ଦରଗଡ଼ରେ ୧୫.୬ ମିମି, କୋରାପୁଟରେ ୧୧.୨ ମିମି, ବାଲେଶ୍ୱରରେ ୧୧.୧ ମିମି, ରାଉରକେଲାରେ ୮.୬ ମିମି, ଚାନ୍ଦବାଲିରେ ୮.୪ ମିମି ଏବଂ ଢେଙ୍କାନାଳରେ ୮.୨ ମିମି ବର୍ଷା ହୋଇଛି। କଟକ, ଭୁବନେଶ୍ୱର, ପୁରୀ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଦିନ ସାରା ବର୍ଷା ଲାଗି ରହିଥିବା ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସପନ କଥାକୁ ସତ ମଣିଅଛି,**
**କାହାକୁ ବାନ୍ଧିଛୁ ଫାଶୀ;**
**ସରଗ ତାରାକୁ ଆଶା କରିଅଛୁ,**
**ସେ କି ପଡ଼ିବ ଖସି ।**

ସପନକୁ ସତ ମଣୁଥିବା ବ୍ୟକ୍ତି ଏବଂ ଉଚ୍ଚ ଆଶାରେ ନିକମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେହେଲେ ସଫଳ ହୋଇପାରି ନ ଥାନ୍ତି। କର୍ମ ନ କଲେ ଫଳ ମିଳି ନ ଥାଏ। ଏପରିସ୍ଥଳେ ନିଷ୍କର୍ମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନର ଗତିପଥରେ ଅସଫଳ ହେବା ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତ ପର ହେଲେ ଭଲ**
**ନିଜ ଲୋକ ଠେଇଁ ପୀରତି ବାନ୍ଧିଲେ**
**ହୋଇଯିବ ସଦା ଭେଲ ।**

ପରଲୋକଙ୍କ ଭଳି ଦୂରେଇ ରହିବା ଅନେକ କ୍ଷେତ୍ରରେ ଭଲ ବା ଗ୍ରହଣୀୟ ହୋଇଥାଏ। ସବୁବେଳେ ଆତ୍ମୀୟଙ୍କ ସଙ୍ଗେ ଘଷର ପସର ହେଲେ ଭବିଷ୍ୟତରେ ସମ୍ପର୍କରେ ଭଟ୍ଟା ପଡ଼ିବାର ଆଶଙ୍କା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ ଛାତ ଭୁଶୁଡ଼ିଲା...

ଉଠାଇବା ପରେ ପିଲାଙ୍କୁ ବାହାର କରିଥିଲେ। ସକାଳ ୭ଟା ୪୫ରେ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିବା ବେଳକୁ ୭ ପିଲାଙ୍କ ମୃତ୍ୟୁ ଘଟିସାରିଥିଲା। ଆହତମାନଙ୍କୁ ଝଲାୱର ହସ୍ପିଟାଲ ଏବଂ ମନୋହରଥାନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ୯ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଥିବା ଡାକ୍ତର କହିଛନ୍ତି। ପିଲାମାନଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ସ୍କୁଲ୍ ଛାତ ଭୁଶୁଡ଼ି ପିଲାମାନଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍କୁଲ୍ ବିଲ୍ଡିଂର ଦୟନୀୟ ସ୍ଥିତି ସମ୍ପର୍କରେ ବହୁ ପୂର୍ବରୁ ତହସିଲଦାର ଏବଂ ଏସ୍‌ଡିଏମ୍‌ଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ସେମାନେ କହିଛନ୍ତି। ପ୍ରଶାସନିକ ଉଦାସୀନତାରୁ ସ୍କୁଲ୍ ଛାତ ଭୁଶୁଡ଼ିଲା ବୋଲି ସ୍ଥାନୀୟ ବାସିନ୍ଦା ବାଲ୍‌କିଷନ କହିଛନ୍ତି। ଅନ୍ୟପକ୍ଷରେ ଝାଲାୱାର ଜିଲାପାଳ ଅଜୟ ସିଂ କହିଛନ୍ତି, ଜିଲାର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ୍ ବିଲ୍ଡିଂଗୁଡ଼ିକ ସମ୍ପର୍କରେ ରିପୋର୍ଟ କରିବାକୁ ଜିଲା ପ୍ରଶାସନ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ତେବେ ଉକ୍ତ ତାଲିକାରେ ପିପ୍ଲୋଡିର ଉକ୍ତ ସ୍କୁଲ୍ ନ ଥିଲା। ଜିଲାପାଳ ଏହା ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ୧୯୯୪ରେ ସ୍ଥାପିତ ଏହି ପୁରୁଣା ସ୍କୁଲ୍ ବିଲ୍ଡିଂରେ ୫ଟି ଶ୍ରେଣୀଗୃହ ଏବଂ ଗୋଟିଏ ଅଫିସ୍ ରହିଛି। ଛାତର ଗୋଟିଏ ଭାଗ ଭୁଶୁଡ଼ିଥିବାବେଳେ ଆଗକୁ ବିପଦ ଘଟିବା ଆଶଙ୍କାରେ ଅବଶିଷ୍ଟ ଅଂଶକୁ ଜିଲା ପ୍ରଶାସନ ଭାଙ୍ଗିଦେଇଛି। ସ୍କୁଲ୍ ପିଲାଙ୍କ ମୃତ୍ୟୁ ଘଟଣାରେ ଲୋକ ସଭା ବାଚସ୍ପତି ତଥା କୋଟା ଏମ୍‌ପି ଓମ୍ ବିର୍ଲା ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଆହତ ପିଲାମାନଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ଝାଲୱାରର ପିପ୍ଲୋଡି ବିଦ୍ୟାଳୟର ଭଗ୍ନାବଶେଷ ତଳୁ ପିଲାଙ୍କୁ ଉଦ୍ଧାର କରାଯାଉଛି।

### ୩୩ ଏମ୍‌ଓୟୁ, ୭୮୦୮...

କୁହାଯାଇଛି। ଏହା ସହ ପ୍ରତିବର୍ଷ ଏହି କନ୍‌କ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିକରିବା ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦% ଓଡ଼ିଶାକୁ ଆସିଛି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଛନ୍ତି।

सत्यमेव जयते

# ଭାରତ ସରକାରଙ୍କ ରୂପାନ୍ତରଣକାରୀ ପଦକ୍ଷେପ ଦ୍ୱାରା ତ୍ୱରିତ ବିକାଶ ଅଭିମୁଖେ ଅଗ୍ରସର ତାମିଲନାଡୁ



## ତାମିଲନାଡୁରେ ବିମାନବନ୍ଦର, ରାଜପଥ ରେଳବାଇ, ବନ୍ଦର ଏବଂ ବିଦ୍ୟୁତ୍ ଶକ୍ତି ସମ୍ବନ୍ଧିତ ₹୪୯୦୦ କୋଟି ମୂଲ୍ୟର ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଲୋକାର୍ପଣ

### ଶିଳାନ୍ୟାସ

ଆନ୍ତଃରାଜ୍ୟ ଟ୍ରାନ୍ସମିଶନ୍ ପ୍ରଣାଳୀ ଅଧୀନରେ କୁଡ଼ନକୁଲମ ୟୁନିଟ୍-୩ ଓ ୪ରୁ ବିଦ୍ୟୁତ୍ ନିଷ୍କାସନ ପାଇଁ ଟ୍ରାନ୍ସମିଶନ୍ ପ୍ରଣାଳୀ

### ଉଦ୍‌ଘାଟନ

ନୂଆ ଟର୍ମିନାଲ ଭବନ, ଟୁଟିକୋରିନ୍ ବିମାନବନ୍ଦର

ଟୁଟିକୋରିନ୍ ଭି.ଓ.ସି. ବନ୍ଦରର ଉତ୍ତର କାର୍ଗୋ ବର୍ଥ-III

### ଲୋକାର୍ପଣ

ଜାତୀୟ ରାଜପଥ-୩୬ର ସେତିଆତୋପ୍ପୁ-ଚୋଲାପୁରମ୍ ଅଂଶର ଚାରି ଲେନିଂ

ଜାତୀୟ ରାଜପଥ-୧୩୮ର ଟୁଟିକୋରିନ୍ ପୋର୍ଟ ରୋଡ୍ ସେକ୍ସନର ଛଅ ଲେନିଂ

ନାଗରକୋଏଲ ଟାଉନ୍ - ନାଗରକୋଏଲ ଜଙ୍କସନ୍ - କନ୍ୟାକୁମାରୀ ରେଲୱେ ଲାଇନ୍‌ର ଦୋହରୀକରଣ

ଆରଲବାୟମୋଷୀ-ନାଗରକୋଏଲ ଜଙ୍କସନ୍ ଏବଂ ତିରୁନେଲଭେଲି-ମେଲପ୍ପାଲୟମ୍ ରେଲୱେ ଲାଇନ୍‌ର ଦୋହରୀକରଣ

ମଦୁରାଇ-ବୋଡିନାୟକ୍କନୁର ରେଲୱେ ଲାଇନ୍ ବିଦ୍ୟୁତୀକରଣ ପ୍ରକଳ୍ପ

### ପ୍ରକଳ୍ପଗୁଡ଼ିକର ଲାଭ

ଟୁଟିକୋରିନ୍‌ର **ନୂଆ ଏୟାରପୋର୍ଟ ଟର୍ମିନାଲ** ୧୭,୩୪୦ ବର୍ଗମିଟରରେ ପରିବ୍ୟାପ୍ତ । ସମସ୍ତ ଅତ୍ୟାଧୁନିକ ସୁବିଧାରେ ସୁସଜ୍ଜିତ ଏହି ବିମାନ ବନ୍ଦରର **ବାର୍ଷିକ ଯାତ୍ରୀ କ୍ଷମତା** ଛଅ ଗୁଣ ବଢ଼ି ୨୦ ଲକ୍ଷ ହୋଇଯିବ, ଯାହାଦ୍ୱାରା ବାୟୁମାର୍ଗ ସଂଯୋଗୀକରଣକୁ ପ୍ରୋତ୍ସାହନ ମିଳିବ

**₹୪୫୨ କୋଟି ବ୍ୟୟରେ** ନିର୍ମିତ, **ପରିବେଶ ଅନୁକୂଳ ଏୟାରପୋର୍ଟ ଟର୍ମିନାଲ** ଯାତ୍ରା ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ, ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ ଯାହାର ପରିଣାମସ୍ୱରୂପ ଆର୍ଥିକ ବିକାଶକୁ ଗତି ମିଳିବ

**₹୨୫୫୭ କୋଟି ବ୍ୟୟରେ ଉନ୍ନତ ସଡ଼କ ପ୍ରକଳ୍ପ** ସଂଯୋଗୀକରଣକୁ ସୁଦୃଢ଼ କରିବ, କାର୍ଗୋ ଚଳପ୍ରଚଳକୁ ତ୍ୱରାନ୍ୱିତ କରିବ, ଗହଳି କମ୍ କରିବା ସହ ଲଜିଷ୍ଟିକ୍ସ ଓ ବାଣିଜ୍ୟକୁ ପ୍ରୋତ୍ସାହିତ କରିବ

**₹୧୦୩୨ କୋଟି ବ୍ୟୟରେ ରେଳ ନେଟୱର୍କର ଦୋହରୀକରଣ ତଥା ବିଦ୍ୟୁତୀକରଣ,** କାର୍ବନ୍ ନିର୍ଗମନକୁ ହ୍ରାସ କରିବା ସହିତ ଔଦ୍ୟୋଗିକ ଉତ୍ପାଦର ପୋଷଣୀୟ **ସଂଯୋଗୀକରଣ ଏବଂ ଦ୍ରୁତ ପରିବହନକୁ** ସୁନିଶ୍ଚିତ କରିବ

**₹୫୪୮ କୋଟି ବ୍ୟୟରେ ୨ ଗିଗାୱାଟ୍** ସ୍ୱଚ୍ଛ ଓ ପୋଷଣୀୟ ଶକ୍ତିର **ସଞ୍ଚାରଣ** ଦ୍ୱାରା ତାମିଲନାଡୁ, କେରଳ, କର୍ଣ୍ଣାଟକ ଏବଂ ପୁଡୁଚେରୀ (କେନ୍ଦ୍ରଶାସିତ ଅଞ୍ଚଳ) ଲାଭାନ୍ୱିତ ହେବେ

**₹୨୮୫ କୋଟିର ବନ୍ଦର ପ୍ରକଳ୍ପ,** ଭି.ଓ. ଚିଦମ୍ବରନାର ବନ୍ଦରର କାର୍ଗୋ ହ୍ୟାଣ୍ଡଲିଂ କ୍ଷମତାକୁ ବୃଦ୍ଧି କରିବା ଏବଂ ଏହାର ବହୁମୁଖୀ ବିକାଶକୁ ଭବିଷ୍ୟଉନ୍ମୁଖୀ ଏବଂ ପୋଷଣୀୟ ଉପାୟରେ ଆଗକୁ ବଢ଼ାଇବ

- ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ପ୍ରାପ୍ତ କରିବାର ସରକାରଙ୍କ ଦୂରଦୃଷ୍ଟିକୁ ଗତି ଦେବା ପାଇଁ ପୋଷଣୀୟ **ବାୟୁ, ସଡ଼କ, ରେଳ, ବନ୍ଦର ଏବଂ ବିଦ୍ୟୁତ୍ ପ୍ରକଳ୍ପ**

# ଶ୍ରୀ ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀଙ୍କ

## କରକମଳରେ

### ଗରିମାମୟ ଉପସ୍ଥିତି

**ଶ୍ରୀ ଆର୍.ଏନ୍. ରବି**
ରାଜ୍ୟପାଳ, ତାମିଲନାଡୁ

**ଶ୍ରୀ ଏମ୍.କେ. ଷ୍ଟାଲିନ୍**
ମୁଖ୍ୟମନ୍ତ୍ରୀ, ତାମିଲନାଡୁ

**ଶ୍ରୀ ନୀତିନ ଜୟରାମ ଗଡକରୀ**
କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀ ମନୋହର ଲାଲ**
କେନ୍ଦ୍ର ଶକ୍ତି, ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ

**ଶ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

**ଶ୍ରୀ ସର୍ବାନନ୍ଦ ସୋନୋୱାଲ**
କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଏବଂ ଜଳମାର୍ଗ ମନ୍ତ୍ରୀ

**ଶ୍ରୀ ମୁରଲୀଧର ମୋହୋଲ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଏବଂ ସମବାୟ ରାଷ୍ଟ୍ରମନ୍ତ୍ରୀ

**ଡା. ଏଲ୍. ମୁରୁଗାନ୍**
କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀମତୀ କାନିମୋଝୀ କରୁଣାନିଧି**
ସାଂସଦ (ଲୋକସଭା)

**ଶ୍ରୀ ସି. ଶୁନମୁଗୈୟା**
ବିଧାୟକ

**ଶନିବାର, ୨୬ ଜୁଲାଇ, ୨୦୨୫ । ସନ୍ଧ୍ୟା ୦୮.୦୦ ଘଟିକା । ଟୁଟିକୋରିନ୍ ବିମାନ ବନ୍ଦର, ତାମିଲନାଡୁ**












CBC 03111/15/0008/2526

ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

# ହନିଟ୍ରାପ ଭୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଯଦି ଆପଣଙ୍କ ପାସୱାର୍ଡ ଏବେ ବି '୧୨୩୪' ଅଛି ଏବଂ ଭାବୁଛନ୍ତି ଯେ ବିଳାସମୟ ହୋଟେଲରେ ରୁମ୍ ବୁକ୍ ପାଇଁ ସୁରକ୍ଷିତ, ତେବେ ତୁମେ ଡିଜିଟାଲ ଯୁଗ ଲାଗି ଅଯୋଗ୍ୟ ବୋଲି ବୁଝାପଡୁଛି। ମହାରାଷ୍ଟ୍ରରେ ହନିଟ୍ରାପରେ ଫସିଥିବା ବ୍ୟକ୍ତିଙ୍କ ସଂଖ୍ୟା ଯାହା ଉଠାପଡ଼ୁଛି ତାହା ବିଶ୍ୱାସ କରିହେଉନାହିଁ। ଆଇଏଏସ୍, ଆଇପିଏସ୍, ଏପରି କି ମନ୍ତ୍ରୀଙ୍କ ସମେତ ଅତିକମ୍‌ରେ ୭୨ ଜଣ ହୋଟେଲକୁ ଯାଇ ଆକର୍ଷଣରେ ମୋହିତ ହୋଇଥିବା ବୁଝାଯାଉଛି। ଗୁପ୍ତ କ୍ୟାମେରା ସେମାନଙ୍କ ବ୍ୟକ୍ତିଗତ ଘଟଣାଗୁଡ଼ିକୁ ରେକର୍ଡ଼ କରିଥିବା ସେମାନେ ଜାଣିବାକୁ ପାଉଛନ୍ତି। କୁହାଯାଉଛି, ସୁନ୍ଦରୀ ଯୁବତୀ ଏବଂ ସୁସଜ୍ଜିତ ହୋଟେଲଗୁଡ଼ିକ ନିରାପତ୍ତା ବଳୟରେ ଥିଲେ। କେତେକ ଅଧିକାରୀ ଘଟଣାକୁ ଚପାଇଦେବା ଲାଗି ୩ କୋଟି ଟଙ୍କା ଦେଇଥିବା ବିଶ୍ୱାସ କରାଯାଉଛି। ଠାଣେରୁ ଏବେ ଜଣେ ମହିଳା ଗିରଫ ହେବା କଥା ସାମ୍ନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ବିରୋଧୀ ଦଳ ନେତା ନାନା ପାଟୋଲେ ଏହି ଘଟଣାରେ ମୁହଁ ଖୋଲିଛନ୍ତି। କିନ୍ତୁ ଏହି କେଲେଙ୍କାରୀରେ ଅଧିକ ଖୋଳତାଡ଼ ଦରକାର। ଏହା କେବଳ ବ୍ୟକ୍ତିଗତ ଆଚରଣର ବିଷୟ ନୁହେଁ, ବରଂ ଏହା ଶାସନର ସର୍ବୋଚ୍ଚ ସ୍ତରରେ ଥିବା ଦୁର୍ବଳତାକୁ ପ୍ରତିପାଦିତ କରୁଛି। ଅଧିକାରୀଙ୍କ ପାଖରେ ସମ୍ବେଦନଶୀଳ ତଥ୍ୟ ଥିଲେ ମଧ୍ୟ ସେମାନେ ଭାବନାକୁ ନିୟନ୍ତ୍ରଣ କରି ନ ପାରି ଯନ୍ତାରେ ପଡ଼ିଛନ୍ତି। ଏଭଳି ଘଟଣା ହେଉଛି ଜାତୀୟ ସୁରକ୍ଷା ପାଇଁ ସମସ୍ୟା। ତା'ଠାରୁ ବଡ଼ ସମସ୍ୟା ହେଉଛି, କୌଣସି ଅଧିକାରୀ ସାମ୍ନାକୁ ଆସିନାହାନ୍ତି କିମ୍ବା ମୁହଁ ଖୋଲୁନାହାନ୍ତି । ଏଭଳି ନୀରବତା ବିପଜ୍ଜନକ। ଯଦି ସରକାରୀ ଚାକିରିଆମାନେ ଏଭଳି ଭୁଲ୍ କାମରେ ପଦବୀ ଓ ପ୍ରୋଟୋକଲକୁ ଢାଲ କରି ସୁରକ୍ଷିତ ରହିପାରୁଛନ୍ତି, ସେଠାରେ କ'ଣ ଏସବୁ ଗୁପ୍ତ ରଖାଯାଉଛି, ତାହା କିଏ କହିବ?

### ପଦବୀ ଖାଲିପଡ଼ିଛି

ଟ୍ରିଲିୟନ ଡଲାର ସ୍ୱପ୍ନ ପଛରେ ଧାଉଁଥିବା ଏକ ଦେଶରେ ପ୍ରମୁଖ ସଂସ୍ଥାଗୁଡ଼ିକ ଅଜବ ଢଙ୍ଗରେ ଆରାମରେ ଚାଲିଥିବା ଦେଖିବାକୁ ପାଉଛୁ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କଥା ବିଚାର କରାଯାଉ। ଏବେ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ଅଣଆଧିକାରିକ ନିର୍ଦ୍ଦେଶକ ପର୍ଯ୍ୟନ୍ତ ବୋର୍ଡ ସ୍ତରରେ ୭୦ଟିରୁ ଅଧିକ ପଦବୀ ଖାଲିପଡ଼ିଛି। ଏହା ଶାସନ ବା ପରିଚାଳନାର ଅଭାବକୁ ଦର୍ଶାଉଛି। ସଂସ୍ଥା ପ୍ରତି ଥିବା ବିପଦ ଦୂର କରିବା ଲାଗି ଆବଶ୍ୟକ ପଦକ୍ଷେପ, ଋଣ ପ୍ରବାହ ଓ ରଣନୀତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରକୁ ଏହା ପ୍ରଭାବିତ କରୁଛି। ଯେପରି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏକ ମାସରୁ ଅଧିକ ସମୟ ଧରି ଜଣେ ପରିଚାଳନା ନିର୍ଦ୍ଦେଶକ କିମ୍ବା ସିଇଓ ନ ରହିଲେ ସାମଗ୍ରିକ ଭାବେ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୁଏ। କେବଳ ବ୍ୟାଙ୍କଗୁଡ଼ିକ ନୁହଁନ୍ତି, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଶକ୍ତି (ଏନ୍‌ଟିପିସି,ଆଇଓସିଏଲ) ଓ ଭିତ୍ତିଭୂମି (ଏସ୍‌ଏଆଇଏଲ, ବିଏଚ୍‌ଇଏଲ, ଆଇଆରସିଓଏନ୍) ସମେତ କେତେକ ଶିଳ୍ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ସ୍ତରୀୟ ପଦବୀ ଖାଲିପଡ଼ିଛି। ପଦବୀ ସମ୍ପର୍କରେ ବିଜ୍ଞାପନ ଦିଆଯାଉଛି। ଚୟନ କମିଟି ମଧ୍ୟ ଗଠନ କରାଯାଉଛି। ତଥାପି ପଦବୀ ଖାଲି ହେବାଠାରୁ ପୂରଣ ହେବା ପର୍ଯ୍ୟନ୍ତ ଆବଶ୍ୟକ ପ୍ରକ୍ରିୟା ଶୀଘ୍ର ହେବା ବଦଳରେ ପୂରା ମନ୍ଥର ଗତିରେ ଚାଲୁଛି। ଏହି ପଦବୀଗୁଡ଼ିକୁ ପୂରଣ କରିବା ଗୁରୁତ୍ୱପୂର୍ଣ୍ଣ କାରଣ ଏଗୁଡ଼ିକ ଅଧୀନରେ ବହୁ କୋଟି ଟଙ୍କାର ପ୍ରୋଜେକ୍ଟ, କାର୍ଯ୍ୟ ଏବଂ ମହତ୍ତ୍ୱପୂର୍ଣ୍ଣ ଜାତୀୟ ସଂସାଧନ ରହିଛି। ଯେତେବେଳେ ଶୀର୍ଷ ସ୍ତରରେ ନେତୃତ୍ୱ ନ ଥା'ନ୍ତି କିମ୍ବା ଅବ୍ୟବସ୍ଥିତ ଥାଏ, ସେତେବେଳେ କାର୍ଯ୍ୟାନ୍ୱୟନ ପ୍ରଭାବିତ ହେବା ସ୍ୱାଭାବିକ।

### ଯୋଗ୍ୟ ଡିଜିପି

ଶୀର୍ଷ ପୋଲିସ ପଦବୀ ପାଇଁ ଅନେକ ମାସ ଛକାପଞ୍ଝା ପରେ ଚଣ୍ଡିଗଡ଼ ଶେଷରେ ଜଣେ ସ୍ଥାୟୀ ବା ପୂର୍ଣ୍ଣକାଳୀନ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପାଇଛି। ଏଜିଏମୟୁଟିରେ ୧୯୯୭ ବ୍ୟାଚ ଆଇପିଏସ ସାଗର ପ୍ରୀତ ହୁଡା ଏହି ଦାୟିତ୍ୱ ନେଇଛନ୍ତି। ଫଳରେ ଚଣ୍ଡିଗଡ଼ ପୋଲିସ ସ୍ଥାୟୀ ଅଧିକାରୀ ବଦଳରେ ଅନେକଙ୍କୁ ସାମୟିକ ଭାବେ କାମରେ ଲଗାଇବା ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପଞ୍ଜାବ ପୋଲିସ ଉପରେ ଲଗାଯାଉଥିବା ଏକ ଆକ୍ରମଣ ଅଭିଯୋଗ ଓ ଏସ୍‌ଆଇଟି ଯାଞ୍ଚକୁ ନେଇ ସୃଷ୍ଟି ହୋଇଥିବା ଅଶାନ୍ତ ସ୍ଥିତିରେ ହୁଡାଙ୍କ ନିଯୁକ୍ତି ନେତୃତ୍ୱ ସ୍ୱଚ୍ଛତା ଆଣିଛି। ସଂସ୍ଥା ପାଇଁ ଏହା ବିଷୟ ଆରମ୍ଭ କରିପାରିବ। ତେବେ କେବଳ ବହୁଦିନ ଧରି ପଦବୀ ଖାଲି ପଡ଼ିଥିଲା ବୋଲି ତାଙ୍କୁ ନିଯୁକ୍ତ କରାଯାଇନାହିଁ, ବରଂ ତାଙ୍କ ଯୋଗ୍ୟତାକୁ ଦେଖି ଏହା କରାଯାଇଛି। ସେ ହାର୍ଭାର୍ଡ ଏଡ୍ୱାର୍ଡ ଏସ୍ ମାସନର ଜଣେ ଫେଲୋ, ସେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ିଛନ୍ତି। ଏହା ବ୍ୟତୀତ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କରିଛନ୍ତି। ହୁଡାଙ୍କ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଏବଂ ଶିକ୍ଷାଗତ ଯୋଗ୍ୟତା ଅଛି। ଏବେ ଦିଲ୍ଲୀ ପୋଲିସର ଗୋଇନ୍ଦା ବିଭାଗକୁ ଅଣ୍ଟାଳନ କରୁଛନ୍ତି। ତାଙ୍କ ପାଇଁ ଅଧିକ ଚାପ ଥିବା ପଦବୀ କିଛି ନୂଆ କଥା ନୁହେଁ। ଆଶା କରାଯାଉଛି, ହୁଡାଙ୍କର ଚଣ୍ଡିଗଡ଼ ସହ ସମ୍ପର୍କ ଓ ତାଙ୍କ ବିଚକ୍ଷଣ ବୁଦ୍ଧି ପୋଲିସ ବ୍ୟବସ୍ଥାକୁ ଏକ ଦିଗରେ ନେବ ଓ ଅଧିକ ଦାୟିତ୍ୱବାନ ନେତୃତ୍ୱ ସ୍ୱଚ୍ଛତା ଯୋଗାଇବ। କାର୍ଯ୍ୟକାରୀ ଡିଜିପିମାନେ କାମ ଚଳାଇ ନେଇପାରନ୍ତି, କିନ୍ତୁ ଏକ ବାସ୍ତବ ନେତୃତ୍ୱର ବିକାଶ ଲକ୍ଷ୍ୟ ତଥା ଦୀର୍ଘମିଆଦୀ ଦୃଷ୍ଟିଭଙ୍ଗୀ ରହିଛି। ତେବେ ହୁଡାଙ୍କ ନିଯୁକ୍ତି ପରିବର୍ତ୍ତନର ଏକ ବଡ଼ ସଙ୍କେତ ହୋଇପାରିବ, ଯଦି ସେ ପୋଲିସ ବଳକୁ ନେତୃତ୍ୱ ଦେବା ପାଇଁ ସମୟ ଓ ସ୍ୱାଧୀନତା ପାଇବେ।

Email: dilipcherian@gmail.com

# ଦୁଃଖଦ ଶିରୋନାମା



ଡ. ସୁବାସ ଚନ୍ଦ୍ର ପାତ୍ର

ଦେଶ ସ୍ୱାଧୀନତାର ତିନିବର୍ଷ ପୂର୍ବରୁ (୧୯୪୪) ସ୍ଥାପିତ ଓ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଫକୀରମୋହନଙ୍କ ନାମରେ ନାମିତ ଓଡ଼ିଶାର ଫକୀରମୋହନ ମହାବିଦ୍ୟାଳୟ (ଏବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ) ଆଜି ଭୁଲ୍ କାରଣ (ମାନସିକ ନିର୍ଯାତନା ପାଇଁ ଜଣେ ଛାତ୍ରୀଙ୍କ ଆତ୍ମାହୁତି) ପାଇଁ ଖବରକାଗଜର ଶିରୋନାମା ମଣ୍ଡନ କରୁଛି। ସ୍ୱୟଂ ଫକୀରମୋହନ ଓ ଆଦ୍ୟକାଳର ପ୍ରବାଦ ଶିକ୍ଷକଗଣ-ଯେଉଁମାନେ ଏହାର ମୂଳଦୁଆ ପକେଇଥିଲେ-କୁଞ୍ଜ ବିହାରୀ ଦାଶ, ତ୍ରିଲୋଚନ ମିଶ୍ର, ମନ୍ମଥ ନାଥ ଦାସ, ଶ୍ରୀରାମ ଚନ୍ଦ୍ର ଦାଶ, କ୍ଷେତ୍ରମୋହନ ପଟ୍ଟନାୟକ, ଜାନକୀ ବଲ୍ଲଭ ମହାନ୍ତି, ଭି.ଭି. ଜନ୍, ପି.ଏସ୍. ସୁନ୍ଦରମ୍ ପ୍ରମୁଖଙ୍କ ଆତ୍ମା ଆଜି ଆର୍ତ୍ତନାଦ କରୁଛି। ମାତୃ ଅନୁଷ୍ଠାନର ଗର୍ବ – ପଦ୍ମଭୂଷଣ ମନୋଜ ଦାସ, ପଦ୍ମଶ୍ରୀ ଅପୂର୍ବ କିଶୋର ବୀର, ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ରାଧାମୋହନ, ଚିନ୍ତାମଣି ବେହେରା, ଗୋବିନ୍ଦ ସେନାପତି-ସ୍ୱର୍ଗ ବା କେହି କେହି ଏବେ ବି ମର୍ତ୍ତ୍ୟରେ ଥାଇ ମର୍ମାହତ। କ୍ଷେତ୍ରରେ ଘଟିଥିବା ଘଟଣାର ଅନୁସନ୍ଧାନ କରିବାକୁ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ପୋଲିସ ବିଭାଗ କାର୍ଯ୍ୟରତ। ମାତ୍ର ଏହି ଘଟଣା ଅନ୍ତରାଳରେ ଥିବା ବ୍ୟବସ୍ଥାଗତ ତ୍ରୁଟି ସର୍ବସମକ୍ଷରେ ଆଣିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ପ୍ରଥମ କାରଣଟି ହେଲା ଉଚ୍ଚଶିକ୍ଷା ବ୍ୟବସ୍ଥାଟି କେବେ ବି ସରକାରୀ ପ୍ରାଧାନ୍ୟ ଲାଭ କରିପାରିନାହିଁ, ଯାହା ଏହାକୁ ମିଳିଥିବା ବଜେଟ-ମଞ୍ଜୁରୀରୁ ଜାଣିହେବ। ଓଡ଼ିଶାର ଏହା ନାମକୁ ଉଚ୍ଚଶିକ୍ଷା, ମାତ୍ର ଗୁରୁତ୍ୱ ଅତି ନ୍ୟୂନ। କୌତୁକର କଥା ବେଶ୍ କିଛି ବର୍ଷ ଏହି ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ଦିଆଯାଇ ନ ଥିଲା। ଗୋଳେଇଘାଣ୍ଟି ଯେମିତି ସେମିତି ଚଳେଇ ନେବାର ନାମ ଉଚ୍ଚଶିକ୍ଷା। ଏହାର ପ୍ରଥମ ଉଦାହରଣ ହେଉଛି ବିଗତ ୨୦ ବର୍ଷ ହେଲା ୬୦ଟି ପାଖାପାଖି ସରକାରୀ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଓ +୨ ଶିକ୍ଷା ବ୍ୟବସ୍ଥାକୁ +୩ ଶିକ୍ଷା ବ୍ୟବସ୍ଥାରୁ ପୃଥକ୍ ନ କରି ଖେଚୁଡ଼ି କରି ରଖିବା। ଫକୀରମୋହନ କଲେଜ ସେହି ଦୁର୍ଦ୍ଦଶାର ଭାଗୀଦାର।

ଓଡ଼ିଶାର କୋଣଅନୁକୋଣରେ ଥିବା କ୍ଷୁଦ୍ର କ୍ଷୁଦ୍ର ସରକାରୀ ଅନୁଷ୍ଠାନରେ ନିୟମିତି ମୁଖ୍ୟ ଥିଲା ବେଳେ ସରକାରୀ ମହାବିଦ୍ୟାଳୟମାନ କି ପାପ କଲେ ଯେ ସେମାନଙ୍କୁ ମସ୍ତକହୀନ କରି ରଖାଯାଇଛି? ଭାରପ୍ରାପ୍ତ ଅଧ୍ୟକ୍ଷ ପଦବୀ ବରିଷ୍ଠ କଲେଜ ଶିକ୍ଷକମାନଙ୍କ ପାଇଁ ଏକ ପଦବୀ ନୁହେଁ, ଏକ ସମ୍ମାନ ନୁହେଁ, ଏକ ଅତ୍ୟାଚାର, ଏକ ଅପମାନ। ନିୟମିତ ଓ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ସମାନ ଥିଲାବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ତାଙ୍କ ନିୟମିତ କ୍ଲାସ୍ ନେବା ପାଇଁ ନିଯୁକ୍ତିପତ୍ରରେ ଉଲ୍ଲେଖ କରାଯାଉଛି। ଏଣୁ ଅନେକ ଅଧ୍ୟକ୍ଷ ନା ପ୍ରଶାସନ ସମ୍ଭାଳୁଛନ୍ତି ନା ଶ୍ରେଣୀ ଶିକ୍ଷାଦାନ।



ଫକୀରମୋହନ କଲେଜରେ ଘଟିଥିବା ଘଟଣା ପ୍ରସଙ୍ଗରେ ଆହୁରି କେତୋଟି ବିଷୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପ୍ରତିଶତ ଓ ପରୀକ୍ଷା ହଲ୍ ପରି ଶ୍ରେଣୀରେ ପ୍ରବେଶର ସମୟ ସୀମାର ପ୍ରାବଧାନ ନ ଥିବାରୁ ଅନେକ ସମୟରେ ଏହା ମହାଭାରତ ସୃଷ୍ଟିକରେ। ବାସ୍ତବରେ ଏକ ଆଦର୍ଶ ଶିକ୍ଷା ବ୍ୟବସ୍ଥାରେ ଏଗୁଡ଼ିକ ଅପ୍ରସଙ୍ଗ। ମାତ୍ର ଛାତ୍ର ସଂସଦ ନିର୍ବାଚନ ପାଇଁ ଆବଶ୍ୟକ ୭୫ ପ୍ରତିଶତ ଉପସ୍ଥାନର ଆବଶ୍ୟକତା ଆଜି ଅନେକ କୋଳାହଳର କାରଣ। ଏ ବାବଦରେ ମଧ୍ୟ ସରକାରୀ ସ୍ୱଷ୍ଟତା ଆସିବା ଦରକାର। ଫକୀରମୋହନ କଲେଜରେ ଘଟିଥିବା ଘଟଣାର ମୁଖ୍ୟ କାରଣ ହେଲା କଲେଜରେ ଦୀର୍ଘଦିନ ଧରି ପ୍ରଚଳିତ ଟ୍ୟୁଟୋରିଆଲ କ୍ଲାସ୍‌ର ବିଲୋପ। ଆଗରୁ ଛାତ୍ରୀଛାତ୍ରମାନଙ୍କ ପାଠ ସମ୍ବନ୍ଧୀୟ ଯାବତୀୟ ସନ୍ଦେହ ମୋଚନ ତଥା ବ୍ୟକ୍ତିଗତ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଅଭାବ, ଅସୁବିଧା, ମାନସିକ ସଙ୍କଟକୁ ପାଖରୁ ଦେଖିବାକୁ ଏହି ଟ୍ୟୁଟୋରିଆଲ କ୍ଲାସ୍ ବେଶ୍ ସହାୟକ ହେଉଥିଲା। ଖର୍ଚ୍ଚକାଟ ତଥା ଘରୋଇ ଟିଉଶନକୁ ପ୍ରୋତ୍ସାହିତ କରିବାକୁ ଏହି ବ୍ୟବସ୍ଥା ଉଠେଇ ନାମକୁମାତ୍ର ପ୍ରୋକ୍ଟରିଆଲ ବ୍ୟବସ୍ଥାଟିକୁ କାଗଜରେ ରଖି ପାଠ୍ୟ ଓ ଅଣପାଠ୍ୟ ବିଷୟରେ ଉପଲବ୍ଧ ସୁବିଧାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଛି। ଟ୍ୟୁଟୋରିଆଲ ଓ ପ୍ରୋକ୍ଟରିଆଲର ମିଶ୍ରିତ ରୂପଟି ଯଦି ଥାଆନ୍ତା ସୌମ୍ୟାଶ୍ରୀ ଘଟଣା ଆଜି ଏତେବାଟ ଯାଇ ନ ଥାନ୍ତା। ପ୍ରକୃତରେ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଆବଶ୍ୟକ ଉପସ୍ଥାନ ଭରଣା ପାଇଁ ସଙ୍କଟ ତାଙ୍କୁ ଦୁଃସ୍ଥିତି ଭିତରକୁ ଠେଲି ଦେଇଥିଲା। କଲେଜ ନିର୍ବାଚନ ଥିଲାବେଳେ ଏହି କଥାକୁ ନେଇ କଲେଜରେ ଗଣ୍ଡଗୋଳ ହୁଏ ଏବଂ ଶିକ୍ଷକମାନେ ଡରିମରି ଅବୈଧ ଭାବରେ ଉପସ୍ଥାନ ପୂରଣ କରି ଦିଅନ୍ତି। କଲେଜ ନିର୍ବାଚନ ନ ଥିଲାବେଳେ ଆପାତତଃ ଏହି ଗୋଟିଏ ଦିଗରୁ ବିଶୃଙ୍ଖଳା ଢେର କମିଯାଇଥିଲା। ଏବେ ଏ ବାବଦରେ ସରକାର ଦୃଢ଼ ସ୍ୱଷ୍ଟୀକରଣ ରଖିବା ଦରକାର, ନଚେତ୍ ନିର୍ବାଚନ ଯଜ୍ଞରେ କିଏ ପୁଣି ଶହୀଦ ହୋଇଯିବ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛାତ୍ର ନେତୃତ୍ୱ ନିର୍ମାଣ ପାଇଁ କଲେଜରେ ନିର୍ବାଚନର ଆବଶ୍ୟକତାର ଯେଉଁ ଦ୍ୱାହି ଦିଆଯାଉଛି, ବାସ୍ତବିକ ନିର୍ବାଚନ ହେଉ ନ ଥିବା ଅନୁଷ୍ଠାନ ଯଥା ମେଡିକାଲ, ଇଞ୍ଜିନିୟରିଂ, ଏମ୍‌ବିଏର ଛାତ୍ରୀଛାତ୍ର ଆଜି ପ୍ରମୁଖ ରାଜନେତା ବା ବରିଷ୍ଠ ପ୍ରଶାସକ ହେବା ଏହାକୁ ଭୁଲ୍ ପ୍ରମାଣିତ କରୁଛି।

ସୌମ୍ୟାଶ୍ରୀଙ୍କୁ ନେଇ ଘଟିଥିବା ଘଟଣା ଅନ୍ୟ ଏକ କ୍ଷେତ୍ରରୁ ମଧ୍ୟ ଆସିପାରେ। ତା'ହେଲା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଓ ତା'ର ଧରପଗଡ଼। ମନେପଡ଼ୁଛି ଏକ ସରକାରୀ କଲେଜର କଥା। ପିଲାଟି ତା' ଶାର୍ଟର ହାତର ଭିତର ପାଖରେ କିଛି ଲେଖି ଆଣିଥିଲା। ପରୀକ୍ଷା ହଲ୍‌ରେ ବିଚରା ଧରାପଡ଼ିଲା। ତା'ର ଶାର୍ଟଟି ଅସଦ ଉପାୟ ଅବଲମ୍ବନର ଏକ ପ୍ରମାଣ ହୋଇଥିବାରୁ ତତ୍‌କ୍ଷଣାତ୍ ତାକୁ ଶାର୍ଟମୁକ୍ତ କରେଇ ତା' ମୁକୁଳା ଦେହକୁ ଏକ ତଉଲିଆରେ ଢାଙ୍କି ଦିଆଗଲା। ଭିନ୍ନ ଘଟଣାରେ ସୌମ୍ୟାଶ୍ରୀ ଉତ୍ପୀଡ଼ିତ ହେଲା ପରି ପରୀକ୍ଷା ହଲ୍ ଭିତରେ ୩ଘଣ୍ଟାର ଏହି ନିର୍ଯାତନା ଛାତ୍ରଟି ପାଇଁ ଅସହ୍ୟ ହୋଇପଡ଼ିଲା। ପରୀକ୍ଷା ସରିବାର ଘଣ୍ଟେ, ଦେଢ଼ଘଣ୍ଟା ମଧ୍ୟରେ ଛାତ୍ରଟି ନିକଟତମ ରେଳଲାଇନରେ ଆତ୍ମାହୁତି ଦେଲା।

ଗୋଟିଏ ପରିବାରର ଦୁଃଖ ଆହୁରି କିଛି ଅଧିକ ଭୟାନକ ଦୃଶ୍ୟ ଅନ୍ୟ କେତେକ ପରିବାରରେ ସୃଷ୍ଟି ନ କରୁ। କିନ୍ତୁ ସେ ପ୍ରକାର ଏକ ସମ୍ଭାବନା ଦେଖାଦେଉଛି। ସୌମ୍ୟାଶ୍ରୀଙ୍କ ଅଭିଯୋଗର ସତ୍ୟତା ପରଖିଥିବା ଆଭ୍ୟନ୍ତରୀଣ କମିଟି ସଦସ୍ୟମାନେ ସେହିପରି ସଙ୍କଟ ଆଡ଼କୁ ଯାଉଛନ୍ତି। କମିଟିରେ ଥିବା ୯ଜଣ ମଧ୍ୟରୁ ୩ଜଣ ଥିଲେ କଲେଜର ଅଧ୍ୟାପିକା, ଜଣେ ଅଣଶିକ୍ଷକ ମହିଳା କର୍ମଚାରୀ, ୩ଜଣ ଛାତ୍ରୀ ଓ ଜଣେ ଅଣଶିକ୍ଷକ ପୁରୁଷ କର୍ମଚାରୀ ଓ ଜଣେ ବାହାର ମହିଳା ସମାଜସେବୀ। ଏବେ କଲେଜର ୪ ମହିଳା କର୍ମଚାରୀ ଓ ଜଣେ ପୁରୁଷ କର୍ମଚାରୀଙ୍କ ମୁଣ୍ଡ ଉପରେ ଖଣ୍ଡା। ଏମାନେ ସମସ୍ତେ ଶିକ୍ଷକ ବା ଅନୁଷ୍ଠାନର କର୍ମଚାରୀ। ଏମାନେ ଏପରି ଅପାତତଃ ଆପରାଧିକ କାର୍ଯ୍ୟର ଅନୁସନ୍ଧାନ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପୂର୍ବ ଅଭିଜ୍ଞତା ମଧ୍ୟ ନାହିଁ। ଅନୁସନ୍ଧାନର ଧାରାଗୁଡ଼ିକ କ'ଣ ହେବ, କ୍ରମ କ'ଣ ହେବ, କେଉଁ କେଉଁ ପ୍ରଶ୍ନ ପଚାରି ସତ୍ୟ ଉନ୍ମୋଚିତ କରାଯାଇପାରିବ, ଏ ସମ୍ବନ୍ଧୀୟ ଜ୍ଞାନ ଏମାନଙ୍କ ନାହିଁ। କମିଟିରେ କୌଣସି ଅବସରପ୍ରାପ୍ତ ପୋଲିସ ଅଫିସର ବା ଜିଲାସ୍ତରୀୟ ସରକାରୀ ଓକିଲ ଏମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ନ ଥିଲେ। ୯୦ ଦିନର ସମୟ ସୀମା ବଦଳରେ ୯ ଦିନରେ ଏମାନେ ଚାପରେ ରିପୋର୍ଟ ଦେଲେ। ଅଣପେସାଦାର ବ୍ୟକ୍ତିମାନଙ୍କ ଦ୍ୱାରା ଆପରାଧିକ ମାମଲାରେ ତଦନ୍ତ କରାଇବା କେତେଦୂର ଯୁକ୍ତିଯୁକ୍ତ? ତେଣୁ ସରକାର ଏହି କମିଟି ଗଠନ କିପରି ପାରଦର୍ଶୀ ହୋଇପାରିବ, ଭବିଷ୍ୟତରେ କେହି ଏ କମିଟିର ସଦସ୍ୟ ହେବାକୁ ଯେପରି ଅମଙ୍ଗ ହେବେନାହିଁ, ତାହା ବିଚାର କରିବା ଉଚିତ।

ସତ୍ୟ ଓ ଅର୍ଦ୍ଧସତ୍ୟ ଭିତରେ ପାର୍ଥକ୍ୟରେଖା ବହୁତ କ୍ଷୀଣ। ସତ୍ୟ ନାମରେ ବହୁ ଅର୍ଦ୍ଧସତ୍ୟ ଗଣମାଧ୍ୟମରେ ଘୂରି ବୁଲୁଛି। ଆଶା କରାଯାଏ ପାଣି କ୍ଷୀରର ଭ୍ରମ ସୃଷ୍ଟି କରିବ ନାହିଁ ଏବଂ ଫକୀରମୋହନ କଲେଜ ତା' ପୂର୍ବଗୌରବ ଫେରିପାଇବ।

**ପୂର୍ବତନ ଅଧ୍ୟକ୍ଷ**
**ଜେଲ୍ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**

# ବିଷ ବଜାର



ସତ୍ୟନାରାୟଣ ଦେହୁରୀ

ଆମର ବିଭିନ୍ନ ସାମଗ୍ରୀର ବିକ୍ରି ଓ ଖରିଦ ପାଇଁ ବଜାର ବ୍ୟବସ୍ଥା ହୋଇଛି। ସକାଳ ହେଲେ ଆମେ ବଜାର ଯାଉ ନିଜର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଆଣିବା ପାଇଁ। ଆଉ କେତେଜଣ ଲୋକ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରିକରିବା ପାଇଁ ବଜାର ଯାଇଥାଆନ୍ତି। ବଜାରରେ ପନିପରିବାଠାରୁ ଆରମ୍ଭକରି ତେଜରାତି ଜିନିଷ ପର୍ଯ୍ୟନ୍ତ ସବୁ କିଛି ମିଳିଥାଏ। ରାତି ପାହିଲେ କିଛି ପନିପରିବା କିମ୍ବା ତେଜରାତି ଜିନିଷ ନ କିଣିଲେ ଘର ଚଳେନାହିଁ। ନିଜେ ଚାଷକରି ପନିପରିବା ଉତ୍ପାଦନକଲା ଲୋକ ବହୁତ କମ୍। ଯେଉଁମାନେ ନିଜେ ପନିପରିବା ଉତ୍ପାଦନ କରିପାରୁଛନ୍ତି ସେମାନଙ୍କୁ ପରିବା ପାଇଁ ବଜାର ଯିବାକୁ ପଡ଼ି ନ ଥାଏ। ଆଗେ ମଫସଲର ଲୋକମାନେ ସହର ଯାଇ ନିଜର ଚାହିଦା ଅନୁସାରେ ଜିନିଷ ଆଣୁଥିଲେ। ଆଜିକାଲି ସବୁ ଗାଁରେ ତେଜରାତି ଦୋକାନ ,କପଡ଼ା ଦୋକାନ ,ପନିପରିବା ଦୋକାନ ହେଲାଣି। କେତେକ ଅଞ୍ଚଳରେ ସାପ୍ତାହିକ ହାଟ ବସୁଛି। ସେଠାରେ ବେଶି ପନିପରିବା ମିଳିଥାଏ।

ଆଜିକା ଦିନରେ ବଜାରରେ ମିଳୁଥିବା ସବୁ ଜିନିଷ ବିଷ ପାଲଟିଗଲାଣି। ଏହି ବିଷ ଜ୍ୱାଳାରେ ମଣିଷ ବର୍ତ୍ତମାନ ଆଉଟୁପାଉଟୁ ହେଉଛି। ପନିପରିବାରେ ଅତ୍ୟଧିକ କୀଟନାଶକ ପ୍ରୟୋଗ ହେଉଛି। ସେହି କୀଟନାଶକର ପ୍ରଭାବ ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି କରୁଛି। ଅତ୍ୟଧିକ ରାସାୟନିକ ସାର ପ୍ରୟୋଗକରି ପନିପରିବା ଚାଷ କରାଯାଉଛି। ଏହା ମଧ୍ୟ ମଣିଷ ଶରୀରରେ ସ୍ଲୋ ପଏଜନ ଭଳି କାମ କରୁଛି। ଜୈବିକ ସାର ପ୍ରୟୋଗରେ ଯଦି ପନିପରିବା ଚାଷ କରାଯାଆନ୍ତା, ତା' ହେଲେ ଏସବୁ ଅସୁବିଧା ହୁଅନ୍ତା ନାହିଁ। କେବଳ ପନିପରିବା କାହିଁକି ଧାନ, ଗହମ, ମୁଗ, ବିରି ଇତ୍ୟାଦି ଫସଲରେ ମଧ୍ୟ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ହେଉଛି। ଏହାଫଳରେ ମଣିଷ ଶରୀରରେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। ଚାଷୀ ନିଜେ ମଧ୍ୟ ଏହି ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହେଉଛି । ଆଜିକାଲି ଚାଷୀମାନେ ଦେଶୀ ବିହନ ଚାଷ କରୁନାହାନ୍ତି। କାରଣ ଏହା କମ୍ ଅମଳ ଦେଇଥାଏ। କିନ୍ତୁ ଏହି ଦେଶୀ ବିହନରେ ଅଧିକ ସାର କିମ୍ବା କୀଟନାଶକ ଦରକାର ହୋଇ ନ ଥାଏ। କେବଳ ଜୈବିକ ସାର ପ୍ରୟୋଗରେ ଏହା ଉତ୍ପନ୍ନ ହୋଇଥାଏ। ଏହା ଶରୀର ପାଇଁ ବହୁ ଲାଭଦାୟକ। ବର୍ତ୍ତମାନର ଯୁଗ ହେଲା ହାଇବ୍ରିଡ୍‌ର ଯୁଗ। ହାଇବ୍ରିଡ୍ ବିହନ ଚାଷକଲେ ଅଧିକ ଅମଳ ହୋଇଥାଏ। ତେଣୁ ସବୁ ଚାଷୀ ହାଇବ୍ରିଡ୍ ମୁହାଁ ହୋଇଛନ୍ତି।

ଫଳ ବଜାରରେ ଦେଖାଯାଏ ଫଳଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଉଛି। କଦଳୀ ପାଚିବା ପାଇଁ କେମିକାଲ ଦିଆଯାଉଛି। କଦଳୀ ପାକଳ ହୋଇ ନ ଥିବ ,କିନ୍ତୁ କେମିକାଲ ଦେଇ ସେଗୁଡ଼ିକୁ ପଚାଇ ଦିଆଯାଏ। ଫଳକୁ ସତେଜ ରଖିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରାଯାଉଛି। ଆମ୍ବକୁ ମଧ୍ୟ କେମିକାଲ ଦେଇ ପଚାଯାଏ। ଏସବୁ ଫଳ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ଏହା ମଣିଷ ଶରୀରରେ ସ୍ଲୋ ପଏଜନ ହିସାବରେ କାମକରେ।

ମାଛମାଂସ କଥା ଯଦି ଦେଖିବା ସେଇ ସମାନ ଅବସ୍ଥା। ମାଛରେ ଫର୍ମାଲିନ୍‌ର ପ୍ରୟୋଗ କରି ସତେଜ ରଖାଯାଉଛି। ଯେଉଁ ଫର୍ମାଲିନ୍‌କୁ ଶବ ସଂରକ୍ଷଣରେ ବ୍ୟବହାର କରାଯାଏ ସେହି ଫର୍ମାଲିନ୍ ଆମେ ଖାଉଥିବା ମାଛରେ ବ୍ୟବହାର କରାଯାଉଛି। ନଦୀ କିମ୍ବା ପୋଖରୀର ସତେଜ ମାଛ ଆଉ ଖାଇବାକୁ ମିଳୁନାହିଁ। ଯଦି ବି କେତେବେଳେ ନଦୀ କିମ୍ବା ପୋଖରୀର ସତେଜ ମାଛ ମିଳୁଛି ,ତାହା ବ୍ୟବସାୟୀମାନେ ନେଇଯାଇ ତାକୁ ବରଫରେ ରଖି କିମ୍ବା ଫର୍ମାଲିନ୍ ପ୍ରୟୋଗକରି ଅନେକ ଦିନ ଧରି ବିକ୍ରି କରୁଛନ୍ତି। ବଡ଼ ବଡ଼ ନଦୀରେ ଡିନାମାଇଟ୍ ବ୍ୟବହାରକରି ମାଛ ମରାଯାଉଛି। ସେହି ମଲାମାଛକୁ ବିକ୍ରି କରାଯାଏ। ସେହିପରି ଚିକେନ୍ ଓ ମଟନ କଥା ଯଦି ଦେଖିବା, ତାହା ମଧ୍ୟ କୃତ୍ରିମ ପଦ୍ଧତିରେ ପ୍ରସ୍ତୁତ କରାଯାଉଛି। ଚିକେନ୍‌ଗୁଡ଼ିକୁ ଇଞ୍ଜେକସନ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି। ମଟନ ମଧ୍ୟ ସେହିଭଳି ହାଇବ୍ରିଡ୍ ଛେଳି ପାଳନକରି କମ୍ ଦିନ ମଧ୍ୟରେ ବହୁ ପରିମାଣରେ ମାଂସ ମିଳିପାରୁଛି। ଏଗୁଡ଼ିକ କୃତ୍ରିମ ଉପାୟରେ ଚାଷ କରାଯାଉଥିବାରୁ ଏଗୁଡ଼ିକର ମାନ ଭଲ ନ ଥାଏ । ଆଗରୁ ଯେଉଁ ଦେଶୀ ଖାସି ମାଂସ କିମ୍ବା ଦେଶୀ ଚିକେନ ମିଳୁଥିଲା, ତାହା ଆଉ ବେଶି ମିଳୁନାହିଁ। କ୍ୱଚିତ ମିଳୁଛି।

ଏବେ ଯିବା ତେଜରାତି ଜିନିଷ ମିଳୁଥିବା ବଜାରକୁ। ପ୍ରାୟ ସବୁ ତେଜରାତି ଜିନିଷ ବର୍ତ୍ତମାନ ଅପମିଶ୍ରଣ ହେଉଛି । ଖାଇବା ତେଲ, ଅଟା, ସୁଜି, ମଇଦା, ଚିନି ଇତ୍ୟାଦି ଜିନିଷ ଆଉ ଭଲ ମିଳୁନାହିଁ । ଆଗରୁ ୧ ଚାମଚ ଚା' ପତି ପକାଇଲେ ହାରାହାରି ୨କପ ଚା' ତିଆରି ହୋଇପାରୁଥିଲା । କିନ୍ତୁ ବର୍ତ୍ତମାନର କପେ ଚା' ପାଇଁ ୨ଚାମଚ ଚା'ପତି ଦରକାର ପଡୁଛି । ତେଲର କୌଣସି ବାସନା ରହୁନାହିଁ । ସୋରିଷ ତେଲକୁ ମୁଢ଼ିରେ ଗୋଳାଇ ଦେଲେ କେତେ ସୁନ୍ଦର ବାସନା ହେଉଥିଲା ଏବଂ ସେହି ବାସନାରେ ଖାଦ୍ୟ ରୁଚିକର ହେଉଥଲା । କେତେ ରକମର ଅଟା ବଜାରରେ ମିଳୁଛି । କିନ୍ତୁ କୌଣସି ଅଟା ବିଶୁଦ୍ଧ ଜଣାପଡୁନାହିଁ । ଅନେକ କମ୍ପାନୀ ପ୍ରତିଯୋଗିତାମୂଳକ ଭାବରେ ନିଜ ନିଜ ପ୍ରଚାର ମାଧ୍ୟମରେ ନିଜର ସାମଗ୍ରୀ କିପରି ଅଧିକ ବିକ୍ରିହେବ ସେହି ଚେଷ୍ଟାରେ ଲାଗିପଡ଼ିଛନ୍ତି । ଜିନିଷର ମାନକୁ କେହି ଦେଖୁ ନାହାନ୍ତି । ନିଜର ଲାଭକୁ ସମସ୍ତେ ଦେଖୁଛନ୍ତି । ଖାଉଟିମାନେ ମଧ୍ୟ ଜିନିଷର ମାନକୁ ପରୀକ୍ଷା ନ କରି ଶସ୍ତାରେ ମିଳୁଥିବା ଜିନିଷ ନେଇଆସନ୍ତି । ବେଳେ ବେଳେ ଖାଉଟି ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି।

ଔଷଧ କଥା ନ କହିବା ଭଲ। ଔଷଧଗୁଡ଼ିକ ମଧ୍ୟ ଆଗ ଭଳି କାମ କରୁନାହିଁ। ଆଗରୁ ୪ ଏମ୍‌ଜି ପାରାସିଟାମଲ ଖାଇଲେ ଜ୍ୱର ଛାଡୁଥିଲା, ଏବେ କିନ୍ତୁ ୬ ଏମ୍‌ଜି ଖାଇଲେ ମଧ୍ୟ ଜର ଛାଡୁନାହିଁ। ଯେଉଁ ରୋଗ ଦିନେ ଦୁଇ ଦିନରେ ଭଲ ହେବା କଥା ତାହା ୫ରୁ୬ ଦିନ ଲାଗୁଛି। ସାଧାରଣ ଭାଇରାଲ ଜର ହେଲେ ୧୦ ଦିନ ପର୍ଯ୍ୟନ୍ତ ଛାଡୁନାହିଁ। ଅବଶ୍ୟ ଦିନକୁଦିନ ମଣିଷ ଶରୀରର ରେଜିଷ୍ଟାନ୍ସ ମଧ୍ୟ ବଢ଼ିଯାଉଛି। ହେଲେ ମଧ୍ୟ ଔଷଧର ଅନେକ କମ୍ପାନୀ ନିମ୍ନମାନର ଔଷଧ ବଜାରକୁ ଛାଡୁଛନ୍ତି।

ଏହିଭଳି ଭାବରେ ଯଦି ଦେଖିବା ବର୍ତ୍ତମାନ ବଜାର ସାରା ବିଷମୟ ହୋଇଗଲାଣି । ଅନେକ କମ୍ପାନୀ ନିଜର ସ୍ୱାର୍ଥ ସାଧନ ପାଇଁ ମଣିଷ ଜୀବନ ସହ ଖେଳୁଛନ୍ତି । ତେଣୁ ଜିନିଷ ଖରିଦ କଲା ବେଳେ ବୁଝିବିଚାରି କିଣିବା ଉଚିତ। ବିଷ ବଜାରରୁ ଅମୃତ ମିଳିବା ଅସମ୍ଭବ ହେଲେ ମଧ୍ୟ ପରିମାଣ ତ କମାଇହେବ ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**



## ଏଇ ଭାରତରେ

ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାରେ ସବୁଜ ଶକ୍ତି ବା ଇନ୍ଧନର ଅଧିକ ଭୂମିକା ରହିଛି। ଏହାକୁ ଜୀବାଶ୍ମ ଇନ୍ଧନର ବିକଳ୍ପ ବୋଲି ବିଚାର କରାଯାଉଛି। ତେବେ ଆଇଆଇଟି ମାଡ୍ରାସ୍‌ର ୪ ଜଣ ପୁରାତନ ଛାତ୍ର ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ଏଥିପାଇଁ ସେମାନେ ପ୍ରତିଷ୍ଠା କରିଛନ୍ତି ସି-୬ ଏନର୍ଜୀ ଫାଉଣ୍ଡେଶନ ପ୍ରାଇଭେଟ ଲିମିଟେଡ୍ । ନେଲ୍‌ସନ ଭାଡ୍‌ସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ସେମାନେ ସମୁଦ୍ରରେ ଶୈବାଳ ଚାଷ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି। ଏହି ଶୈବାଳରୁ ବାୟୋଫୁଏଲ ପ୍ରସ୍ତୁତ ହେଉଛି ଓ ଏହି ପ୍ରକ୍ରିୟାରେ ଖୁବ୍ କମ୍ କାର୍ବନ ଡାଇଅକ୍ସାଇଡ ଗ୍ୟାସ ନିର୍ଗମନ ହେଉଛି ଏବଂ ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ପକ୍ଷରୁ ଆର୍ଥିକ ସହଯୋଗ ମିଳୁଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ମଧ୍ୟ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଜୁଲାଇ ୧୯୭୬**

- ଓଡ଼ିଶା, ମେଘାଳୟ ଓ ଉତ୍ତର ପ୍ରଦେଶର ୩ଟି ବିଲ୍‌କୁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ଅହମ୍ମଦଙ୍କ ସ୍ୱୀକୃତି ପ୍ରଦାନ।
- ଭୁବନେଶ୍ୱର ବିମାନଘାଟିରେ କଲିକତାରୁ ଆସୁଥିବା ଇଣ୍ଡିଆନ ଏୟାରଲାଇନ୍ସର ଗୋଟିଏ ଫକର ଫ୍ରେଣ୍ଡସିପ ବିମାନଟି ଓଦାଳିଆ ମାଟିରେ ଅବତରଣ କଲାବେଳେ ଗୁରୁତର କ୍ଷତିଗ୍ରସ୍ତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | | | | 3 |
| | 1 | | | 2 | 3 | | | |
| 4 | | 7 | | | | | 8 | |
| | 9 | | 5 | | | | 3 | 1 |
| | | 5 | | | 1 | | | |
| | | | 4 | | 2 | | | 9 |
| | | | | 6 | | 7 | 1 | |
| | | | 2 | | 4 | | | 5 |
| | | | 3 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 8 | 1 | 7 | 3 | 2 | 9 |
| 7 | 3 | 1 | 5 | 2 | 9 | 6 | 8 | 4 |
| 8 | 2 | 9 | 4 | 6 | 3 | 7 | 5 | 1 |
| 3 | 4 | 6 | 1 | 7 | 5 | 2 | 9 | 8 |
| 9 | 5 | 7 | 2 | 8 | 4 | 1 | 3 | 6 |
| 1 | 8 | 2 | 9 | 3 | 6 | 4 | 7 | 5 |
| 6 | 1 | 8 | 3 | 5 | 2 | 9 | 4 | 7 |
| 2 | 7 | 4 | 6 | 9 | 8 | 5 | 1 | 3 |
| 5 | 9 | 3 | 7 | 4 | 1 | 8 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯାଉ

ମହାଶୟ,

କୌଣସି ଉତ୍ସବାନୁଷ୍ଠାନରେ ଡାକବାଜି ଯନ୍ତ୍ର ବ୍ୟବହାର କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପାଖରୁ ଅନୁମତିପତ୍ର ଆଣିବାକୁ ପଡ଼ିଥାଏ। ଅନୁମତିପତ୍ରରେ ଇଂଲିଶରେ 'ନୋ ଡିଜେ' ବୋଲି ମୋହର ମରାଯାଇଥାଏ। ଏହାର ଅର୍ଥ ଅନୁମତିପ୍ରାପ୍ତ ଡାକବାଜି ଯନ୍ତ୍ର ବ୍ୟତୀତ ଡି.ଜେ. ବଜାଯାଇପାରିବ ନାହିଁ। ମାତ୍ର ବରଯାତ୍ରୀ ଶୋଭାଯାତ୍ରା, ଭସାଣିରେ ଡିଜେର ଛାତିଫଟା ଶବ୍ଦ ଘରର କାନ୍ଥ ବାଡ଼ ଇତ୍ୟାଦି ଥରିବା ଆରମ୍ଭ କରିଥାଏ। ଉକ୍ତ କର୍କଶ ଜୀବନାଶକାରୀ ଶବ୍ଦର ତାଳେ ତାଳେ ମତୁଆଲା ହୋଇ ଯୁବକମାନେ ସ୍ଥଳ ବିଶେଷରେ ମହିଳା ଓ ଯୁବତୀମାନେ ନୃତ୍ୟ କରିଥାନ୍ତି। ତେବେ ଏହି ଶବ୍ଦରେ ବୟସ୍କ ବ୍ୟକ୍ତି, ରୋଗୀ କି ପ୍ରକାର କଷ୍ଟ ପାଉଥାନ୍ତି ଏହା ସମସ୍ତଙ୍କୁ ଜଣା। ହେଲେ ଏହାକୁ ବିରୋଧ କରି କେହି ଶତ୍ରୁ ହେବା ପାଇଁ ଚାହିଁ ନ ଥା'ନ୍ତି। ଡିଜେ ଶବ୍ଦରେ ଜୀବନ ମଧ୍ୟ ଚାଲିଯିବା ଖବର ରହିଛି। ତେବେ ଶୋଭାଯାତ୍ରା ଯିବା ସମୟରେ ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିଲେ ମଧ୍ୟ ସବୁ ଚୁପ୍ ରହିଥାନ୍ତି। ସରକାରଙ୍କୁ ନିବେଦନ ସାରା ଓଡ଼ିଶାର ଏହି ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଅବଜ୍ଞାକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ।

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ରରମ୍ଭା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଥା ନ ଫୁଟିବ ମୁଖୁ
ନୀରବେ ସମ୍ଭାଳି ବୁକୁ
ରଚିବା ନିଶ୍ଚଳ ଏକ ନୀରବ ରାଇଜ,
ସବୁ ଅଚଞ୍ଚଳ ସ୍ଥିର
ନାହିଁ ଗୀତ ନାହିଁ ଗୀର
ରତ ଯହିଁ ସକଳେ ଗୋ ଧ୍ୟାନେ ନିଜ ନିଜ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା, ଦେଢ଼ କୋଟି ଟଙ୍କା

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର,୨୫।୭(ପବନ ପାଣିଗ୍ରାହୀ)

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ପ୍ରାୟ ଦେଢ଼କୋଟି ଟଙ୍କା। ୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଫସିଗଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ତେବେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ଓ କଳା ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରାମଚନ୍ଦ୍ରଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଜୟପୁରସ୍ଥିତ ଅଫିସ ଚାମ୍ବର ଓ ଜୟପୁର ଟାଉନସ୍ଥିତ ଶ୍ୱଶୁର ଘର ଓ ବାସଭବନ ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ରାମଚନ୍ଦ୍ରଙ୍କ ବହୁ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ରାମଚନ୍ଦ୍ରଙ୍କ କୋରାପୁଟ ଜିଲା ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ପ୍ରାୟ ୪ହଜାର ବର୍ଗଫୁଟ ଅଞ୍ଚଳରେ ଏକ ୩ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ମିଳିଛି। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା ଜବତ ହୋଇଛି। ଜୟପୁରସ୍ଥିତ ଫ୍ଲାଟ୍‌ର ସିକ୍ରେଟ୍ ଟ୍ରେଜେରିରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ମିଳିଥିବା ବେଳେ ଜୟପୁର ଟାଉନସ୍ଥିତ ବାସଭବନରୁ ୪ ଲକ୍ଷ ୪୪ ହଜାର ଟଙ୍କା ମିଳିଛି। ସେହିପରି ଘରୁ ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଛି। ଏଥିରେ ୧୦ ଗ୍ରାମର ୧୬ଟି ସୁନା ବିସ୍କୁଟ, ଏକାଧିକ ସୁନା କଏନ୍ ଓ ବିଭିନ୍ନ ଅଳଙ୍କାର ରହିଛି। ଜୟପୁର ଟାଉନ୍‌ରେ ଦୁଇଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଛି। ତେବେ ରାମଚନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୪ଟି ବ୍ୟାଙ୍କରେ ୧୦ ଆକାଉଣ୍ଟ ଥିବା ବେଳେ ଏସବୁରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ରହିଛି। ରାମଚନ୍ଦ୍ରଙ୍କ ଘରୁ ଦୁଇଟି ଚାରିଚକିଆ ଯାନ (କିଆ କାରେନ୍ସ ଓ ଟାଟା ଏସିଇ) ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଛି। ସେହିପରି ୧୫.୫୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମଧ୍ୟ ଠାବ ହୋଇଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଚଢ଼ାଉ ଓ ଯାଞ୍ଚରେ ଭିଜିଲାନ୍ସର ୬ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୯ ଜଣ ଏସ୍‌ଆଇ/ଏଏସ୍‌ଆଇ ଓ ଅନ୍ୟ ସହାୟକ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଯାଞ୍ଚ ଜାରି ରହିଥିବାରୁ ରାମଚନ୍ଦ୍ରଙ୍କ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବନୀକରଣ ଏବଂ ବୃକ୍ଷରୋପଣରେ ଦୁର୍ନୀତି କରି ରାମଚନ୍ଦ୍ର ଏହି ବେଆଇନ ସମ୍ପତ୍ତିର ସାମ୍ରାଜ୍ୟ ଛିଡ଼ା କରିଥିବା ଭିଜିଲାନ୍ସରେ ଚର୍ଚ୍ଚା ହେଉଛି।




## କୋରାପୁଟ ଜିଲାରେ ଥିଲେ ୩୬ ବର୍ଷ

ଡେପୁଟି ରେଞ୍ଜର ରାମଚନ୍ଦ୍ର ନେତା ଓ ବଡ଼ ଅଧିକାରୀଙ୍କୁ ହାତରେ ରଖି ଗୋଟିଏ ଜିଲାରେ ପୂରା ଚାକିରି କାଳ କଟାଇଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ୧୯୮୯ ମସିହା ମାର୍ଚ୍ଚ ୯ରେ କୋରାପୁଟ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ୍‌ର ସୋସିଆଲ ଫରେଷ୍ଟ୍ରିରେ ଗ୍ରାମ ବନକର୍ମୀ (ଭିଲେଜ୍ ଫରେଷ୍ଟ ୱାର୍କର) ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ଜୟପୁର ବନ(ଟେରିଟୋରିଆଲ୍) ଖଣ୍ଡରେ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ ମିଶିବା ପରେ ରାମଚନ୍ଦ୍ର ଏଠାକୁ ଆସିଥିଲେ। ବର୍ତ୍ତମାନ ରାମଚନ୍ଦ୍ର ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରହିବା ସହ ଭାରପ୍ରାପ୍ତ ରେଞ୍ଜର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ମାସକୁ ନେଟ୍ ଦରମା ୬୯ ହଜାର ୬୮୦ ଟଙ୍କା ଓ ଗ୍ରସ୍ ଦରମା ୭୬ ହଜାର ୮୮୦ ରହିଛି। ତେବେ ରାମଚନ୍ଦ୍ରଙ୍କ ଚାକିରିକୁ ୩୬ ବର୍ଷ ୪ ମାସ ହୋଇଥିବାବେଳେ ଚଳିତବର୍ଷ ଡିସେମ୍ବରରେ ସେ ଅବସର ନେଇଥାନ୍ତେ ବୋଲି ସୂଚନା ମିଳିଛି।

# ବାପଘର ଲୋକଙ୍କୁ ଖାଦ୍ୟରେ ବିଷ ଦେଇଦେଲେ ଝିଅ

ଦଶରଥପୁର,୨୫।୭ (ସୁଶାନ୍ତ କୁମାର ବେହୁରିଆ)

- ଶିଶୁକନ୍ୟାଙ୍କ ସମେତ ୬ ଗୁରୁତର
- ପାରିବାରିକ କଳହ ନେଇ ୨ ଦିନ ତଳେ ଥାନାରେ ହୋଇଥିଲା ଅଭିଯୋଗ

ପାରିବାରିକ କଳହକୁ ନେଇ ଯାଜପୁର ଜିଲା ମଙ୍ଗଳପୁର ଥାନା କନିକାପଡ଼ା ଗ୍ରାମରେ ଜଣେ ବିବାହିତା ଝିଅ ତାଙ୍କ ବାପଘର ଲୋକଙ୍କ ଖାଦ୍ୟରେ ବିଷ ମିଶାଇ ଦେଇଛନ୍ତି। ବିଷମିଶା ଖାଦ୍ୟ ଖାଇ ପରିବାରର ୬ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ପାରିବାରିକ କଳହ ନେଇ ୨ ଦିନ ପୂର୍ବରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ବିଷାକ୍ତ ଖାଦ୍ୟ ଖାଇବା ପରେ ପ୍ରଥମେ ଅଢେଇ ବର୍ଷର ଶିଶୁ କନ୍ୟାଙ୍କ ସହ ଆଉ ଜଣେ ଯୁବକଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସେମାନଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିଲା। ମାତ୍ର କିଛି ସମୟ ପରେ ପରିବାରର ସମସ୍ତଙ୍କ ଅବସ୍ଥା ଏହିପରି ହେବାରୁ ଏକ ଗାଡ଼ିରେ ସମସ୍ତଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ଡାକ୍ତର ଚିକିତ୍ସା କରିବା ପରେ ବିଷାକ୍ତ ଖାଦ୍ୟ ଯୋଗୁ ଏମିତି ହୋଇଥିବା ଜଣାପଡ଼ିଥିଲା।

ଅଭିଯୋଗ ଅନୁଯାୟୀ, ୬ ମାସ ତଳେ ଜଣେ ଯୁବତୀ ବିବାହ ଠିକ୍ ହୋଇଥିଲା। କିନ୍ତୁ ସେ ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର ଜଣେ ପୁଅ ସହିତ ପ୍ରେମ ବିବାହ ପାଇଁ ଘର ଛାଡ଼ି ପଳାଇଯାଇଥିଲେ। ଯିବା ସମୟରେ ଘରୁ ସୁନା, ଟଙ୍କା, ସ୍କୁଟର ସହ ଅନ୍ୟାନ୍ୟ ଜିନିଷ ସାଥିରେ ନେଇଯାଇଥିଲେ। ଏହାକୁ ପରିବାର ଲୋକ ବିରୋଧ କରିଥିଲେ। ମାତ୍ର ତାଙ୍କ ବାପାଙ୍କ ଅନ୍ୟ ସମ୍ପର୍କୀୟ ଭାଇମାନେ ଝିଅଜ୍ୱାଇଁଙ୍କୁ ଆଣି ସେମାନଙ୍କ ପାଖରେ ରଖିଥିଲେ। ଏହାପରେ କଳହ ଲାଗିରହୁଥିଲା। ୨ ଦିନ ତଳେ କଳହ ସହ ମାରପିଟ ହୋଇଥିଲା। ଏନେଇ ମଙ୍ଗଳପୁର ଥାନାରେ ୨ଟି ଅଭିଯୋଗ ହୋଇଥିଲା। ବିବାହିତ ଝିଅ ଜଣକ ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଜୀବନରୁ ହତ୍ୟା କରିବାକୁ ଧମକ ଦେଉଥିଲେ। ଶୁକ୍ରବାର ସମ୍ପୃକ୍ତ ଯୁବତୀଙ୍କ ମା’ ଭାତ, ଡାଲି, ତରକାରି, ଶାଗ ଭଜା ଆଦି ଘର ସାମ୍ନାରେ ରୋଷେଇ କରିଥିଲେ। ଏହି ସମୟରେ ତାଙ୍କ ବିବାହିତ ଝିଅ ଜଣକ ନିକଟରେ ବୁଲିବା ସହିତ ଗାଳିଗୁଲଜ କରୁଥିଲେ। କୌଣସି ସମୟରେ ମା’ ଘର ଭିତରକୁ ଯାଇଥିବାବେଳେ ବିବାହିତା ଝିଅ ଖାଦ୍ୟରେ ବିଷ ମିଶାଇ ଦେଇଥିବା ତାଙ୍କ ଅନ୍ୟ ଜଣେ ଭଉଣୀ ଅଭିଯୋଗ କରିଛନ୍ତି। ସମସ୍ତ ସଦସ୍ୟ ହସ୍ପିଟାଲରେ ଥିବାରୁ ସେ ଥାନାରେ ଅଭିଯୋଗ କରିପାରିନାହାନ୍ତି ବୋଲି କହିଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ

## ବଦଳିରେ ରହୁନି ସ୍ୱଚ୍ଛତା

ଭୁବନେଶ୍ୱର,୨୫।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ହେଲେ କେତେକ କ୍ଷେତ୍ରରେ ବଦଳିରେ ସ୍ୱଚ୍ଛତା ରହୁ ନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କେତେବେଳେ ଅତିରିକ୍ତ ସଚିବ ପାହ୍ୟା ଅଧିକାରୀଙ୍କୁ କମିଶନର ପାହ୍ୟା ଦିଆଯାଉଛି ତ ଆଉ କେତେବେଳେ ନିର୍ଦ୍ଦେଶକ ପାହ୍ୟା ଅଧିକାରୀଙ୍କୁ ସଚିବ ଦାୟିତ୍ୱ ଦିଆଯାଉଛି। ସବୁଠାରୁ ବଡ଼କଥା ହେଲା, ସକାଳ ନିର୍ଦ୍ଦେଶନାମା, ରାତିରେ ବାତିଲ ହେବା ନ୍ୟାୟରେ ୨୪ ଘଣ୍ଟାରେ ବଦଳିବିଜ୍ଞପ୍ତି ବାତିଲ୍ ହେଉଛି।

୨୦୨୩ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଶିବ ମାଲବ୍ୟଙ୍କୁ ଗୁରୁବାର ସାଧାରଣ ପ୍ରଶାସନ ବିଜ୍ଞପ୍ତିରେ ଆନନ୍ଦପୁର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଥିଲା। ହେଲେ ଶୁକ୍ରବାର ଉକ୍ତ ନିର୍ଦ୍ଦେଶକୁ ବାତିଲ କରାଯାଇ ମାଲବ୍ୟଙ୍କୁ ବାଲେଶ୍ୱର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୪ ତାରିଖରେ ଚାର୍ଲେସ ନାୟକଙ୍କୁ ବାଲେଶ୍ୱର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ତାଙ୍କ ବଦଳି ନିର୍ଦ୍ଦେଶନାମା ବାତିଲ କରାଯାଇ ଶୁକ୍ରବାର ବୌଦ୍ଧ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି।

ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଶିବୋ ନାରାୟଣ ସାହୁଙ୍କୁ ଉକ୍ତ କାର୍ଯ୍ୟାଳୟରେ ଉପ ମହାନିର୍ଦ୍ଦେଶକ(ପ୍ରଶାସନ) ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସୁଧାକର ଶବରଙ୍କୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୁଷମା ବାରିକଙ୍କୁ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଭାତ କୁମାର ମହାପାତ୍ରଙ୍କୁ ଓଏସ୍‌ସିଏସ୍‌ସି ଲିମିଟେଡ୍‌ର ମହାପ୍ରବନ୍ଧକ, ରବୀନ୍ଦ୍ର କୁମାର ସେଠୀଙ୍କୁ କେବିକେ ଯୁଗ୍ମ ପ୍ରଶାସକ, ବବିତାରାଣୀ ଦଳବେହେରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ସଚିବ, ସଞ୍ଜୟ କୁମାର ପ୍ରତିହାରୀଙ୍କୁ ଅତିରିକ୍ତ ଜେଲ ଆଇଜି ଭାବେ ଜେଲ ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି ସୂର୍ଯ୍ୟସ୍ମିତା ସାହୁଙ୍କୁ ବୟନିକା ଜେନେରାଲ ମ୍ୟାନେଜର ତଥା ସଚିବ ଭାବରେ ନିଯୁକ୍ତ କରାଯାଇଥିବାବେଳେ ତରଣୀ ସୁନାଙ୍କୁ ବଲାଙ୍ଗୀର ଜିଲାପରିଷଦ ସିଡିଓ ତଥା ଇଓ ଭାବେ, ନୂପୁର ଚାନ୍ଦଗୋଠିଆଙ୍କୁ ପୂର୍ତ୍ତ ବିଭାଗ ଉପସଚିବ, ଶରତ ମାଝୀଙ୍କୁ ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ, ମୋନାଲିସା ପଣ୍ଡାଙ୍କୁ ଅନୁସୂଚିତ ଜାତି, ଜନଜାତି ବିଭାଗ ଉପସଚିବ, ଶ୍ୟାମଳ କୁମାର ରାୟଙ୍କୁ ଓରେରାର ଉପସଚିବ, କ୍ଷିତିଶ ବେହେରାଙ୍କୁ ଯାଜପୁରସ୍ଥିତ ସରକାରୀ ମେଡିକାଲ କଲେଜ(ଏମ୍‌ଜେକେ)ର ପ୍ରଶାସନିକ ଅଧିକାରୀ ଏବଂ ଜୟଦେବ ଦାସଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ପଦ୍ମନାଭ ସାମନ୍ତରାୟଙ୍କୁ ଟିଟିଲାଗଡ଼ ଉପଜିଲାପାଳ ଭାବେ ଏବଂ କୋମନା ବିଡିଓ ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଉପଜିଲାପାଳ ଭାବେ ବଦଳି କରାଯାଇଛି। ଏହାବାଦ୍ ଉପଜିଲାପାଳ ସୁନ୍ଦରଗଡ଼ ଦାଶରଥି ସରବୋଙ୍କୁ ବ୍ରହ୍ମପୁର ଆର୍‌ଆଇସି ରେଜିଓନାଲ ମ୍ୟାନେଜର ଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଏଡିଏମ୍ ଭଳି ୧୦ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
DRIVER
(PERSONAL)
At - Phulanakhara, Cuttack
Khaiba + Rahiba Free
Salary : 12500/-
MOB : 7809525452

WANTED
ଭୁବନେଶ୍ୱରରେ ଏକ ଘରୋଇ Car/School Bus ଚଳାଇବାପାଇଁ ଅଭିଜ୍ଞ, ଶିକ୍ଷିତ ଡ୍ରାଇଭର ଆବଶ୍ୟକ।
- ଯୋଗାଯୋଗ -
9861326975 / 9853538772

Requirement
Sales Manager-2 nos.
2 year Exp. in Solar Sector
Salary -22k to 28k+ Incentive
Sales Executive -5 nos. (M&F)
Min. 2 year Exp. in Sales.
Salary-15k to 18k + Incentive
Interview Date - 28/07/2025 (MONDAY)
Contact No- 9124614403.
Saura SHAKTI ENTERPRISE Private Limited
SAURASHAKTI ENTERPRISES PRIVATE LIMITED
ID Market, Nayapalli, Bhubaneswar.

We're HIRING
BUSINESS DEVELOPMENT MANAGER
& BUSINESS DEVELOPMENT EXECUTIVE (MALE)
- COMPANY -
SST DEVELOPERS
A Leading Real Estate Company
Location : Flat No. 2001, 2nd Floor, Laxmi Priya Twin City, Pahal, Bhubaneswar
Age : 30 to 35 years / Qualification : MBA in Marketing
Experience : Minimum 5 years in real estate or relevant field
Salary : ₹ 20,000 to ₹ 30,000 per month
(Based on experience & performance)
INTERESTED CANDIDATES CAN CALL : 9777699900

# ହାଇଦ୍ରାବାଦ: ଆପାର୍ଟମେଣ୍ଟରୁ ଡେଇଁ ଓଡ଼ିଆ ଛାତ୍ରୀଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୫।୭ (ବାବୁଲା ପ୍ରଧାନ)


ଛାତ୍ରୀଙ୍କ ପରିବାର ରହୁଥିବା ଆପାର୍ଟମେଣ୍ଟ।

**ବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ**

ହାଇଦ୍ରାବାଦର ମୀରାପୁର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଓଡ଼ିଆ ମେଧାବୀ ଛାତ୍ରୀ ଗୁରୁବାର ପରିବାର ସହ ରହୁଥିବା ଆପାର୍ଟମେଣ୍ଟର ୫ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିମାସରେ ମାଟ୍ରିକ ପରୀକ୍ଷା ପାଇଁ ବିଦ୍ୟାଳୟରେ ହେଉଥିବା ପରୀକ୍ଷା ଦେବାରୁ ଛାତ୍ରୀଙ୍କୁ ବଞ୍ଚିତ କରିବା ଯୋଗୁ ଏଥିରେ ମର୍ମାହତ ହୋଇ ସେ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି। ମୃତା ଛାତ୍ରୀଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମରେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ ଏବଂ ଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଆଲୋଚନା ପରେ ଛାତ୍ରୀଙ୍କ ମୃତଦେହ ଅନ୍ତିମ ସତ୍କାର କରାଯିବାକୁ ସ୍ଥିର ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଆପାର୍ଟମେଣ୍ଟରେ ପହଞ୍ଚିଛି।

ଘଟଣାରୁ ପ୍ରକାଶ, ସମ୍ପୃକ୍ତା ଛାତ୍ରୀ ଜଣକ ଜଣେ ମେଧାବୀ ଥିଲେ। ସେ ନବମ ଶ୍ରେଣୀରେ ୯୮ ପ୍ରତିଶତ ମାର୍କ ରଖି ପାସ୍ କରିଥିଲେ। ବର୍ତ୍ତମାନ ସେ ଦଶମ ଶ୍ରେଣୀରେ ପଢୁଛନ୍ତି। ଗୁରୁବାର ବିଦ୍ୟାଳୟର ଦଶମ ଶ୍ରେଣୀ ପାଇଁ ମାସିକ ପରୀକ୍ଷା ହେଉଥିଲା। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀ ଜଣଙ୍କୁ କେତେକ କାରଣ ଦର୍ଶାଇ ପରୀକ୍ଷା ହଲ୍‌କୁ ଛାଡ଼ି ନ ଥିଲେ। ଏହାକୁ ନେଇ ଛାତ୍ରୀ ଜଣକ ଅପମାନିତ ମନେକରିଥିଲେ। ପରେ ଘରକୁ ଆସି ସେ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ମୋର ଏହି ବର୍ଷ ମାଟ୍ରିକ ପରୀକ୍ଷା। ମୋତେ ପରୀକ୍ଷା ହଲ୍‌କୁ ଯିବାକୁ ସ୍କୁଲ କର୍ତ୍ତୃପକ୍ଷ ଦେଲେ ନାହିଁ। ମୋ ଭବିଷ୍ୟତ କ’ଣ ହେବ ବୋଲି ଛାତ୍ରୀ ଜଣକ ବାପାଙ୍କୁ କହିଥିଲେ। ବାପା ତାଙ୍କୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇ ମୁଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ କଥା ହେବି ବୋଲି କହିଥିଲେ। ଏହାର କିଛି ସମୟ ପରେ ଗୁରୁବାର ଅପରାହ୍ନ ୧ଟାରେ ସେମାନେ ରହୁଥିବା ଘରର ଛାତରୁ ଡେଇଁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିଲେ। ତାଙ୍କ ଆତ୍ମହତ୍ୟା ଖବର ଏଠାରେ ପହଞ୍ଚିବା ପରେ ଭଞ୍ଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉମା କାଞ୍ଜିଲାଲ ଇଗ୍ନୁର ପ୍ରଥମ ମହିଳା କୁଳପତି



ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ପ୍ରଥମ ମହିଳା କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ ବିଗତ ପ୍ରାୟ ଏକବର୍ଷ ଧରି ଇଗ୍ନୁର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ମାର୍ଚ୍ଚ ୨୦୨୧ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଇଗ୍ନୁର ପ୍ରୋ-କୁଳପତି ଥିଲେ। ପ୍ରଫେସର କାଞ୍ଜିଲାଲ ଏହା ପୂର୍ବରୁ ଇଗ୍ନୋର ଅନ୍‌ଲାଇନ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ମଧ୍ୟ ରହିଛନ୍ତି ବୋଲି ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି



## କାର୍‌ଗିଲ ବିଜୟ ଦିବସ

ଭାରତୀୟ ସାମରିକ ଇତିହାସର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ବିଜୟ ଭାବେ କାର୍‌ଗିଲ ବିଜୟ ପରିଗଣିତ। ୧୯୯୯ରେ ଏହି ଯୁଦ୍ଧର ବିଜୟକୁ ସ୍ମରଣୀୟ କରାଇବା ଲାଗି ପ୍ରତିବର୍ଷ ଜୁଲାଇ ୨୬ରେ ପାଳିତ ହେଉଛି କାର୍‌ଗିଲ ବିଜୟ ଦିବସ। ଏହି ଦିବସଟି ଭାରତୀୟ ସୈନିକଙ୍କ ଅତୁଳନୀୟ ସାହସ ଏବଂ ବଳିଦାନ ପ୍ରତି ଏକ ଗଭୀର ଶ୍ରଦ୍ଧାଞ୍ଜଳି।

୧୯୯୯ରେ ପାକିସ୍ତାନୀ ସେନା କାର୍‌ଗିଲ ସେକ୍ଟରର ନିୟନ୍ତ୍ରଣ ରେଖା ଡେଇଁ ଭାରତରେ ଅନୁପ୍ରବେଶ କରିଥିଲା। ଏହା ମେ’ ମାସରେ ଜଣାପଡ଼ିବା ପରେ ଆରମ୍ଭ ହୋଇଥିଲା ଯୁଦ୍ଧ। ‘ଅପରେଶନ ବିଜୟ’ ନାମରେ ପ୍ରାୟ ଦୁଇ ମାସ ଧରି ଯୁଦ୍ଧ ଚାଲିଥିଲା। ଭାରତୀୟ ସେନା ସେମାନଙ୍କ ବୀରତ୍ୱର ପରିଚୟ ଦେଇ ଆମ ଦେଶ ସୀମାରୁ ପାକିସ୍ତାନୀ ସେନାକୁ ଘଉଡ଼ାଇ ଟାଇଗର ହିଲ୍ ଏବଂ ଟୋଲୋଲିଂ ଭଳି ପ୍ରମୁଖ ଶିଖରଗୁଡ଼ିକୁ ପୁନର୍ବାର ନିଜ ଅକ୍ତିଆରକୁ ଆଣିଥିଲା। ଏଥିସହ ସେହି ବର୍ଷ ୨୬ ଜୁଲାଇରେ ବିଜୟ ଘୋଷଣା କରାଯାଇଥିଲା, ଯାହା ଜାତୀୟ ସାର୍ବଭୌମତ୍ୱକୁ ପୁନଃ ସ୍ଥାପିତ କରିଥିଲା। କ୍ୟାପଟେନ୍ ବିକ୍ରମ ବାତ୍ରା (ପରମବୀର ଚକ୍ର)ଙ୍କ ଭଳି ଯୋଦ୍ଧାଙ୍କ ସମେତ ୫୦୦ରୁ ଅଧିକ ଭାରତୀୟ ସୈନ୍ୟ ଦେଶ ପାଇଁ ବଳିଦାନ ଦେଇଥିଲେ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

ନୂଆପଡ଼ା,୨୫।୭(ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ଥାନା କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଛି ବୋଲି ଗୋଇନ୍ଦା ସୂତ୍ରରୁ ଜିଲା ପୋଲିସକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସକାଳେ ଗର୍ଜନପାଣି କ୍ୟାମ୍ପରେ କାର୍ଯ୍ୟରତ ଡିଭିଏଫ୍ ଓ ଡି/୧୯ ସିଆର୍‌ପିଏଫ୍ ଯବାନ ସୀମାନ୍ତ କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଯବାନମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ସେଠାରୁ ବିସ୍ଫୋରକ ସହ ବିପୁଳ ପରିମାଣ ମାଓ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ,୨୪ ରାଉଣ୍ଡର ୨ଟି ଦେଶୀ ବନ୍ଧୁକ, ୧୦ଟି ଜିଲାଟିନ ଷ୍ଟିକ, ୩ ଡେଟୋନେଟର, ୫୦ ଗ୍ରାମ ବାରୁଦ ପାଉଡର, ୱାକିଟକି ଚାର୍ଜର, ମୋବାଇଲ ଚାର୍ଜର, ବିଦ୍ୟୁତ ତାର, ମାରଣାସ୍ତ୍ର, ଛୁରି ଆଦି ରହିଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
PUBLIC NOTICE
Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.
For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

DSPL-184
ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)
02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।
ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ
ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ
DETAILED NOTIFICATION
ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/
OIPR-12001/13/0014/2526

# ରାଜଧାନୀବାସୀଙ୍କ ଚିନ୍ତା ବଢ଼ାଇଛି ଖାଲଖମା ରାସ୍ତା

**ଭୁବନେଶ୍ୱର, ୨୫।୭(ବନ୍ଦନା ସେଠୀ) – ଭୁବନେଶ୍ୱରବାସୀଙ୍କୁ ଖାଲଖମାରୁ ନିସ୍ତାର ମିଳୁନାହିଁ। କଲୋନି, ସାହି ରାସ୍ତା ହେଉ ଅବା ମୁଖ୍ୟ ରାସ୍ତା ଓ ଜାତୀୟ ରାଜପଥ ସବୁଆଡେ ସମାନ ଅବସ୍ଥା। କେଉଁଠି ରାସ୍ତା ଖୋଳିତାଡ଼ି ଛାଡି ଦିଆଯାଇଥିବାବେଳେ ଆଉ କେଉଁଠି ନିମ୍ନମାନର କାମ ଯୋଗୁ ରାସ୍ତାରେ ବଡ଼ବଡ଼ ଖାଲ ବିପଦର ଆଁ ମେଲି ରହିଛି। ପ୍ରତିଦିନ ଲୋକେ ଛୋଟବଡ଼ ଦୁର୍ଘଟଣା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ, ଆର୍ ଆଣ୍ଡ ବି କିମ୍ବା ଏନ୍ଏଚ୍ଆଇ କର୍ତ୍ତୃପକ୍ଷ କେହି ପଦକ୍ଷେପ ନେଉ ନ ଥିବାରୁ ସହରବାସୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଏବେ ବର୍ଷାଦିନ ଚାଲିଥିବାରୁ ଖାଲଖମାରେ ବର୍ଷାପାଣି ଜମି ରହୁଛି। ଫଳରେ କେଉଁଠି ସମତଳ କେଉଁଠି ଖାଲ କିଛି ଜଣାପଡୁନାହିଁ। ବର୍ଷା ବାହାନା ଦେଖାଇ ରାସ୍ତା ମରାମତି କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।**





### ବିଭାଗ ମଧ୍ୟରେ ସମନ୍ୱୟ ରହୁନି



ଭୁବନେଶ୍ୱରର ବିକାଶ ମୁଖ୍ୟତଃ ବିଏମ୍‌ସି ଉପରେ ନ୍ୟସ୍ତ ଥିବାବେଳେ ଏନ୍ଏଚ୍ଆଇ, ଟିପିସିଓଡିଏଲ୍, ଟାଟା, ୱାଟ୍‌କୋ ଆଦି ବିଭିନ୍ନ ବିଭାଗ ଓ ସଂସ୍ଥା କାମ କରୁଛନ୍ତି। ମାତ୍ର ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବିକାଶ ନାମରେ ବିନାଶ କାମ ଚାଲୁଛି। ବିଏମ୍‌ସି ଗୋଟେ ରାସ୍ତାରେ କାମ କରିସାରିଥିବେଳେ ଟାଟା, ୱାଟ୍‌କୋ, କେବୁଲ କିମ୍ବା ଅନ୍ୟ କୌଣସି ସଂସ୍ଥା କାମ ପାଇଁ ଖୋଳିଦେଉଛି। ଫଳରେ ଲୋକମାନେ ହଇରାଣ ହେବା ସହ ସରକାରଙ୍କ ଅର୍ଥ ନଷ୍ଟ ହେଉଛି।

**–ଭରତ କୁମାର ଲେଙ୍କା, କର୍ପୋରେଟର, ୱାର୍ଡ ନଂ. ୪୩**

### ଟିକିଏ ଅସାବଧାନତା ମରଣ ମୁହଁକୁ ଠେଲିଦେଉଛି



ଭୁବନେଶ୍ୱର ନାମକୁ ମାତ୍ର ସ୍ମାର୍ଟ ସିଟି। ଏଠାରେ ଡ୍ରେନ୍‌ଠାରୁ ଆରମ୍ଭ କରି ରାସ୍ତାଘାଟ ପର୍ଯ୍ୟନ୍ତ ସବୁକିଛି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କେଉଁଠି ରାସ୍ତାରୁ ପିଚୁ ଉଠିଯାଇଛି ତ ଆଉ କେଉଁଠି ଚାଖଣ୍ଡେ ଉଚ୍ଚର ଖାଲ ହୋଇଛି। ଗାଡ଼ି ଚଲାଇବାବେଳେ ଟିକିଏ ଅସାବଧାନତା ଆମକୁ ମରଣ ମୁହଁକୁ ଠେଲି ଦେଉଛି।

**–ମନୋଜ କୁମାର, ରାଜଧାନୀବାସୀ**

### ଖାଲରେ ପଡ଼ିଲେ ଗାଡ଼ି ନ ହେଲେ ଅଣ୍ଟା ଭାଙ୍ଗିବା ଥୟ



ଟିକିଏ ବର୍ଷା ହେଲେ କାଦୁଅ ପଚପଚ ରାସ୍ତା ସାଙ୍ଗକୁ ଖାଲଖମା ଭର୍ତ୍ତି ରାସ୍ତା ଦୁର୍ଦ୍ଦଶା ବଢାଇ ଦେଉଛି। ପିଚୁ ରାସ୍ତାରେ ଖଣ୍ଡେବାଟ ଯିବାପରେ ହଠାତ୍ ରାସ୍ତା ମଝିରେ ଖାଲ ପଡିଯାଉଛି। ଆଉ ସାଇକେଲ କିମ୍ବା ଦୁଇଚକିଆ ଯାନ ସେଥିରେ ପଡିଗଲେ ଗାଡି ହେଉ ଅବା ଅଣ୍ଟା ଭାଙ୍ଗିବାଟା ଥୟ।

**–ଜିତେନ୍ଦ୍ର ବେହେରା, ରାଜଧାନୀବାସୀ**

### ସରକାରଙ୍କ ଆଗରେ ବିଏମ୍‌ସି ତଥ୍ୟ ଉପସ୍ଥାପନ କରୁନାହିଁ

ରାସ୍ତାଘାଟ ହେଉ ଅବା ଡ୍ରେନ୍ କାମ, ସବୁକିଛି ଅବ୍ୟବସ୍ଥାରେ ପଡିରହିଛି। ସରକାରଙ୍କ ଆଗରେ ବିଏମ୍‌ସି କୌଣସି ତଥ୍ୟ ଉପସ୍ଥାପନ କରୁନାହିଁ। ତେଣୁ ସହରର ବିକାଶରେ କେଉଁ ସବୁ ବାଧା ରହିଛି, ତାହା ସରକାର ଜାଣିପାରୁନାହାନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବିଏମ୍‌ସିକୁ ୩ଶହ କୋଟି ଟଙ୍କା ଦେବାର ବ୍ୟବସ୍ଥା ଥିଲା। ମାତ୍ର ଏନେଇ ବିଏମ୍‌ସି ପକ୍ଷରୁ କର୍ପୋରେଟରମାନଙ୍କୁ ଅବଗତ କରାଗଲା ନାହିଁ। ଏଭଳି ସରକାରଙ୍କ ଅନେକ ଯୋଜନା ଆସୁଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଲୋକଙ୍କ ପାଖରେ ସୁବିଧା ପାଇ ପାରୁନାହାନ୍ତି।



**–ବନ୍ଦିତା ପାଲ୍, କର୍ପୋରେଟର, ୱାର୍ଡ ନଂ. ୩୭**

### ଚାଲିଚାଲି ଯିବାକୁ ଭୟ ଲାଗୁଛି

ବଡ଼ଗଡ଼, ରସୁଲଗଡ଼, ମଞ୍ଚେଶ୍ୱର, ଜୟଦେବ ବିହାର ଭଳି ସହରର ପ୍ରମୁଖ ରାସ୍ତାରେ ଗାଡ଼ି ଚଲାଇବା ଦୂରର କଥା ଚାଲିକରି ଯିବାକୁ ଭୟ ଲାଗୁଛି। ପୁରୁଣା ଭୁବନେଶ୍ୱର, ନୟାପଲ୍ଲୀ ଅଞ୍ଚଳର କଥା ତ ନ କହିବା ଭଲ। ୧୦୦ମିଟର ରାସ୍ତା ପାରିହେବାକୁ ୧୦ମିନିଟ୍ ଲାଗୁଛି। ପୁଣି ଅବସ୍ଥା ଏପରି ଯେ ବାଟ ସରିଲା ବେଳକୁ ଅଣ୍ଟାରେ ଜଖମ ହୋଇଯାଉଛି। କେବଳ ନାମକୁ ମାତ୍ର ସ୍ମାର୍ଟ ସିଟି କହି ଲୋକଙ୍କୁ ଭୁଆଁ ବୁଲାଯାଉଛି।



**–ସୁଜାତା ସେଠୀ, ରାଜଧାନୀବାସୀ**

### ବର୍ଷାଦିନ ଆସିଲେ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି

ଅସରାଏ ବର୍ଷା ହେଲେ ଖାଲଖମା କିଛି ଜଣାପଡୁନାହିଁ। ଟିକେ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। କୋଉଠି ପିଚୁ ଉଠିଯାଇଛି ତ କୋଉଠି ରାସ୍ତା ମଝିରେ ବଡ଼ ଖାଲ। ପ୍ରତିବର୍ଷ ବର୍ଷାଦିନ ଆସିଲେ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବିଏମ୍‌ସି, ପୂର୍ତ୍ତ ଆଦି ବିଭାଗ ବର୍ଷସାରା ଶୋଇଥା'ନ୍ତି ଏବଂ ବର୍ଷାଦିନ ଆସିଲେ ରାସ୍ତା କାମ କରିବାକୁ ସେମାନଙ୍କର ମନେପଡେ।



**–ଜୁଲି ବେହେରା, ରାଜଧାନୀବାସୀ**

### ଖାଲରେ ପଡ଼ି ବାପାଙ୍କ ଅଣ୍ଟା ଜଖମ ହୋଇଯାଇଛି

ଦୁଇଦିନ ତଳେ ବାପାଙ୍କୁ ମାର୍କେଟ ନେଇ ଯାଇଥିଲି। ବଗଗଡ଼ରୁ ଚାରିଛକ ଯିବା ବାଟରେ ହଠାତ୍ ଗାଡ଼ି ଖାଲରେ ପଡିଯିବାରୁ ବାପାଙ୍କ ଅଣ୍ଟାରେ ଜଖମ ହୋଇ ଯାଇଥିଲା। ମାର୍କେଟ ଯିବା ପୂର୍ବରୁ ଆଗ ମେଡିକାଲ ଯିବାକୁ ପଡିଲା। ସ୍ମାର୍ଟ ସିଟିରେ ଯଦି ଅବସ୍ଥା ଏଭଳି ତେବେ ଗାଁ ଗହଳିରେ କଥା ନ କହିବା ଭଲ।



**–ସତ୍ୟନାରାୟଣ ଶବର, ରାଜଧାନୀବାସୀ**

### ଆନୁଆଲ ମେଣ୍ଟେନାନ୍ସ ପ୍ରପୋଜାଲରେ କାମ କରାଯାଉଛି

ବର୍ଷାଦିନରେ ସାଧାରଣତଃ ରାସ୍ତାଘାଟ ଅବସ୍ଥା ଖରାପ ହୋଇଯାଏ। ବର୍ଷାପାଣି ପିଚୁକୁ ସୁଟ୍ କରେ ନାହିଁ। ତେଣୁ ବର୍ଷାଦିନେ ରାସ୍ତା ଖରାପ ହେବା ସାଧାରଣ କଥା। ଏହାର ସମାଧାନ ପାଇଁ ବିଏମ୍‌ସି ପକ୍ଷରୁ ଆନୁଆଲ୍ ମେଣ୍ଟେନାନ୍ସ ପ୍ରପୋଜାଲରେ ଟେଣ୍ଡର କରି କାମ ଆରମ୍ଭ କରାଯାଉଛି। ତେବେ କର୍ପୋରେଶନରେ ଆପ୍ରୁଭ୍ ହେବାରେ ବିଳମ୍ବ ହେବାରୁ କାମ ଆରମ୍ଭ ହେବା ମଧ୍ୟ ବିଳମ୍ବ ହୋଇଛି। ତେବେ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ।

**-ବିଳାସ ବେହେରା, ସିଟି ଇଞ୍ଜିନିୟର, ବିଏମ୍‌ସି**

# ଜବରଦଖଲରେ ୩.୫ ଏକରରୁ ଊର୍ଦ୍ଧ୍ୱ ଜମି

## ପାଣ୍ଡରାରେ ବିଡିଏର ଉଚ୍ଛେଦ ବେଳେ ଜଣାପଡ଼ିଲା

**ଭୁବନେଶ୍ୱର, ୨୫।୭ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ ଥିବା ଶହଶହ ଏକର ସରକାରୀ ଜମି ଏବେ ପ୍ରଭାବଶାଳୀଙ୍କ କବ୍‌ଜାରେ। ପାଣ୍ଡରା ମୌଜାରେ ପ୍ରଥମେ ୨.୬ ଏକର ସରକାରୀ ଜମି ଜବରଦଖଲରେ ଥିବା ସାଧାରଣ ପ୍ରଶାସନ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସର୍ଭେ କରି ଜାଣିବାକୁ ପାଇଥିଲା। ବିଡିଏ ପକ୍ଷରୁ ଏବେ ସେଠାରେ ଜବରଦଖଲ ଉଚ୍ଛେଦ ଚାଲିଥିବାବେଳେ ସେହି ଜମି ପାଖରେ ଆଉ ଏକ ଜମି ଜବରଦଖଲରେ ରହିଥିବା ଜଣାପଡିଛି। ୩ଦିନ ଧରି ପାଣ୍ଡରାରେ ଉଚ୍ଛେଦ ଜାରି ରହିଥିବାବେଳେ ଶୁକ୍ରବାର ଜିଏ ବିଭାଗ ଅଧିକାରୀ ଓ ବିଡିଏ କର୍ତ୍ତୃପକ୍ଷ ରି-ସର୍ଭେ କରିବା ପରେ ଏନେଇ ଜାଣିବାକୁ ପାଇଥିଲେ। ପରେ ଉକ୍ତ ଜମିକୁ ମଧ୍ୟ ଜବରଦଖଲମୁକ୍ତ କରିବାକୁ ଜିଏ ପକ୍ଷରୁ ବିଡିଏକୁ ଚିଠି ଲେଖାଯାଇଛି। ସୂଚନା ଅନୁଯାୟୀ, ପାଣ୍ଡରାରେ ୧୨ଟି ପ୍ଲଟରେ ଜବରଦଖଲ ରହିଛି। ପାଣ୍ଡରା ମୌଜା ଅନ୍ତର୍ଗତ ପ୍ଲଟ ନଂ. ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଓ ୩୯୯୯ରେ ୨ଏକର ୬୦୦ ଡିସିମିଲ ଜମି ସାଧାରଣ ପ୍ରଶାସନର ଥିବା ପୂର୍ବରୁ ସ୍ପଷ୍ଟ କରାଯାଇଥିଲା। ତେବେ ପ୍ଲଟ ନଂ. ୩୮୮୪ ଓ ୩୮୮୭ ମଧ୍ୟ ଜବରଦଖଲରେ ରହିଛି। ଉକ୍ତ ଜମିରେ ଅବୈଧ ନିର୍ମାଣ ରହିଥିବା ଶୁକ୍ରବାର ସର୍ଭେ ପରେ ଜିଏ ଓ ବିଡିଏ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ତେଣୁ ସରକାରୀ ଜମିରୁ ଉକ୍ତ ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବାକୁ ଜିଏ ବିଭାଗ ସହନିର୍ଦ୍ଦେଶକ (ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ) ଅମିୟ କୁମାର ଦାସ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସରଙ୍କୁ ଚିଠି ଲେଖିଛନ୍ତି। ୩ଦିନ ମଧ୍ୟରେ ବିଡିଏ ୨.୬ ଏକର ଜମିରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ବାହାରୁଥିବା ନିର୍ମାଣାଧୀନ ବର୍ଜ୍ୟ ହଟାଇବା ଲାଗି ଯୋଜନା କରୁଥିବାବେଳେ ଏବେ ନୂତନ ଉଚ୍ଛେଦ କାର୍ଯ୍ୟ ୧୦ ଦିନରୁ କମ୍ ଲାଗିବ ନାହିଁ ବୋଲି ଉଚ୍ଛେଦକାରୀ ଦଳ ପକ୍ଷରୁ କୁହାଯାଇଛି। ୩ ଦିନରେ ବିଡିଏ ୭୦୦ ଡେସିମିଲ ଉଚ୍ଛେଦ କରିଥିବାବେଳେ ଚତୁର୍ଥ ଦିନ ଶୁକ୍ରବାର ବର୍ଷା ପାଇଁ ମାତ୍ର ୨୦୦ ଡେସିମିଲ ଅଞ୍ଚଳ ଉଚ୍ଛେଦ ହୋଇପାରିଛି। ଉଚ୍ଛେଦରେ ଗୋଟିଏ ଜେସିବି ଓ ଗୋଟିଏ ପ୍ରୋକଲିନ ମେସିନ ନିୟୋଜିତ ହୋଇଥିଲା। ୨୪ଟି ଛାତ ଘର, ୧୦ଟି ଟିଣ ଘର/ବାଥ୍‌ରୁମ୍ ସହ ଗୋଟିଏ ନିର୍ମାଣାଧୀନ ଘରକୁ ଭଙ୍ଗାଯାଇଥିଲା।

## ଅନ୍ନପୂର୍ଣ୍ଣା ଦେବୀ ବହୁମୁଖୀ ମହିଳା ସମବାୟ ସମିତି ଗଠନ

ଭୁବନେଶ୍ୱର, ୨୫।୭(ସୌମ୍ୟରଞ୍ଜନ ରାଉତ)– ସହକାର ଭାରତୀ ଓଡ଼ିଶା ପ୍ରାନ୍ତ ପକ୍ଷରୁ ନିଳାଦ୍ରୀବିହାରସ୍ଥିତ ହରେ କୃଷ୍ଣ ବସ୍ତିର ମହିଳାମାନଙ୍କୁ ନେଇ 'ଅନ୍ନପୂର୍ଣ୍ଣା ଦେବୀ ବହୁମୁଖୀ ମହିଳା ସମବାୟ ସମିତି' ଗଠନ କରାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱରରେ ଥିବା ସମସ୍ତ ୩୪୫ ବସ୍ତିରେ ସଭ୍ୟ ସଂଗ୍ରହ କରାଯିବ ଓ ବସ୍ତିରେ ବସବାସ କରୁଥିବା ମହିଳାଙ୍କର ଆର୍ଥିକ ତଥା ସାମାଜିକ ପ୍ରଗତି ଲାଗି ସମବାୟ ସମିତି ବିଭିନ୍ନ ଯୋଜନା ହାତକୁ ନେବ ବୋଲି ଆୟୋଜିତ ପ୍ରଥମ ବୈଠକରେ ସୂଚନା ଦିଆଯାଇଛି। ସହକାର ଭାରତୀର ପ୍ରା ସମ୍ପର୍କ ପ୍ରମୁଖ କେତନ କୁମାର ନାୟକ, ସହସଙ୍ଗଠନ ପ୍ରମୁଖ ସତ୍ୟବାନ୍ ଜେନା, ପ୍ରାନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହପ୍ରମୁଖ କୁମୁଦିନୀ ସାନ ଉପସ୍ଥିତ ଥିଲେ। ଆଉଦୁଇଟି ମହିଳା ବହୁମୁଖୀ ସମବାୟ ସମିତି ଗଠନ ପାଇଁ ସହକାର ଭାରତୀ ଯୋଜନା କରିଛି ବୋଲି ପ୍ରାନ୍ତ ମହିଳା ପ୍ରମୁଖ କଳ୍ପନା ଦାଶ ସୂଚନା ଦେଇଛନ୍ତି।

# କର୍ମକ୍ଷେତ୍ରକୁ ସୁରକ୍ଷିତ କରି ଗଢ଼ିବା ସମସ୍ତଙ୍କ ପ୍ରଥମ କର୍ତ୍ତବ୍ୟ

**ଭୁବନେଶ୍ୱର,୨୫।୭ (ସୁଚିସ୍ମିତା ସାହୁ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଓ ସ୍ନାତକୋତ୍ତର ପରିଷଦ ପକ୍ଷରୁ ଶୁକ୍ରବାର ପିଜି କାଉନ୍‌ସିଲ ପରିସରରେ 'କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ଆଇନ ୨୦୧୩' (ପୋଶ ଆକ୍ଟ) ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆଇନଜୀବୀ ମାନସୀ ପାଢ଼ୀ ଯୋଗଦେଇ 'ବିଶାଖା ନିର୍ଦ୍ଦେଶାବଳୀ'ର ଆବଶ୍ୟକତା, ଯୌନ ସୁରକ୍ଷା ଆଇନ, ଯୌନ ନିର୍ଯାତନା ପ୍ରକାର ଭେଦ, ସ୍ଥାୟୀ ବିକାଶ ଲକ୍ଷ୍ୟ, ବିକଶିତ ଭାରତ–୨୦୪୭ ଲକ୍ଷ୍ୟ ସମ୍ପର୍କରେ ବର୍ଣ୍ଣନା କରି କର୍ମକ୍ଷେତ୍ର ପରିସରକୁ ସୁରକ୍ଷିତ କରି ଗଢ଼ିବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପନିଷଦ, ବେଦ, ପୁରାଣ ଓ ଭାରତୀୟ ସଂସ୍କୃତିରେ ନାରୀଙ୍କୁ ସମ୍ମାନ ଦେବାର ପ୍ରଥା ଓ ପରମ୍ପରା ବିଷୟରେ ଆଲୋଚନା କରାଯାଇଥିଲା। ଏହିସବୁ ପ୍ରଥା କେବଳ ପ୍ରଥାରେ ସୀମିତ ହୋଇ ରହିଯାଇଥିବାରୁ ଛାତ୍ରୀଛାତ୍ରଙ୍କୁ ଅଧିକ ସଚେତନ କରାଯାଇଥିଲା। ଏହି ଅବସରରେ ଆଇସିସିର ଆବଶ୍ୟକତା, କିପରି କାମ କରେ, ୯୦ ଦିନରେ ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ଏବଂ ଭୁଲ ଅଭିଯୋଗ ବିରୋଧରେ ପଦକ୍ଷେପ ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚନା କରିଥିଲେ। ଏହାସହ ଲିଙ୍ଗ ସମତା ଓ ସମାନତାକୁ ଦୃଷ୍ଟିରେ ରଖି କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଉଦ୍ୟମ ବିରୋଧରେ କିପରି ଆତ୍ମରକ୍ଷା, ନିର୍ଭୟରେ ସ୍ୱର ଉତ୍ତୋଳନ ଏବଂ ଅନ୍ତର୍ନିହିତ ଆତ୍ମଶକ୍ତିକୁ ଚିହ୍ନି ନ୍ୟାୟ ପାଇଁ ଲଢେଇ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଆଇସିସି ଅଧକ୍ଷା ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ମିତାଲି ଚିନାରା ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ଅର୍ଥ ନିୟନ୍ତ୍ରକ ଅସୀମା ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ସ୍ୱାତୀ ମିଶ୍ର, ଭାରତୀୟ ତ୍ରିଶକ୍ତିର ଜାତୀୟ ଯୁଗ୍ମ ସଚିବ ଚନ୍ଦନା ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ସହ ବିଶ୍ୱବିଦ୍ୟାଳୟ ଆଇସିସି ସଦସ୍ୟା ଡ. ସୁମିତ୍ରା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ଜଣ ପାଇଲେ 'ଚନ୍ଦନ ପ୍ରତିଭା ସମ୍ମାନ'



ଉତ୍ସବରେ ଅତିଥିଙ୍କ ଗହଣରେ 'ଚନ୍ଦନ ପ୍ରତିଭା ସମ୍ମାନ' ପାଇଥିବା ୩ ବ୍ୟକ୍ତିତ୍ୱ।

**ଭୁବନେଶ୍ୱର, ୨୫।୭ (ସୌମ୍ୟରଞ୍ଜନ ରାଉତ)**

### ସ୍ୱରତୀର୍ଥ ପକ୍ଷରୁ ଚନ୍ଦନ ପ୍ରତିଭା ଉତ୍ସବ

ଭଜନ ଗାୟିକା ଶାନ୍ତିଲତା ବାରିକ ଛୋଟରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ସଙ୍ଗୀତାନୁଷ୍ଠାନ 'ସ୍ୱରତୀର୍ଥ' ବାର୍ଷିକ ଉତ୍ସବ ପାଳନ ଅବସରରେ ଶୁକ୍ରବାର ସୂଚନା ଭବନଠାରେ 'ଚନ୍ଦନ ପ୍ରତିଭା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ୩ ବର୍ଷରୁ ୭୦ ବର୍ଷ ବୟସର କଳାକାରମାନେ ସଙ୍ଗୀତ, ନୃତ୍ୟ, ତବଲା, ବଂଶୀ, ମର୍ଦ୍ଦଳ ଆଦି ପରିବେଷଣ କରିଥିଲେ। ଏହି ଅବସରରେ ଡ. ଅନସୂୟା ନାଥ, ଡ. ଜୟଶ୍ରୀ ଧଳ ଓ ଗୁରୁ ଗୌରୀ ଶଙ୍କର ଦାସଙ୍କୁ 'ଚନ୍ଦନ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଖଦି ବୋର୍ଡ଼ର ପୂର୍ବତନ ସଭାପତି ସଂଗ୍ରାମ କେଶର ପାଇକରାୟ, ସମାଜିକ କର୍ମୀ ଦୁଃଶାସନ ସ୍ୱାଇଁ ଏବଂ ଟ୍ରଷ୍ଟ ଅଧ୍ୟକ୍ଷ ବ୍ରଜ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ବସନ୍ତ କୁମାର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏଆର୍‌ସି ତାଲିମ ବିଦ୍ୟାଳୟରେ ସ୍ନାତକୋତ୍ତର ସମାରୋହ

## ଅନୁଷ୍ଠାନର ତାଲିମ ଉତ୍କର୍ଷକୁ ଡ. ପି.କେ ମିଶ୍ରଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୫।୭(ପିଆଇବି)**



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଓ ଅନ୍ୟ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆର୍‌ସି) ତାଲିମ ବିଦ୍ୟାଳୟରେ ୬୮ତମ ସ୍ନାତକୋତ୍ତର ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଏଥିରେ ଯୋଗଦେଇ ବିଏଆର୍‌ସିର ଐତିହ୍ୟ ଏବଂ ଡ. ହୋମି ଜାହାଙ୍ଗୀର ଭାବାଙ୍କ ଦୃଷ୍ଟିକୋଣ ଉପରେ ସୂଚନା ଦେଇଥିଲେ। ଏଥିସହ ଅନୁଷ୍ଠାନର ତାଲିମ ଉତ୍କର୍ଷ ଏବଂ ଭାରତର ବିକାଶରେ ଏହାର ଅବଦାନକୁ ପ୍ରଶଂସା କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ 'ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତରଣ' ଆହ୍ୱାନକୁ ଦୋହରାଇଥିଲେ। ଡ. ମିଶ୍ର ମହାକାଶ କ୍ଷେତ୍ରର ସଫଳ ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରି ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ପରମାଣୁ ଶକ୍ତି ଲାଗି ସମାନ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଥିଲେ। ସେହିପରି ୨୦୨୪–୨୫ ବଜେଟ୍‌ର ପ୍ରମୁଖ ଘୋଷଣାଗୁଡିକ ଉପରେ ଆଲୋକପାତ କରିଥିଲେ। କର୍କଟ ଚିକିତ୍ସା ପାଇଁ ରେଡିଓ ଆଇସୋଟୋପ୍ ବ୍ୟବହାର, ବର୍ଜ୍ୟଜଳ ଉପଚାର ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେହିପରି ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଭା ହୋଇଥିବା ସ୍ପିନ୍–ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକ କରିବା ପାଇଁ ଅନୁରୋଧ କରିଥିଲେ। ପରମାଣୁ ଶକ୍ତି ପ୍ରକଳ୍ପଗୁଡିକ ପାଇଁ ଅତ୍ୟଧିକ ପୁଞ୍ଜି ଆବଶ୍ୟକତାକୁ ସ୍ୱୀକାର କରିବା ସହ ସମୟସୀମା ମଧ୍ୟରେ ସମାପ୍ତ, କମ୍ ମୂଲ୍ୟର ଆର୍ଥିକ ସହାୟତା ଏବଂ ଘରୋଇ କ୍ଷେତ୍ରର କ୍ଷମତାକୁ ଉପଯୋଗ କରିବା ଶୁଳ୍କ ହ୍ରାସ ଏବଂ ଏହାର ଉପଯୋଗିତାକୁ ଉନ୍ନତ କରିବାର ପ୍ରମୁଖ ଉପାୟ ବୋଲି କହିଥିଲେ। ପରମାଣୁ ଶକ୍ତି ନିୟାମକ ବୋର୍ଡ ଏବଂ ବିଏଆର୍‌ସି ସୁରକ୍ଷା ପରିଷଦର ଭୂମିକା ସମ୍ପର୍କରେ କହିଥିଲେ। ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବୃଦ୍ଧି ପାଉଥିବାରୁ ନିୟାମକ ପ୍ରଣାଳୀକୁ ଧ୍ୟାନରେ ରଖି ଅଧିକ ସୁରକ୍ଷା ସମ୍ବନ୍ଧୀୟ ଗବେଷଣାରେ ନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସୁରକ୍ଷା ମାନଦଣ୍ଡ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସର୍ବୋଚ୍ଚ ପ୍ରାଥମିକତା ହେବା ଆବଶ୍ୟକ ବୋଲି ଡ. ମିଶ୍ର ମତ ରଖିଥିଲେ। ପରେ ଡ. ମିଶ୍ର ସ୍ନାତକମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ଗ୍ରହଣ କରିବାକୁ, ପରିବର୍ତ୍ତନ ସହିତ ଖାପ ଖୁଆଇ ସହଯୋଗୀ ପରିବେଶରେ ଉନ୍ମୁକ୍ତତା, ସମ୍ମାନ ଏବଂ ନମ୍ରତାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।

## ରଶ୍ମିତା କରଣଙ୍କୁ ସବୁଜ ବନାନୀ ସମ୍ମାନ

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ପଦନପୁରର ସାମାଜିକ କର୍ମୀ ରଶ୍ମିତା କରଣଙ୍କୁ ଶୁକ୍ରବାର ଆଦର୍ଶ ଯୁବପରିଷଦ ପକ୍ଷରୁ ସବୁଜ ବନାନୀ ସମ୍ମାନ ପ୍ରଦାନ କରାଯାଇଛି। ପଦନପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କରଣଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ପ୍ରକାଶ କରିଥିଲେ। କରଣ ନିଜ ଗାଁ ଓ ଆଖପାଖ ଅଞ୍ଚଳରେ ପରିବେଶ ସଚେତନତା ସହ ଚାରାରୋପଣ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅକ୍ଷୟ ସାମଲ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସୁବ୍ରତ ନାୟକ, ବିନୋଦିନୀ ପରିଡ଼ା, ତାମିଲ୍ ପ୍ରଧାନ, ସ୍ୱର୍ଣ୍ଣଲତା ମନ୍ତ୍ରୀ, କଂଗ୍ରେସ ରଣା, ବିଶ୍ୱରଞ୍ଜନ ସ୍ୱାଇଁ ଓ ସରୋଜିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର୍‌କୁ ପିଟିଲା ଟ୍ରକ୍

ବାରଙ୍ଗ,୨୫।୭(ଲିଙ୍ଗରାଜ ରାଉତ)

ତ୍ରିଶୁଳିଆ ଛକରେ ଶୁକ୍ରବାର ରାତିରେ ଏକ କାର୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଦୁର୍ଘଟଣାରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ଚାଳକ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ବାରଙ୍ଗ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦୁଇଟିକୁ ଜବତ କରି ଥାନାକୁ ନେବା ପରେ ବାଙ୍କୀ-ବାରଙ୍ଗ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଏକ କାର୍ (ନଂ. ଓଡି ୦୫ଏଏସ୍ ୫୨୨୩) କଟକ ପଟୁ ବାଙ୍କୀ ଆଡ଼କୁ ଆସୁଥିଲା। ତ୍ରିଶୁଳିଆ ଟ୍ରାଫିକ୍ ଗୋଲେଇ ଛକରେ କାର୍‌ଟି ବୁଲାଉଥିଲା। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଟ୍ରକ୍(ଓଆର୍ ୧୬ସି ୭୭୮୫) ଆସି କାର୍‌କୁ ଧକ୍କାଦେଇ କିଛିବାଟ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍‌କୁ ରୋକି ବାରଙ୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ଗାଡ଼ି ଦୁଇଟିକୁ ଜବତ କରିଥିଲା।

### ନିଖୋଜ ନାବାଳିକା ସମ୍ପର୍କୀୟଙ୍କ ଘରୁ ଉଦ୍ଧାର

ଟିଗିରିଆ,୨୫।୭ (ଜାଫର ଖାଁ)

ଟିଗିରିଆ ଥାନା ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳ ଗ୍ରାମରୁ ନିଖୋଜ ଜଣେ ନାବାଳିକାଙ୍କୁ ଶୁକ୍ରବାର ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାବାଳିକା ଜଣକ କଟକସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ଥିଲେ ବୋଲି ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୧ରୁ ନାବାଳିକା ନିଖୋଜ ହୋଇ ଯାଇଥିଲେ। ଏ ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରେମ ସମ୍ପର୍କକୁ ନେଇ କୌଣସି ଯୁବକଙ୍କ ଦ୍ୱାରା ଝିଅ ଅପହୃତ ହୋଇଥିବା ତାଙ୍କ ମା' ସନ୍ଦେହ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। କିନ୍ତୁ ନାବାଳିକା ଜଣକ ରାଗି ତାଙ୍କ ସମ୍ପର୍କୀୟଙ୍କ ଘରକୁ ଚାଲି ଯାଇଥିଲେ ବୋଲି କହିଛନ୍ତି। ଥାନାରେ ନଂ.୬୦/୨୫ରେ ଏକ ମାମଲା ରୁଜୁ ହୋଇଛି।

### ଖ୍ରୀଷ୍ଟ କଲେଜରେ ଯୁକ୍ତ୨ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

କଟକ,୨୫।୭ (ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଇଥିବା ଯୁକ୍ତ୨ ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଭାବେ ସ୍ୱାଗତ କରାଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଐତିହ୍ୟ, ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। କଲେଜ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଖ୍ରୀଷ୍ଟ କଲେଜର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀ ତଥା ଶୃଙ୍ଖଳାଗତ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ କଳା, ବିଜ୍ଞାନ ଓ ବାଣିଜ୍ୟର ବିଭିନ୍ନ ବିଭାଗ ମୁଖ୍ୟମାନେ ବିଭାଗ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ପରିଚୟ ତଥା ଶିକ୍ଷାଦାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କଲେଜର ବିଭିନ୍ନ ଶୈକ୍ଷିକଶୃଙ୍ଖଳା, ପାଠାଗାର, କ୍ରୀଡ଼ା, ଉପସ୍ଥାନ ଅନୁଶାସନ, ଶକ୍ତିଶ୍ରୀ, ଆଣ୍ଟି ରାଗିଙ୍ଗ୍ ଆଦି ବିଭାଗ ଦାୟିତ୍ୱରେ ଥିବା ଅଧ୍ୟାପିକାଅଧ୍ୟାପକମାନେ ବିଦ୍ୟାର୍ଥୀଙ୍କୁ ସୂଚନା ପ୍ରଦାନ କରିଥିଲେ। କଳା ବିଭାଗ ଡ. ଯୋଗଶଙ୍କର ମହାପ୍ରଶସ୍ତ, ବିଜ୍ଞାନ ବିଭାଗର ଡ. ବିଜୟଭୂଷଣ ଆଶ୍ଚର୍ଯ୍ୟ ଓ ବାଣିଜ୍ୟ ବିଭାଗ ଅଧ୍ୟାପକ ସୁବ୍ରତ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଚୌଦ୍ୱାର,୨୫।୭ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଯୁକ୍ତ ୨ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମି ରାଉତରାୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠା ପାଇଁ ବିଦ୍ୟାର୍ଥୀମାନଙ୍କୁ ଶପଥପାଠ କରାଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଓ ମହାବିଦ୍ୟାଳୟର ମୁଖପତ୍ର ଦେଇ ସ୍ୱାଗତ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ସୁମନ୍ତ ସାହୁ ଓ ପ୍ରଶାସନିକ ଦାୟିତ୍ୱରେ ଥିବା ଶିକ୍ଷା ବିଭାଗର ବରିଷ୍ଠ ପ୍ରଧ୍ୟାପିକା ଡ. ହରପ୍ରୀୟା ମହାପାତ୍ର ରୀତିନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଭାକର ମିଶ୍ର, ଅନୁପମା ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ରାଉତ, ଆରଣ୍ୟକ ରାଉତରାୟ, ରିଙ୍କୁ କିଶନ, ଲିଜା ରଥ ଓ ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଧାରଣ ଚାଷୀଙ୍କ ପାଇଁ ମେଗା ଜଳସେଚନ ପ୍ରକଳ୍ପକୁ ଗୁରୁତ୍ୱ

କଟକ,୨୫।୭ (କାର୍ତ୍ତିକ ସାହୁ)




ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ।

## ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଉପଖଣ୍ଡ ଅଞ୍ଚଳର ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ଅବସ୍ଥାରେ ରହିଥିବା ରାସ୍ତା କାର୍ଯ୍ୟକୁ ୨୦୨୬ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାସ୍ତା ମରାମତି ଉପରେ ମଧ୍ୟ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି। ବିଧାୟକ ନିର୍ମାଣାଧୀନ କଇମୁଣ୍ଡି, ରାମଚନ୍ଦ୍ରପୁର ସେତୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହ ଜଳମଗ୍ନ ହୁଳୁହୁଳା ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥଲେ। ବଡ଼ିଆ-ସୁବର୍ଣ୍ଣପୁର ରାସ୍ତାର ବିକଳ୍ପ ରାସ୍ତା, ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁରହିଥିବା ତ୍ରିଶୁଳିଆ-ବାରଙ୍ଗ, ଡମପଡା-ତାଳବସ୍ତ ଚଉଡ଼ା ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମା' ଚର୍ଚ୍ଚିକା ମନ୍ଦିର ଉନ୍ନତିକରଣ, ବାଙ୍କୀ ବିଦ୍ୟାଳୟର ମୁଖ୍ୟଦ୍ୱାର ନିର୍ମାଣ, ଜନଗହଳି ଟୁଇନ-ସିଟି ରାସ୍ତା କୁଆଖାଇ-ପ୍ରତାପ ନଗରୀ ପଟୁ ସଂଯୋଗ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକୃତ ହିତାଧିକାରୀଙ୍କୁ ଯଥା ସମୟରେ ଭତ୍ତା ପ୍ରଦାନ କରାଯିବା ଏବଂ ନୂତନ ହିତାଧିକାରୀ ଚୟନ କରାଯିବା ଉପରେ ଗୁରୁତ୍ୱ ଦେଇ ବାଙ୍କୀ ଉପଖଣ୍ଡର ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପୂର୍ବକ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡ଼ିକୁ ଶେଷ କରିବା ନିମନ୍ତେ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଡ୍ରେନେଜ ଆଦି ବିଭାଗର ବରିଷ୍ଠ ଯନ୍ତ୍ରୀ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ବ୍ଲକ ଓ ଜିଲା ପରିଷଦର ନିର୍ବାଚିତ ଜନ ପ୍ରତିନିଧି ବୈଠକରେ ଯୋଗଦେଇଥିଲେ।

ଅତିରିକ୍ତ ଜିଲାପାଳ ଶିବ ଟପୋ ବୈଠକ ସଂଚାଳନ କରିଥିଲେ। ବାଙ୍କୀ-ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମାଣିକ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ବିଭିନ୍ନ ଜିଲା ପରିଷଦ ଜୋନର ସଦସ୍ୟାସଦସ୍ୟ, ବାଙ୍କୀ ଓ ଡମପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ରହି ସ୍ଥିତିଗୁଡ଼ିକ ସମ୍ପର୍କରେ ଅବଗତ ହୋଇଥିଲେ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକଙ୍କ ସମେତ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଗୁରୁତର ରୋଗୀଙ୍କୁ ମିଳିଲାନି ଚିକିତ୍ସା

କଟକ,୨୫।୭ (ଶିଳ୍ପା ପ୍ରିୟଦର୍ଶିନୀ)

## ଖବର ପ୍ରଘଟ ହେବା ପରେ ଚେତିଲେ ମେଡିକାଲ କର୍ତ୍ତୃପକ୍ଷ

ଏସ୍‌ସିବି ମେଡିକାଲରେ ପୁଣି ରୋଗୀ ଚିକିତ୍ସାରେ ଅବହେଳା ଘଟଣା ସାମ୍ନାକୁ ଆସିଛି। ମେଡିକାଲରେ ଗୁରୁତର ରୋଗୀଙ୍କୁ ଭର୍ତ୍ତି କରିବା ପରିବର୍ତ୍ତେ ଘରକୁ ନେଇ ଯିବାକୁ ମେଡିକାଲ ପକ୍ଷରୁ କୁହାଯାଇଥିଲା। ବିଭାଗ ନିକଟରେ ରୋଗୀ ଓ ସମ୍ପର୍କୀୟ ନିରାଶ ହୋଇପଡ଼ିଥିବା ଖବର ପ୍ରକାଶ ପାଇବା ପରେ ମେଡିକାଲରେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରାଯାଇଥିବା ସୂଚନା ମିଳିଛି। ଏଭଳି ଘଟଣା ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗୀ ବିଭାଗରେ ଶୁକ୍ରବାର ଦେଖିବାକୁ ମିଳିଛି।

ଘଟଣାକ୍ରମେ, ବାଲେଶ୍ୱର ଜିଲା ବସ୍ତା ବଳବୁଦ୍ଧି ଅଞ୍ଚଳର ଜଗନ୍ନାଥ ଦାସଙ୍କ ସ୍ତ୍ରୀ ମମତା ଦାସ (୩୦) ୯ ଦିନ ପୂର୍ବେ ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ପରେ ତାଙ୍କର ରକ୍ତସ୍ରାବ ହେବା ସହିତ ବାନ୍ତି ଓ ମୁଣ୍ଡରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଗୁରୁବାର ରେମୁଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ଓ ଜୀବନ ପ୍ରତି ବିପଦ ଥିବା କହି ଡାକ୍ତର ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମମତାଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଏସ୍‌ସିବି କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳେ କାଜୁଆଲଟିରୁ ଡାକ୍ତର ମମତାଙ୍କୁ ମାନସିକ ରୋଗ ବିଭାଗକୁ ସ୍ଥାନାନ୍ତର କରିବାକୁ କହିଥିଲେ। ସେଠାକୁ ମମତା ଯାଇଥିଲେ ହେଲେ ତାଙ୍କର ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ପରେ ମମତାଙ୍କୁ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବିଭାଗରେ ତାଙ୍କୁ ଭର୍ତ୍ତି କରିବା ବଦଳରେ ଔଷଧ ଲେଖି ଘରକୁ ନେଇ ଯିବାକୁ ଡାକ୍ତର କହିଥିଲେ। ଏହା ଶୁଣିବା ପରେ ନିରାଶ ହୋଇ ସମ୍ପର୍କୀୟମାନେ ବିଭାଗ ନିକଟରେ ବସି ରହିଥିଲେ। ଘଟଣା ସମ୍ପର୍କରେ ବିଭିନ୍ନସ୍ତରରେ ଖବର ପ୍ରକାଶ ପାଇବାରୁ ଶେଷରେ ରାତିରେ ମମତାଙ୍କୁ ମେଡିକାଲରେ ଭର୍ତ୍ତି କରି ସାଲାଇନ ଦିଆଯାଇ ଚିକିତ୍ସା ଆରମ୍ଭ କରାଯାଇ ଜଣାପଡ଼ିଛି। ଏଭଳି ଅବହେଳା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଭଗୀପୁରରେ ହାତୀ ଉପଦ୍ରବ





ବାଙ୍କୀ, ୨୫।୭ (ଶୁଭେନ୍ଦୁ ମହାପାତ୍ର)

## ଘର ପାଚେରି ଭାଙ୍ଗିଲା, ବ୍ୟାପକ ଫସଲ ନଷ୍ଟ

ଆଠଗଡ଼ ସୁକାଶନ ଜଙ୍ଗଲରୁ ୨ଟି ହାତୀ ମହାନଦୀ ପାର ହୋଇ ଡମପଡ଼ା ଚନ୍ଦକା ଅଭୟାରଣ୍ୟ ଆସୁଥିଲେ। ମହାନଦୀର ପାଣିର ପ୍ରଖର ସ୍ରୋତରେ ନ ଆସି ପାରି ପୁଣି ଗୋଟିଏ ହାତୀ ଆଠଗଡ଼ ସୁକାଶନ ଜଙ୍ଗଲକୁ ଫେରିଯାଇଛି। ଅନ୍ୟ ହାତୀଟି ଦୀର୍ଘ ସମୟ ଧରି ମହାନଦୀ ପାଣିରେ ପଡିରହିବା ପରେ ବିଳମ୍ବିତ ରାତିରେ କୂଳକୁ ଆସିଛି। ତେବେ ମହାନଦୀ ପାର ହୋଇ ଆସିଥିବା ଗୋଟିକିଆ ହାତୀଟି ବାଙ୍କୀ ଭଗୀପୁର ନିକଟରେ ଉପରକୁ ଉଠିବା ପରେ ଭଗୀପୁର, କୁଅମଡା ଅଞ୍ଚଳରେ ଆତଙ୍କ ଖେଳାଇବା ସହ ବିଭିନ୍ନ ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଛି। ଏଥିସହ ଲୋକଙ୍କ ଘର ପାଚେରି ଭାଙ୍ଗିଥିବା ଦେଖିବାକୁ ମିଳିଛି। ଖବରପାଇ ଘଟଣାସ୍ଥଳରେ ଭଗୀପୁର ବନ ବିଭାଗର କର୍ମଚାରୀ ପହଞ୍ଚି ହାତୀକୁ ଘଉଡେଇବା ପରେ ସକାଳୁ ଚନ୍ଦକା ଡମପଡ଼ା ଅଭୟାରଣ୍ୟକୁ ଚାଲିଯାଇଛି।

# ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ

କଟକ ସଦର,୨୫।୭(ସୁଶାନ୍ତ କୁମାର ଜେନା)

## ଆୟଡପୁର ସରପଞ୍ଚଙ୍କ ଆତ୍ମାହୁତି ପ୍ରସଙ୍ଗ

## ଘଟଣାର ଅନୁସନ୍ଧାନ ପାଇଁ ଏକ ଦଳ ଗଠିତ

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଡପୁର ପଞ୍ଚାୟତ ସରପଞ୍ଚ ପୋଖରୀ ଖୋଳା ବିଲ ମିଳି ନ ଥିବାରୁ ଆତ୍ମାହୁତି ଦେବା ପାଇଁ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ବ୍ଲକ ପରିସରକୁ ସହଯୋଗୀ ସରପଞ୍ଚମାନଙ୍କ ସହ ପ୍ରବେଶ କରୁଥିଲେ। ଏହାପରେ ବିଡିଓ ପ୍ରତୀକ ସାହୁ ଆଲୋଚନା କରି ସମାଧାନର ବାଟ ବାହାର କରିବା ପାଇଁ ସରପଞ୍ଚ ରାକେଶ ବେହେରାଙ୍କୁ ଡାକିଥିଲେ। ପ୍ରାୟ ୪୫ ମିନିଟ ଧରି ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ସରପଞ୍ଚ ବେହେରାଙ୍କ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଏକ ଦଳ ଗଠନ ପାଇଁ ସହମତି ପ୍ରକାଶ ପାଇଥିଲା। ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭସ୍ମିତା ନାଥ, ସଚିଚିକା ବିଶ୍ୱଳଙ୍କ ସହ ଅନ୍ୟ ୨ଜଣ ବରିଷ୍ଠ ଷ୍ଟାଫଙ୍କୁ ନେଇ କମିଟି ଗଠନ କରଯାଇଛି। ଏହି ସତ୍ୟର ଅନୁସନ୍ଧାନକାରୀ ଦଳ ଯାହା ରିପୋର୍ଟ ଦେବ ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯିବା ପରେ ସରପଞ୍ଚ ବେହେରା ଆତ୍ମାହୁତିରୁ ଓହରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିପି କୃଷ୍ଣଚନ୍ଦ୍ର ସେଠୀ, ସିଆରଆରଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ ଓ କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡୁ ସମେତ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ସରପଞ୍ଚ ବନମାଳୀ ବିହାରୀ, ତ୍ରିଲୋଚନ ପାତ୍ର, ସୋନାଲି ପ୍ରଧାନ, ରବିନାରାୟଣ ପ୍ରଧାନଙ୍କ ସମେତ ପଦ୍ମନାଭ ଗୋଛାୟତ, ଉମାକାନ୍ତ ରାଉତରାୟ ଓ ସୁବୋଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସରପଞ୍ଚ ରାକେଶ ବେହେରାଙ୍କ ସମେତ ଅନ୍ୟ ସରପଞ୍ଚ।

# ବଡ଼ମ୍ବା କୋର୍ଟ ପୋଲିସ ଅଧିକାରୀଙ୍କ ପରଲୋକ

## ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ଶୋକସଭା

ବଡ଼ମ୍ବା,୨୫।୭ (ମାୟାଧର ମଲ୍ଲିକ)

ବଡ଼ମ୍ବା କୋର୍ଟରେ କାର୍ଯ୍ୟରତ ପୋଲିସ ଅଧିକାରୀ ଗଜେନ୍ଦ୍ର କୁମାର ବେହେରାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଏନେଇ ବଡ଼ମ୍ବା ଓକିଲ ସଙ୍ଘ ତରଫରୁ ଶୁକ୍ରବାର ଏକ ଶୋକ ସଭା କରାଯାଇଛି। ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବଡ଼ମ୍ବା ସବଜଜ୍ ଦୁର୍ବାସା ଦୁର୍ଗା, ଜେଏମ୍ଏଫ୍‌ସି ରିଚି ମିଳନ ପାତ୍ର ପ୍ରମୁଖ ଯୋଗଦେଇ ପୋଲିସ ଅଧିକାରୀ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦୁର୍ଗା ପ୍ରସାଦ ସାହୁ, ବିଧୂଭୂଷଣ ମହାନ୍ତି, ସରୋଜ ବେଉରା, ଦିଲୀପ ସାମନ୍ତ, ସହସମ୍ପାଦକ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ, କୋର୍ଟ କର୍ମଚାରୀ, କୋର୍ଟ ପୋଲିସ କର୍ମଚାରୀ, ମୋହରିର ସଙ୍ଘ କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଅଧିକାରୀ ବେହେରା ଗୁରୁବାର କୋର୍ଟ କାର୍ଯ୍ୟ କରୁଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳେ ତାଙ୍କ ପାର୍ଥିବ ଶରୀର କୋର୍ଟ ପରିସରରେ ପହଞ୍ଚିବା ପରେ କୋର୍ଟ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ମୃତଦେହକୁ ତାଙ୍କ ନିଜ ଗ୍ରାମ ନୟାଗଡ଼ ଜିଲା ଗଣିଆକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବାଘଖିଆ ନାଳ ରାସ୍ତା ପାର୍ଶ୍ୱରେ ବର, ଓସ୍ତ ଚାରାରୋପଣ

ବାଙ୍କୀ,୨୫।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମ ନିକଟ ପଦନପୁର ବାଘଖିଆ ନାଳ ରାସ୍ତାର ଦୁଇ ପାର୍ଶ୍ୱରେ ଶୁକ୍ରବାର ବର, ଓସ୍ତ ଓ ଜାମ୍ବୁ ଚାରାରୋପଣ କରାଯାଇଛି। ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ପ୍ରକୃତିବନ୍ଧୁ ମନୋଜ ମହାପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ନିକଟରେ ବାଘଖିଆ ନାଳ ପ୍ରାକୃତିକ ପରିବେଶ ମଧ୍ୟରେ ରହିବା ସହିତ ଏହି ନାଳରେ ବନ୍ଧ ବନ୍ଧାଯାଇ ବର୍ଷ ସାରା ଜଳ ସଂରକ୍ଷଣ ହେଉଛି। ଏଠାରେ ଶୀତ ଋତୁରେ ପର୍ଯ୍ୟଟକ ଆସି ବଣଭୋଜି କରିଥାନ୍ତି। ବଣଭୋଜି ସ୍ଥାନରେ ପର୍ଯ୍ୟଟକଙ୍କୁ ଆଶ୍ରୟ ଦେବା ପାଇଁ ଏହି ଚାରାରୋପଣ କରାଯାଇଛି ବୋଲି ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ ସାମଲ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଖୋର୍ଦ୍ଧା ମଣ୍ଡଳ ରେଳବାଇ ଅଧିକାରୀ ବିପିନ୍ ରାଉତ, ଯୁବବନ୍ଧୁ ସଙ୍ଗ ପରିବାରର ସଂପାଦକ ସୁବ୍ରତ ନାୟକ, ସାମାଜିକ କର୍ମୀ କଂଗ୍ରେସ ରଣା, ଆଦର୍ଶ ଯୁବପରିଷଦ ସଭାପତି ନିରଞ୍ଜନ ପଣ୍ଡା, ପ୍ରେମସାଇ ମହିଳା ଗୋଷ୍ଠୀ ସମ୍ପାଦିକା ବିନୋଦିନୀ ପରିଡା, ସ୍ୱର୍ଣ୍ଣଲତା ମନ୍ତ୍ରୀ, ରଶ୍ମିତା କରଣ, ସରୋଜିନୀ ମହାନ୍ତି, ଶାନ୍ତିଲତା ପରିଡା, ରଶ୍ମିତା ସ୍ୱାଇଁ, ମୋନାଲି ପ୍ରଧାନ, କାମିନି ପ୍ରଧାନ, ପ୍ରଭାତ ରଞ୍ଜନ କରଣ, ରବୀନ୍ଦ୍ର ଲେଙ୍କା, ଆଦିତ୍ୟ ନାରାୟଣ ସାହୁଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ସ୍ଥାନୀୟ କୃଷି ମିତ୍ର, ପ୍ରାଣୀମିତ୍ର ଓ ଯୁବକମାନେ ଯୋଗଦେଇ ସହଯୋଗ କରିଥିଲେ।

# ଜୁଆଆଡ୍ଡା ଉପରେ ଚଢ଼ାଉ, ଜଣେ ଗିରଫ

ଟିଗିରିଆ,୨୫।୭ (ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ପୁରୁଣା ଟିଗିରିଆର ମହେଶ୍ୱର ବିଦ୍ୟାପୀଠ ସମ୍ମୁଖ ଖେଳପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଜୁଆ ଖେଳ ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ପକ୍ଷର ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପୁରୁଣା ଟିଗିରିଆ ଗାଁର ବିଷ୍ଣୁଚରଣ ରାଉତଙ୍କୁ ଗିରଫ କରି ଶୁକ୍ରବାର ଟିଗିରିଆ କୋର୍ଟ ଚାଲାଣ କରିଛି। ଜୁଆଅଡ୍ଡାରୁ ୧୩ ହଜାର୨୩୦ ଟଙ୍କା, ଏକ କାର, ବାଇକ, ସ୍କୁଟି, ତାସ ମୁଠା, ୩ ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ଜୁଆ ଖେଳ ଚାଲିଥିବାବେଳେ ପୋଲିସକୁ ଦେଖି ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ କହିଛନ୍ତି। ଏ ନେଇ ପୋଲିସ ନଂ. ୧୪୨/୨୫ ରେ ମାମଲା ରୁଜୁ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପାଇକରାୟ ସୂଚନା ଦେଇଛନ୍ତି।

# ୧୫୦ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ

ଫୁଲନଖରା,୨୫।୭
(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରା ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ସ୍କୁଲରେ ଚଳିତବର୍ଷ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୧୫୦ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଟ୍ରଫି, ପଦକ ଓ ମାନପତ୍ର ପ୍ରଦାନ ପୂର୍ବକ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଜେନେରାଲ (ଆର୍‌ଏଣ୍ଡଡି, ଇନୋଭେସନ) ଡ. ମୃତ୍ୟୁଞ୍ଜୟ ସୁଆର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତା ପ୍ରଶଂସା କରି ସମ୍ମାନିତ କରିଥିଲେ। ବିଦ୍ୟାଳୟ ପ୍ରୋ ଭାଇସ୍ ଚେୟାରପର୍ସନ ମାଲା ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନିଜର ଲକ୍ଷ ପୂରଣ କରିବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ପ୍ରତିଭାକୁ ବିକଶିତ ନିମନ୍ତେ ପ୍ରୟାସ କରିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା, ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ପ୍ରତିଭା ସମ୍ମାନ ପାଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

# ବିଏଆର୍‌ସି ତାଲିମ ବିଦ୍ୟାଳୟରେ ସ୍ନାତକୋତ୍ତର ସମାରୋହ

ଭୁବନେଶ୍ୱର, ୨୫।୭ (ପିଆଇବି)

ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆର୍‌ସି) ତାଲିମ ବିଦ୍ୟାଳୟରେ ୬୮ତମ ସ୍ନାତକୋତ୍ତର ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଏଥିରେ ଯୋଗଦେଇ ବିଏଆର୍‌ସିର ଐତିହ୍ୟ ଏବଂ ଡ. ହୋମି ଜାହାଙ୍ଗୀର ଭାବାଙ୍କ ଦୃଷ୍ଟିକୋଣ ଉପରେ ସୂଚନା ଦେଇଥିଲେ। ଏଥିସହ ଅନୁଷ୍ଠାନର ତାଲିମ ଉତ୍କର୍ଷ ଏବଂ ଭାରତର ବିକାଶରେ ଏହାର ଅବଦାନକୁ ପ୍ରଶଂସା କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ 'ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତରଣ' ଆହ୍ୱାନକୁ ଦୋହରାଇଥିଲେ। ଡ. ମିଶ୍ର ମହାକାଶ କ୍ଷେତ୍ରର ସଫଳ ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରି ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଥିଲେ। ସେହିପରି ୨୦୨୪-୨୫ ବଜେଟ୍‌ର ପ୍ରମୁଖ ବଜେଟ ଘୋଷଣାଗୁଡିକ ଉପରେ ଆଲୋକପାତ କରିଥିଲେ। କର୍କଟ ଚିକିତ୍ସା ପାଇଁ ରେଡିଓ ଆଇସୋଟୋପ୍ ବ୍ୟବହାର, ବର୍ଜ୍ୟଜଳ ଉପଚାର ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ।



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଓ ଅନ୍ୟ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ଅନୁଷ୍ଠାନର ତାଲିମ୍ ଉତ୍କର୍ଷକୁ ଡ. ପି.କେ ମିଶ୍ରଙ୍କ ପ୍ରଶଂସା

ସେହିପରି ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଭା ହୋଇଥିବା ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକ କରିବା ପାଇଁ ଅନୁରୋଧ କରିଥିଲେ। ପରମାଣୁ ଶକ୍ତି ପ୍ରକଳ୍ପଗୁଡିକ ପାଇଁ ଅତ୍ୟଧିକ ପୁଞ୍ଜି ଆବଶ୍ୟକତାକୁ ସ୍ୱୀକାର କରିବା ସହ ସମୟସୀମା ମଧ୍ୟରେ ସମାପ୍ତି, କମ୍ ମୂଲ୍ୟର ଆର୍ଥିକ ସହାୟତା ଏବଂ ଘରୋଇ କ୍ଷେତ୍ରର କ୍ଷମତାକୁ ଉପଯୋଗ କରିବା ଶୁଳ୍କ ହ୍ରାସ ଏବଂ ଏହାର ଉପଯୋଗୀତାକୁ ଉନ୍ନତ କରିବାର ପ୍ରମୁଖ ଉପାୟ ବୋଲି କହିଥିଲେ। ପରମାଣୁ ଶକ୍ତି ନିୟାମକ ବୋର୍ଡ ଏବଂ ବିଏଆର୍‌ସି ସୁରକ୍ଷା ପରିଷଦର ଭୂମିକା ସମ୍ପର୍କରେ କହିଥିଲେ। ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବୃଦ୍ଧି ପାଉଥିବାରୁ ନିୟାମକ ପ୍ରଣାଳୀକୁ ଧ୍ୟାନରେ ରଖି ଅଧିକ ସୁରକ୍ଷା ସମ୍ବନ୍ଧୀୟ ଗବେଷଣାରେ ନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସୁରକ୍ଷା ମାନଦଣ୍ଡ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସର୍ବୋଚ୍ଚ ପ୍ରାଥମିକତା ହେବା ଆବଶ୍ୟକ ବୋଲି ଡ. ମିଶ୍ର ମତ ରଖିଥିଲେ। ପରେ ଡ. ମିଶ୍ର ସ୍ନାତକମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ଗ୍ରହଣ କରିବାକୁ, ପରିବର୍ତ୍ତନ ସହିତ ଖାପ ଖୁଆଇ ସହଯୋଗୀ ପରିବେଶରେ ଉନ୍ମୁକ୍ତତା, ସମ୍ମାନ ଏବଂ ନମ୍ରତାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।

# ଟ୍ରେନ୍‌ରେ ଚାଲାଣବେଳେ ୬ ବାଳ ଶ୍ରମିକ ଉଦ୍ଧାର

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)**

ଟ୍ରେନରେ ଚାଲାଣ ବେଳେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଶୁକ୍ରବାର ରୁଚିକା ସମାଜ ମଙ୍ଗଳ ସଂଗଠନ ଆକ୍ସେସ ଟୁ ଜଷ୍ଟିସ ଟିମ୍‌ର କର୍ମକର୍ତ୍ତା ୬ଜଣ ବାଳ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ବୟସ ୧୬ବର୍ଷରୁ କମ୍ ହେବ। ସରକାରୀ ରେଳବାଇ ଥାନା ପୋଲିସ (ଜିଆରପି) ଓ ରେଳବାଇ ସୁରକ୍ଷା ବଳ ଏଥିରେ ସହଯୋଗ କରିଥିଲେ। ଉଦ୍ଧାର ପରେ ବାଳ ଶ୍ରମିକଙ୍କୁ ଅତିରିକ୍ତ ଶିଶୁ ମଙ୍ଗଳ ସମିତିରେ ଉପସ୍ଥିତ କରାଯାଇଥିଲା। ସେମିତିର ନିର୍ଦ୍ଦେଶକ୍ରମେ ସେମାନଙ୍କୁ ରୁଚିକା ଓପନ ସେଲ୍ଟରରେ ରଖାଯାଇଛି। ପିଲାମାନେ ବିହାର ଓ ଅନ୍ୟ ରାଜ୍ୟରୁ ବାହାରକୁ କାର୍ଯ୍ୟ କରିବା ପାଇଁ ଯାଉଥିବା ସମୟରେ ଉଦ୍ଧାର ହୋଇଥିଲେ। ଏନେଇ ରୁଚିକା ପକ୍ଷରୁ ଜିଆର୍‌ପି ଥାନାରେ ଅଭିଯୋଗ କରାଯାଇଛି। ସଂଗଠନ ପକ୍ଷରୁ ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ।

# ଛାତ୍ରୀଛାତ୍ର ଏକାଠି ହେଲେ ବୈଶ୍ୱିକ ସମସ୍ୟା ସମାଧାନ ହେବ

## ସାଇ ମଡେଲ୍ ୟୁନାଇଟେଡ୍ ନେସନ୍ସ

**ଭୁବନେଶ୍ୱର, ୨୫।୭(ଅନୁରାଧା ମହାରଣା)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ ମଡେଲ ୟୁନାଇଟେଡ୍ ନେସନ୍ସ (ସାଇମୁନ୍)ର ତ୍ରୟୋଦଶତମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏକତ୍ରିତ ହେବା ଦ୍ୱାରା ବିଶ୍ୱ ସମସ୍ୟାର ସମାଧାନ ହେବ। ସାଇମୁନ୍ କେବଳ ସେମାନଙ୍କୁ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ କରାଇବ ତାହା ନୁହେଁ, ବରଂ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ବୈଶ୍ୱିକ ସମସ୍ୟା ସମାଧାନର କୌଶଳ ସୃଷ୍ଟି କରିବ। ବିଦ୍ୟାଳୟ ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁଙ୍କୁ ଉପମୁଖ୍ୟମନ୍ତ୍ରୀ ଗଭୀର କୃତଜ୍ଞତା ଜଣାଇବା ସହିତ ସେ ଜଣେ ମହତ୍ତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ଚିନ୍ତାଧାରକ ଥିଲେ ବୋଲି କହିଥିଲେ। ଏହି ୨ଦିନିଆ ସମ୍ମିଳନୀରେ ଭାରତ ସମେତ ବିଶ୍ୱର ୨୩ଟି ଦେଶର ୭୫୦ ରୁ ଅଧିକ ଆନ୍ତର୍ଜାତୀୟ ପ୍ରତିନିଧି ସାମିଲ୍ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ବିଜ୍ଞାନ, ବାଣିଜ୍ୟ ଓ କଳା ବିଷୟରେ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ଡ. ବିଜୟ କୁମାର ସାହୁ ଗ୍ଲୋବାଲ ସାଇଓନିଅର ଆୱାର୍ଡ ଏବଂ ସଫଳ ଉଦ୍ୟୋଗୀ ମନୋଭାବ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ଡ. ବିଜୟ କୁମାର ସାହୁ ଏମର୍ଜିଂ ଏଣ୍ଟରପ୍ରିନିୟର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଲ୍ପୀ ସାହୁ କହିଲେ, ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଏକତ୍ରିତ ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକତା ସୃଷ୍ଟି ହେବ। ଜାତୀୟ ଓ ଅନ୍ତର୍ଜାତୀୟ ଆଲୋଚନା ଦ୍ୱାରା ଅନ୍ତର୍ନିହିତ ଜ୍ଞାନ ବିକଶିତ ହେବା ସହିତ ବିଶ୍ୱର ସକଳ ସମସ୍ୟାର ସମାଧାନ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମର ସେକ୍ରେଟାରୀ ଜେନେରାଲ ସାଗୁନ୍ ସାମନ୍ତରାୟ ବିବରଣୀ ପାଠ କରିଥଲେ। 'ବସୁଧୈବ କୁଟୁମ୍ବକମ୍: ଗୋଟିଏ ବିଶ୍ୱ, ଗୋଟିଏ ପରିବାର' ଶୀର୍ଷକ ବାର୍ତ୍ତାଦେଇ ୨୩ଟି ଦେଶର ଛାତ୍ରୀଛାତ୍ର ୧୦ଟି କମିଟି ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଆଲୋଚନାର ନିଷ୍କର୍ଷ ଓ ବିଶ୍ୱର ବିଭିନ୍ନ ଦେଶରେ ଘଟୁଥିବା ସମସ୍ୟାର ସମାଧାନର ସରଳ ଉପାୟ ଏକ ପୁସ୍ତିକା ଆକାରରେ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯିବ। କାର୍ଯ୍ୟକ୍ରମରେ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ, ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ରେସିଡେନ୍ସିଆଲ୍ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଉପସ୍ଥିତ ଥିଲେ।



ସାଇମୁନ୍ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥି।

# ଲାଞ୍ଚ ନେଇ ଫସିଲେ ଜେଆର୍‌ଏ

## ବର୍ଷେ ତଳେ ଚାକିରି ପାଇଥିଲେ

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଉପଜିଲାପାଳ ଅଫିସ୍ ସ୍ୱତନ୍ତ୍ର ସାର୍ଟିଫିକେଟ୍ ସେକ୍ସନ୍‌ର କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ)) ସୌରଭ ତ୍ରିପାଠୀ ଶୁକ୍ରବାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି। ତାଙ୍କଠାରୁ ୩୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୫) ରୁଜୁ କରାଯାଇ ସୌରଭଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ସୌରଭଙ୍କ ଅଫିସ ଚାମ୍ବର ଓ ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ସୌରଭଙ୍କୁ କୋର୍ଟଚାଲାଣ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁସାରେ, ଅଭିଯୋଗକାରୀଙ୍କ ଜମି ପ୍ରମାଣପତ୍ର ନେଇ ପଞ୍ଜୀକୃତ ଏକ ମାମଲା ବହୁଦିନ ଧରି ପେଣ୍ଡିଂ ରହିଥିଲା। ବହୁବାର ଏନେଇ ଅଭିଯୋଗକାରୀ ଅନୁରୋଧ କରୁଥିଲେ ମଧ୍ୟ ସୌରଭ ଫାଇଲ ପ୍ରକ୍ରିୟା ପାଇଁ ଦିନ ଗଡ଼ାଇ ଚାଲିଥିଲେ। ଏଥିପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦେଲେ ଫାଇଲ କାର୍ଯ୍ୟ ଆଗକୁ ବଢ଼ିବ ବୋଲି ସେ ରୋକଠୋକ୍ କହିଦେଇଥିଲେ। ଶେଷରେ କୌଣସି ଉପାୟ ଏନେଇ ଅଭିଯୋଗକାରୀ ଜଣକ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯିବା ସହ ସୌରଭଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଅଭିଯୋଗକାରୀଙ୍କଠାରୁ ଅଫିସରେ ସୌରଭ ଟଙ୍କା ନେଇ ପ୍ୟାଣ୍ଟ ପକେଟ୍‌ରେ ରଖିଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଧରିଥିଲେ।



ସୌରଭ ତ୍ରିପାଠୀ

# ଗୋଦାବରୀଶ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଣପୁର,୨୫।୭(ଦିଲ୍ଲୀପ କୁମାର ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଓ ପୁଷ୍ପ ଦିଆଯାଇ ଅନୁଷ୍ଠାନର ପ୍ରେକ୍ଷାଳୟ ଭବନକୁ ପାଛୋଟି ନିଆଯାଇଥିଲା। ପୂର୍ବତନ +୨ ଅଧ୍ୟକ୍ଷ ଲକ୍ଷ୍ମୀପ୍ରସାଦ ମିଶ୍ର, ଅଧ୍ୟକ୍ଷ ବିନାୟକ ହୋତା, ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା, +୨ ଦାୟିତ୍ୱରେ ଥିବା ଆଦିତ୍ୟ ସାରଥି ବେଦମଣ୍ଡା, ଡ. ସୁଜାତା ମିଶ୍ର, ଗୋଲକ କୁମାର ବେହେରା, ଜୟନ୍ତ କୁମାର ବିହାରୀ, ସୁବ୍ରତ କୁମାର ତ୍ରିପାଠୀ, ଅଜୟ କୁମାର ଦାଶ, ସଂଘମିତ୍ରା ଘଟୁଆରୀ, ଅରବିନ୍ଦ ନାୟକ, ଲକ୍ଷ୍ମୀପ୍ରିୟା ପଲେଇ, ଡ. ରତ୍ନୁପର୍ଣ୍ଣା ମିଶ୍ର ଏବଂ ଉତ୍କଳିକା ପାଢ଼ୀ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ, ସାଧାରଣ ପ୍ରକୋଷ୍ଠ, ପାଠାଗାର, ପରୀକ୍ଷାଗାର, +୨ କାର୍ଯ୍ୟାଳୟ, ପାଠ୍ୟଖସଡ଼ା, ରୁଟିନ, ମହାବିଦ୍ୟାଳୟର ଶୃଙ୍ଖଳା, +୨ ପରିଷଦର ନୀତିନିୟମ, ଆଣ୍ଟିରାଗିଙ୍ଗ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ସମୟାନୁବର୍ତ୍ତିତା ଇତ୍ୟାଦି ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ପରିମାଣିକ, ମୁକେଶ ମହାପାତ୍ର, ବିଭୁଦେନ୍ଦୁ ବିଧାର, ଗୋପୀନାଥ ସାହୁ ଓ ରଞ୍ଜନ ବାରିକ ସହଯୋଗ କରିଥିଲେ।

# ପୂର୍ବାହ୍ନ ୯ଟା ୧୫ରେ ହେବ ପତାକା ଉତ୍ତୋଳନ

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୨୫।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ ଓ ଚିତ୍ରାଙ୍କନ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ସେହିପରି ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ପ୍ରାଣନାଥ ମହାବିଦ୍ୟାଳୟରେ ହେବ। ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ଦଳ ଚୟନ କରାଯିବ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ଡାକବାଜି ଯନ୍ତ୍ର ଯୋଗେ ଖୋର୍ଦ୍ଧା ପୌରାଞ୍ଚଳରେ ରାମଧୁନ ପ୍ରଚାର କରାଯିବ। ଖୋର୍ଦ୍ଧା ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୌର ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯିବ। ସେହିପରି ଜିଲାର ସମସ୍ତ ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ମାଲ୍ୟାର୍ପଣ କରିବେ। ବ୍ଲକ୍, ତହସିଲ ଏବଂ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଏବଂ ଅଧୀନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ମାଲ୍ୟାର୍ପଣ କରିବେ। ଉକ୍ତ ଦିନ ସକାଳ ୭ଟା ୩୦ରେ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ଜାତୀୟପତାକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ଉତ୍ସବ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ହେବ। ପୂର୍ବାହ୍ନ ୯ଟା ୧୫ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ଅଭ୍ୟାସ ପରେଡ ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ଟାରେ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ୧୫ ତାରିଖ ପରେଡ୍‌ରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅତିରିକ୍ତ ଜିଲାପାଳ ବେଉରା ନିବେଦନ କରିଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ବୈଠକ ସଂଯୋଜନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଆଇନଜୀବୀ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସର୍ଜେଣ୍ଟ ରିଜର୍ଭ ପୋଲିସ ସୌମ୍ୟ ରଞ୍ଜନ ବରାଳ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସତ୍ୟବାଦୀ ବଳିୟାରସିଂ, ବୁଦ୍ଧିଜୀବୀ ରଘୁନାଥ ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଇଆର୍‌ବି ରାସବିହାରୀ ସିଂ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଇଟିବିପି ଅର୍ଜୁନ ସାମଲ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ଅନ୍ୟମାନେ।

# ୪ ମାସ ପରେ ଅଭିଯୁକ୍ତ ଗିରଫ

## ଗାଁଦାଣ୍ଡରେ ଯୁବକଙ୍କୁ ମାଡ଼ ଓ ଉଠ୍‌ବସ୍ କରିବା ଘଟଣା

**ବେଗୁନିଆ,୨୫।୭(ହରପ୍ରସନ୍ନ ପଣ୍ଡା)**

ଗାଁଦାଣ୍ଡରେ ଜଣେ ଯୁବକଙ୍କୁ ଗୋଇଠା ମାରିବା ସହ ଉଠ୍‌ବସ୍ କରିବା ଘଟଣା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମହଙ୍ଗା ପଡ଼ିଛି। ଘଟଣା ଘଟିବାର ୪ମାସ ପରେ ବେଗୁନିଆ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣତୀର ଗ୍ରାମର ସତ୍ୟସ୍ୱରୂପ ରାଉତରାୟ। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୮ରେ ବେଗୁନିଆ ଥାନା ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମର ଜଣେ ୨୨ ବର୍ଷୀୟ ଯୁବକ ନିଜ ଘରୁ ବାହାରି କାମଧନ୍ଦା ସନ୍ଧାନରେ ବିଦେଶ ଯାଉଥିଲେ। ସେହି ଦିନ ଅପରାହ୍ନ ପ୍ରାୟ ୫ଟାରେ ସ୍ଥାନୀୟ ଗଡମାଣତୀର ଗ୍ରାମ ଦେଇ ଯୁବକ ଜଣକ ଅତିକ୍ରମ କରୁଥିଲେ। ସେଠାରେ କୌଣସି କାରଣକୁ ନେଇ ସତ୍ୟସ୍ୱରୂପ ସମ୍ପୃକ୍ତ ଯୁବକଙ୍କୁ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଯୁବକ ଜଣକ ଏହାର ପ୍ରତିବାଦ କରିବାରୁ ସତ୍ୟସ୍ୱରୂପ ତାଙ୍କୁ ଗାଁଦାଣ୍ଡ ମଝିରେ ଗୋଇଠା ମାରିବା ସହ ସର୍ବସମ୍ମୁଖରେ କାନଧରି ଉଠ୍‌ବସ୍ କରାଇଥିଲେ। ଘଟଣାବଳୀର ସମସ୍ତ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭିଡିଓ କରି ଭାଇରାଲ କରାଯାଇଥିଲା। ପରେ ଯୁବକ ଜଣକ ଆସି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨),୨୯୬,୧୧୫(୨),୩୦୩(୨),୩୫୧(୨)/୩(୫)ରେ ଏକ ମାମଲା (ନଂ ୧୦୨/୨୫) ରୁଜୁ କରି ଗତ ୪ ମାସ ହେଲା ତଦନ୍ତ ଜାରି ରଖିଥିଲା।

# ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ

**ନିରାକାରପୁର,୨୫।୭(ମାନାସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଗୃହ ନିର୍ମାଣ ସହ ପୁରୁଣା ମୁଖ୍ୟ ଫାଟକ ଖୁଣ୍ଟରେ ନୂଆ ଛାତ ପଡ଼ିଛି। ଶୁକ୍ରବାର ସକାଳ ୧୦ଟାରେ ରୋଗୀ ଯାତାୟତ ସମୟରେ ଏହି ଛାତ କାର୍ଯ୍ୟରେ ଲଗାଯାଇଥିବା ଗାଠ ଓ ପଟାକୁ ସମ୍ପୃକ୍ତ ଠିକାଦାରଙ୍କ ଶ୍ରମିକମାନେ ଖୋଲୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଯଦି କିଛି ଅଘଟଣ ଘଟିଥାନ୍ତା, ତେବେ କିଏ ଦାୟୀ ହୋଇଥାନ୍ତେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଠିକାଦାରଙ୍କ ସୁପରଭାଇଜରଙ୍କୁ ମେଡିକାଲ ସୁରକ୍ଷା ଗାର୍ଡ ତାଗିଦ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ।

# ୩୧.୫୦ ଲକ୍ଷ ଠକେଇ, ଅଭିନେତା ଗିରଫ

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)**

ଧାରରେ ନେଇଥିବା ୩୧.୫୦ ଲକ୍ଷ ଠକେଇ ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିନେତାଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ମଞ୍ଜେଶ୍ୱର ଥାନା ପଳାଶୁଣୀରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁରର ଉଦୟନ ଅପରାଜିତ୍ (୪୦)। କୋର୍ଟଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଉଦୟନ ଓଡ଼ିଆ ଆଲବମ୍ ଓ ଚଳଚ୍ଚିତ୍ର ସହ କନ୍ନଡ ଫିଲ୍ମରେ ଅଭିନୟ କରିଛନ୍ତି। ତେବେ ଠକେଇର ଶିକାର ହୋଇଥିବା ସରୋଜ କୁମାର ସାହୁ ଅଭିଯୋଗ ଅନୁସାରେ, ସେ ବରମୁଣ୍ଡା ଅଞ୍ଚଳରେ ପରିବାର ସହ ରୁହନ୍ତି। ୨୦୨୧ ଅକ୍ଟୋବର ୨୬ରେ ତାଙ୍କୁ ଉଦୟନ ଦେଖାକରି ଷ୍ଟିଲ ପ୍ରୋଜେକ୍ଟ କାର୍ଯ୍ୟର ଉନ୍ନତୀକରଣ ଲାଗି ୩୧.୫୦ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ତେବେ ଏହି ଟଙ୍କା ଫେରାଇବା ପାଇଁ ଉଦୟନ ଏକ ବ୍ୟାଙ୍କ ଚେକ୍ ଦେଇଥିବାବେଳେ ଟଙ୍କା ନ ଥିବାରୁ ତାହା ନାକଚ୍ ହୋଇଯାଇଥିଲା। ସରୋଜ ଅନେକଥର ଉଦୟନଙ୍କୁ ଯୋଗାଯୋଗ କରି ଟଙ୍କା ମାଗିଥିଲେ ମଧ୍ୟ ସେ ଫେରାଉ ନ ଥିଲେ। ଏପରିକି ଉଦୟନ ଧମକ ଦେଇଥିଲେ। ଶେଷରେ ସରୋଜ ଗତ ଏପ୍ରିଲ ୨୧ରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୧୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।



ଅଭିଯୁକ୍ତ ଉଦୟନ ଅପରାଜିତ୍

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ଉପଜିଲାପାଳଙ୍କୁ ଫେରାଦ ହେଲେ ୧୭ ୱାର୍ଡମେମ୍ବର

**ଖୋର୍ଦ୍ଧା,୨୫।୭(ପ୍ରଭାତ ପାଣିଗ୍ରାହୀ)**

ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୧୭ଜଣ ୱାର୍ଡମେମ୍ବର। ଏ ନେଇ ସେମାନେ ଶୁକ୍ରବାର ଉପଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସରପଞ୍ଚ ମନୋମୁଖୀ କାର୍ଯ୍ୟ ଚଳାଇଥିବା ଓ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଦଳେଇସାହି ପଞ୍ଚାୟତର ସରପଞ୍ଚ ଜଣେ ମହିଳା ହୋଇଥିବାବେଳେ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟ ଚଳାଉଛନ୍ତି। ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ପଞ୍ଚାୟତର ବିକାଶ ବାଧାପ୍ରାପ୍ତ ହେଉଛି। କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ୱାର୍ଡ ସଦସ୍ୟା ସଦସ୍ୟଙ୍କ ମତାମତ ନେବା ପରିବର୍ତ୍ତେ ନିଜେ ଏକପାଖିଆ ନିଷ୍ପତ୍ତି ନେଉଛନ୍ତି। ପଞ୍ଚାୟତକୁ ଯାହା କାମ ଆସୁଛି, ତାହା ତାଙ୍କ ପରିବାର ଲୋକେ କରୁଛନ୍ତି। ଡ୍ରେନ, ରାସ୍ତାଘାଟ, ଷ୍ଟ୍ରିଟଲାଇଟ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଗତ ୩ବର୍ଷ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି ବୋଲି ୱାର୍ଡ ସଦସ୍ୟା ସଦସ୍ୟ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ୧୭ ୱାର୍ଡ ସଦସ୍ୟ ଏକାଠି ହୋଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ ବୋଲି ସମ୍ପୃକ୍ତ ସରପଞ୍ଚ କହିଛନ୍ତି।

# 'ସାହିତ୍ୟ ଅନୁରାଗୀ ପିଢ଼ି ଗଢୁଛି ଓଡ଼ିଶା ସାହିତ୍ୟ ଏକାଡେମୀ'

## ୬୮ତମ ସ୍ୱନକ୍ଷତ୍ର ଦିବସ

**ଭୁବନେଶ୍ୱର, ୨୫।୭(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ବିଗତ ଏକବର୍ଷ ମଧ୍ୟରେ ଅନେକ ଏକାଡେମୀ ବହୁ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି। କେନ୍ଦୁଝରରେ ମହାନ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ମୟୂରଭଞ୍ଜ ରାଇରଙ୍ଗପୁରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ, କେନ୍ଦୁବିଲ୍ୱଠାରେ ମହାକବି ଜୟଦେବଙ୍କ ଜୟନ୍ତୀ ସହ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀର ଆୟୋଜନ, ଓଡ଼ିଆ ପକ୍ଷ ପାଳନ ସମୟରେ ଯୁବ ଲେଖକ ସମ୍ମିଳନୀ ଏବଂ ଅନେକ ପୁସ୍ତକ ପ୍ରକାଶନ ସହ ଆଲୋଚନାଚକ୍ରର ମଧ୍ୟ ଆୟୋଜନ କରାଯାଇଛି। ସେହିଭଳି ବର୍ଷକ ମଧ୍ୟରେ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କୋଣଅନୁକୋଣରେ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏକ ନୂତନ ସାହିତ୍ୟ ଅନୁରାଗୀ ପିଢ଼ି ଗଠନ କରିବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଫଳ ହୋଇଛି। ଡିଜିଟାଲ ଓ ଏଆଇ ପ୍ଲାଟ୍‌ଫର୍ମରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇବା ସହ ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରିବା ପାଇଁ ଆମେ ସଦାସର୍ବଦା ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ ବୋଲି ସୂରଜ କହିଛନ୍ତି।

ମୁଖ୍ୟ ଅତିଥିଭାବେ କେନ୍ଦ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାରପ୍ରାପ୍ତ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବା ଓ ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟକେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ ପଣ୍ଡିତ ହରିହର ଦାସ, ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ, ଶ୍ରୀଜଗନ୍ନାଥ ଐତିହ୍ୟ ଶତକ, ମୃତ୍ୟୁଞ୍ଜୟ, ନାଟ୍ୟ ଶାସ୍ତ୍ର (ପ୍ରଥମ ଓ ଦ୍ୱିତୀୟ ଖଣ୍ଡ), କୋଣାର୍କ (ଦୟାନିଧି ମିଶ୍ର ବିଶେଷାଙ୍କ), କୋଣାର୍କ (ଗଙ୍ଗାଧର ମେହେର ବିଶେଷାଙ୍କ), କୋଣାର୍କ (ସୁରେନ୍ଦ୍ର ମହାନ୍ତି ବିଶେଷାଙ୍କ), ବ୍ରତ ସାହିତ୍ୟ, ଲୋକରତ୍ନ କୁଞ୍ଜବିହାରୀ ଦାଶ, ବ୍ଲାକ ଟାଇଗର ଆଦି ଉନ୍ମୋଚିତ ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦ ହଜାର ଟଙ୍କା ଓ ସ୍ନାତକୋତ୍ତର (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ ଗଙ୍ଗାଧର ମେହେର ବିଶେଷାଙ୍କ 'କୋଣାର୍କ'କୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ନିର୍ମାଣ ନିବାସରେ ଅଗ୍ନିକାଣ୍ଡ

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ନିର୍ମାଣ ନିବାସଠାରେ ଶୁକ୍ରବାର ସନ୍ଧ୍ୟାରେ ନିଆଁ ଲାଗିଥିବା ନେଇ ସୂଚନା ମିଳିଛି। ପୂର୍ତ୍ତ ବିଭାଗର ନିର୍ମାଣ ନିବାସରେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଗ୍ନିକାଣ୍ଡ ଭୟାବହ ହୋଇ ନ ଥିବାବେଳେ କାହାର କିଛିକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ନିର୍ମାଣ ନିବାସର ୨୦୨ ନଂ. ରୁମ୍‌ରେ ନିଆଁ ଲାଗିଥିଲା। ତେବେ ସର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଲେ ଶ୍ରେୟାଂଶୀ

ସାକ୍ଷୀଗୋପାଳ,୨୫।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ନିଜର ବୁଦ୍ଧି ଏବଂ ତତ୍କାଳ ଠିକ ଉତ୍ତର ଦେଇ ଭଲଭାବେ କଥା କହିପାରୁ ନ ଥିବା ୨୦ ମାସର ଶିଶୁ କନ୍ୟା ଶ୍ରେୟାଂଶୀ ପଣ୍ଡା ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି। ବିଭିନ୍ନ ପ୍ରଜାତିର ୧୯ଟି ବନ୍ୟଜନ୍ତୁ, ୧୭ ଗୃହପାଳିତ ପଶୁ, ୧୩ ପକ୍ଷୀ, ୧୮ ପ୍ରକାର ପନିପରିବା, ୨୦ଟି ଯାନବାହାନ, ୨୬ଟି ଇଂରାଜୀ ଅକ୍ଷର ଓ ବ୍ୟବହୃତ ଶବ୍ଦାବଳି, ଭିନ୍ନ ଭିନ୍ନ ପ୍ରକାରର ୨୦ଟି ଫଳ, ମଣିଷ ଶରୀରର ୧୪ଟି ଅଙ୍ଗ ପ୍ରତ୍ୟଙ୍ଗ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ୫ଟି ସାଧାରଣ ଜ୍ଞାନର ଠିକ ଉତ୍ତର ଦେବାରେ ସଫଳ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡସର ମୁଖ୍ୟ ସମ୍ପାଦକ ଡ. ବିଶ୍ୱରୁପ ରାୟ ଚୌଧୁରୀ ଶିଶୁକୁ ଚଳିତ ମାସ ୧୪ ତାରିଖରେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରି ଉତ୍ସାହିତ କରିଛନ୍ତି। ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର କୁନିଝିଅ ଶ୍ରେୟାଂଶୀଙ୍କ ମାତା ତପସ୍ୱିନୀ ପଣ୍ଡା ଓ ପିତା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଏଥିପାଇଁ ଖୁସିର ଲହରୀ ଖେଳିଯାଇଛି। ପୁରୀ ସହରରେ ରହୁଥିବା ଏହି ପରିବାରକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### କୁଇଜ, ଭାଷଣ ପୁସ୍ତକ ଉନ୍ମୋଚନ

କଣାସ,୨୫।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ପଞ୍ଚାୟତର ସାହସପୁର ଠାରେ ଏକ କୁଇଜ୍, ଭାଷଣ ପୁସ୍ତକ ଉନ୍ମୋଚିତ ହୋଇଛି। ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ସାହୁ, ମାଳିସାହି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଦ୍ୱୈତ ବେହେରା, କଳାପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମନ ବେହେରା, ସାହସପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧୂଳିରାମ ବେହେରା, ହରଚଣ୍ଡୀ ଉପ୍ରା ପ୍ରଧାନ ଶିକ୍ଷକ ହେମନ୍ତ ପ୍ରଧାନ, ଜାଗୁଳେଇପଦର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉତ୍କଳ ପରିଡ଼ା, ଲେଖକ ଶ୍ରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷକ ରବୀନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ।

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ବେଆଇନ ଭାବେ ସରକାରୀ ବାସଭବନକୁ ଭାଙ୍ଗି ତା'ର ଲୁହାରଡ୍ ବିକ୍ରି କରାଯାଇଥିବା ଅଭିଯୋଗ ଆଣି ଜିଲାପାଳଙ୍କୁ ଦିଲୀପ କୁମାର ବରାଳ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପିପିଲି ବ୍ଲକ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୩ଟି ସରକାରୀ ବାସଭବନ ଥିଲା। ଏଥିମଧ୍ୟରୁ ଦୁଇଟି ପୁରୁଣା ଓ ଗୋଟିଏ ନୂଆ। ଦୁଇଟି ପୁରୁଣା ବାସଭବନରେ କୌଣସି କର୍ମଚାରୀ ଗତ ତିନିବର୍ଷ ମଧ୍ୟରେ ନ ଥିଲେ। ୩ ସରକାରୀ ବାସଭବନକୁ ଅସୁରକ୍ଷିତ ଘୋଷଣା କରାଯାଇନାହିଁ କି ଭଙ୍ଗାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇନାହିଁ। ଏହାସତ୍ତ୍ୱେ ଏହାର ଛାତ ଭଙ୍ଗାଯାଇ ଲୁହାରଡ ବିକ୍ରି କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବରାଳ ଦାବି କରିଛନ୍ତି।

# ନିର୍ବାଚନ ନ ହେଉଣୁ ଛାତ୍ର ଗୋଷ୍ଠୀ ମଧ୍ୟରେ ହାତାହାତି

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ଦୀର୍ଘବର୍ଷ ବ୍ୟବଧାନ ପରେ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସଙ୍କେତ ମିଳିଛି। ଫଳରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଏନେଇ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ସମ୍ଭାବ୍ୟ ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସ ସରଗରମ ହେଉଥିବା ବେଳେ ଶୁକ୍ରବାର ଅପରାହ୍ନରେ ରାଜ୍ୟ ତଥା ପୁରୀର ପ୍ରମୁଖ ମହାବିଦ୍ୟାଳୟ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିବା ନେଇ ଖବର ମିଳିଛି।

କଲେଜରେ ନିର୍ବାଚନ ହେବା ନେଇ ସରକାରଙ୍କ ପକ୍ଷରୁ କୌଣସି ତାରିଖ ଘୋଷଣା ହୋଇ ନ ଥିବାବେଳେ ବର୍ତ୍ତମାନ ସୁଦ୍ଧା ବିଜ୍ଞପ୍ତି ମଧ୍ୟ ଜାରି ହୋଇନାହିଁ। ନିର୍ବାଚନକୁ କେନ୍ଦ୍ର କରି ଦୁଇ ରାଜନୈତିକ ଦଳର ଛାତ୍ର ସଂଗଠନ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ନିଜ ସପକ୍ଷରେ ଭୋଟ ହାତେଇବା ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ କରିଦେଲେଣି। ଆଶାୟୀମାନେ ସକ୍ରିୟ ହେଉଥିବା ବେଳେ ମୁହାଁମୁହିଁ ପରିସ୍ଥିତି ଉପୁଜିଲାଣି। ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ଠାରେ ଶୁକ୍ରବାର ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ସମର୍ଥିତ କିଛି ଛାତ୍ର ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବାରୁ ଦୁଇ ଛାତ୍ର ଗୋଷ୍ଠୀ ପୂର୍ବତନ ଛାତ୍ରମାନଙ୍କୁ ଡକାଇବା ପରେ ଘଟଣା ଉଗ୍ରରୂପ ନେଇଥିଲା। ଏପରିକି ମାରଣାସ୍ତ୍ର ନେଇ ଆସିଥିବା ଜଣାପଡ଼ିଛି। ଅପରପକ୍ଷରେ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ଘଟଣାରେ ଦୁଇପକ୍ଷର ଛାତ୍ର ଆହତ ହୋଇ ଜିଲା ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଆହତ ଦୁଇ ଛାତ୍ର ହେଲେ ଶୁଭମ ସାହୁ ଓ ତାପସ ମଙ୍ଗରାଜ।

ସୂଚନାଯୋଗ୍ୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜଣେ ଛାତ୍ର ପରୀକ୍ଷା ସାରି ଫେରୁଥିବା ବେଳେ ତାଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଜଣଙ୍କ ଉପରେ ଆକ୍ରମଣ ହେବାରୁ ଆଉ ଜଣେ ଛାତ୍ର ତାଙ୍କୁ ସୁରକ୍ଷା ଦେବାକୁ ଆସି ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ ବୋଲି ଛାତ୍ରଙ୍କ ତରଫରୁ ସୂଚନା ଦିଆଯାଇଛି। ପରେ ଉକ୍ତ ଘଟଣାରେ ଦୁଇ ଛାତ୍ର ସଂଗଠନ ମୁହାଁମୁହିଁ ହୋଇଥିଲେ। ପରେ ଉକ୍ତ ଘଟଣାରେ ଦୁଇ ସଂଗଠନକୁ ସମର୍ଥନ କରୁଥିବା କଲେଜର ପାସ୍ ଆଉଟ ଛାତ୍ରମାନେ ସାମିଲ ହୋଇଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଶୁଭମ 4 ଜଣଙ୍କ ନାଁରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଟାଉନ ଥାନା ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି। କିଛିଦିନ ହେବ ପୋଲିସ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ପରିବେଶ ଉପରେ କର୍ମଶାଳା କରାଯାଇଛି। କିନ୍ତୁ ନିର୍ବାଚନୀ ଆଭାସ ପାଇ ଛାତ୍ରଙ୍କ ମଧ୍ୟରେ ଟକରା ଟକରି ପରିସ୍ଥିତି ସୃଷ୍ଟି ହେଲାଣି। ଆଗାମୀ ଦିନରେ ନିର୍ବାଚନ ତାରିଖ ଘୋଷଣା ହେବ, ତେବେ ନିର୍ବାଚନକୁ ନେଇ ରାଜ୍ୟରେ ପରିସ୍ଥିତି ଅଧିକ ଜଟିଳ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ପୁରୀରେ ନୂତନ ଜିଲାପାଳଙ୍କ ଯୋଗଦାନ



ନୂତନ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ପୁରୀର ନୂତନ ଜିଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜିଲାପାଳ ପ୍ରଥମେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ପରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଜିଲାପାଳଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲାପାଳ ରାଜକିଶୋର ଜେନା ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଜିଲାପାଳଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ।

ଜିଲାପାଳ ପରିଡ଼ା କହିଛନ୍ତି, ଜିଲାକୁ ଆଗକୁ ନେବାକୁ ହେଲେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ। ଏହାପୂର୍ବରୁ ପରିଡ଼ା ଗଞ୍ଜାମର ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ପୁରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିବା ଚଞ୍ଚଳ ରାଣାଙ୍କର ବିଏମ୍‌ସି କମିଶନର ଭାବେ ବଦଳି ହୋଇଛି। ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାପାଳ ପରିଡା ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆଜ୍ଞା ଓ କୃପାରୁ ପୁରୀର ଜିଲାପାଳ ଭାବେ ଦାୟିତ୍ୱ ପାଇଛି। ଏହା ମୋ ପାଇଁ ପରମ ସୌଭାଗ୍ୟ । ସମନ୍ୱୟ ରଖି ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଉନ୍ନତିମୂଳକ କାର୍ଯ୍ୟ କରାଯିବ।

## ଓକିଲ ସଂଘ ସତ୍ୟାଗ୍ରହରେ ରାଜ୍ୟ ଆଇନଜୀବୀ ପରିଷଦ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ସତ୍ୟାଗ୍ରହରେ ୧୨ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ।

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଅଦାଲତ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧକରି ପୁରୀ ଓକିଲ ସଂଘ ଚାଲୁ ରଖିଥିବା ସତ୍ୟାଗ୍ରହ ଶୁକ୍ରବାର ୧୫୦ ଦିନରେ ପହଞ୍ଚିଛି। ବାର୍ କାଉନସିଲ୍‌ର ଚେୟାରମ୍ୟାନ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ୧୨ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୁରୀ ଆସି ସତ୍ୟାଗ୍ରହୀମାନଙ୍କୁ ସମର୍ଥନ କରିଛନ୍ତି। ଟିମ୍ ମତବ୍ୟକ୍ତ କରି କହିଛି, କଚେରିଠାରୁ କୋର୍ଟକୁ ଅଲଗା କରିବା ବିଚାର ଓ ନ୍ୟାୟର ପରିପନ୍ଥୀ। କୌଣସି କାରଣ ନ ଥାଇ ଓକିଲଙ୍କ ସହ କିମ୍ବା ବାର୍ ସହ ଆଲୋଚନା ନ କରି ଏକପାଖିଆ ନିଷ୍ପତ୍ତି ଓକିଲଙ୍କ ପାଇଁ ଅପମାନ। ବର୍ତ୍ତମାନ କୋର୍ଟ ଜାଗାରେ ଆବଶ୍ୟକ ସ୍ଥାନ ଥିବାବେଳେ ୩ଟି ସରକାରୀ ଅଫିସ ମିଶାଇଲେ ଏହି ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ ହୋଇପାରିବ। ପୁରୀରେ ଯେଉଁ ଜାଗାକୁ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି, ତାହା କଟକଣା ଥିବା ସତ୍ତ୍ୱେ କିପରି ସ୍ଥାନାନ୍ତର କରିବେ ଓ କାହିଁକି କରିବେ। ଏହି ଟିମ୍‌ରେ ବାର୍ କାଉନସିଲ୍ ସଦସ୍ୟ ପୀତବାସ ପଣ୍ଡା, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ଅରୂପାନନ୍ଦ ଦାସ, ସଞ୍ଜିତ କୁମାର ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଟେଲ, ବିଭୁପ୍ରସାଦ ତ୍ରିପାଠୀ, ଜ୍ଞାନରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାମନ୍ତରା, ତପନ କୁମାର ବିଶ୍ୱାଳ ଓ ଗିରିଧାରୀ ମହାପାତ୍ର ଆସି କୋର୍ଟସ୍ଥଳ, ୩ଟି ଅଫିସର ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ର, ଆଇନ ମନ୍ତ୍ରୀଙ୍କୁ ଦେଖାକରି ତାଙ୍କ ରିପୋର୍ଟ ଦେବେ ବୋଲି କହିଛନ୍ତି। ଆଲିଏନେଶନ କେସ୍ ଦ୍ୱାରା ପ୍ରସ୍ତାବିତ ସ୍ଥାନକୁ ନାପସନ୍ଦ କରିଥିଲେ। ଯେପର୍ଯ୍ୟନ୍ତ ଓକିଲଙ୍କ ଦାବିପୂରଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତି , ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଅନୀଲ ସାହୁ, ମନୋରଞ୍ଜନ ଦାସ, ସୋମନାଥ ଦାସ, ସାରଦା ସାମଲ, ବରିଷ୍ଠ ଓକିଲ ଜୟଦେବ ମିଶ୍ର, ଆଦିତ୍ୟ ମିଶ୍ର, ରୁଦ୍ର ନନ୍ଦନ ମିଶ୍ର, ପୁଷ୍କର ମହାପାତ୍ର, ଜ୍ୟୋତି ପ୍ରକାଶ ମିଶ୍ରଙ୍କ ସମେତ ଶତାଧିକ ଓକିଲ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଟେବୁଲ ଟେନିସ୍ ର‍୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆସ୍ଥିତ ଖୋଖୋ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ ଟେବୁଲ୍ ଟେନିସ୍ ର‍୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନକରି କହିଛନ୍ତି, ଅଲିମ୍ପିକ୍ସରେ ଓଡ଼ିଶାର ଟେବୁଲ ଟେନିସ୍ ଖେଳାଳିଙ୍କୁ ପହଞ୍ଚାଇବା ଦିଗରେ ପୁରୀ ଜିଲା ଟେବୁଲ ଟେନିସ୍ ଆସୋସିଏଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱ ଓ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅତିଥି ଭାବେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଦୁର୍ଗାପ୍ରସାଦ ଦାସ ମହାପାତ୍ର, ଈପସିତ ପ୍ରତିହାରୀ, ଶିକ୍ଷାବିତ୍ ପରୀକ୍ଷିତ ସାହୁ, ରାମନାରାୟଣ ଗୋଛିକାର ଓ ଶ୍ୟାମଳ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତି ବିବରଣୀ ପାଠ କହିଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଖେଳାଳି ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ପି. ପରିତୋଷ ଓ ଜିଜ୍ଞାସୁ ସାଇକିରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କଟକ, ପୁରୀ, ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା ସମେତ କିସ୍, ଏଜି ଓ ରେଲୱେ ସହ ଅନେକ ଜିଲା ଏବଂ ସଂସ୍ଥାର ୨୨୦ଜଣ ଖେଳାଳି ଯୋଗଦେଇଛନ୍ତି। କାର୍ଯ୍ୟକ୍ରମକୁ ଯୁଗଳ ପ୍ରସାଦ ମହାନ୍ତି, ବିବେକାନନ୍ଦ ପ୍ରଧାନ, ଆଶିଷ ଭଟ୍ଟାଚାର୍ଯ୍ୟ, ସତ୍ୟଜିତ ମହାନ୍ତି, ଜୟନାରାୟଣ ପୂଜାପଣ୍ଡା, ଆଶିଷ ଚନ୍ଦୁକା ଓ ଅଭିଜିତ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି।

## ଜଇଶପାଟଣାରେ ଭାଙ୍ଗିଲା କେନାଲ ବନ୍ଧ: ଅଞ୍ଚଳ ଜଳମଗ୍ନ



ପିପିଲି,୨୫।୭(ଦୁର୍ଗାମାଧବ ମିଶ୍ର)

ଜଇଶପାଟଣା ଛକ ନିକଟରେ କେନାଲ ବନ୍ଧ ଭାଙ୍ଗିଛି। ଡେଲାଙ୍ଗ ବ୍ରାଞ୍ଚ କେନାଲ ଡାହାଣ ପାର୍ଶ୍ୱ ବନ୍ଧ ଭାଙ୍ଗିବାରୁ ୫୦ ଫୁଟର ଘାଇ ସୃଷ୍ଟି ହେବା ସହ ସ୍ଥାନୀୟ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଗୁରୁବାର ମଧ୍ୟରାତ୍ରୀରେ ବନ୍ଧ ଭାଙ୍ଗିବା ପରେ ଉପରମୁଣ୍ଡରୁ ଜଳ ଯୋଗାଣ ବନ୍ଦ ରହିଛି। ବନ୍ଧର ଅନ୍ୟ ସ୍ଥାନରୁ ଅତଡ଼ା ଧସୁଛି। ଏଥିଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। କେନଲ ପାଣି ଉପରେ ପିପିଲି –ଡେଲାଙ୍ଗର ଲକ୍ଷାଧିକ ଚାଷୀ ନିର୍ଭର କରୁଛନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କେନାଲ ବନ୍ଧ ଭାଙ୍ଗିଥିବା ଚାଷୀ ଅଭିଯୋଗ କରିବା ସହ ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି। ବିଭାଗୀୟ ପୁରୀ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ପିପିଲି ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ବିଚିତ୍ରାନନ୍ଦ ମାଝୀ ଓ କନିଷ୍ଠ ଯନ୍ତ୍ରୀ ତନ୍ମୟ ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ମରାମତି କାର୍ଯ୍ୟ ତଦାରଖ କରୁଛନ୍ତି।

## ନୟାହାଟ-ବାଇପାସ୍ ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର, ୨୫।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଟ୍ରାଫିକ ସମସ୍ୟା ଦୂର ପାଇଁ କୁଣ୍ଡେଇ କେନାଲ ବାମପାର୍ଶ୍ୱ ବନ୍ଧର କାନାରା ବ୍ୟାଙ୍କଠାରୁ ବରଗଡ଼ା ପର୍ଯ୍ୟନ୍ତ ରାସ୍ତା ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ରବିବାର ଓ ବୁଧବାର ନୟାହାଟରେ ଟ୍ରାଫିକ ସମସ୍ୟା ଉପୁଜୁଥିବାବେଳେ ଉକ୍ତ ବାଇପାସ ରାସ୍ତା ଦେଇ ହାଲୁକା ଯାନ ଚଳାଚଳ ବ୍ୟବସ୍ଥା ହୋଇଥିଲା। ତେବେ ଉକ୍ତ ରାସ୍ତାରେ ଭାରିଯାନ ଯିବା ଫଳରେ ରାସ୍ତା ଦବି ପିଚୁ ଉଠି ଖାଲ ହୋଇଗଲାଣି। ଫଳରେ ପାଣି ଜମୁଛି। ରାସ୍ତା ଅବସ୍ଥା ଶୋଚନୀୟ ହେବାକୁ ବସିଛି। ତୁରନ୍ତ ରାସ୍ତା ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ କହିଛନ୍ତି, ରାସ୍ତା ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ନିଆଯିବ।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଶୁକ୍ରବାର ଅଭିଯୋଗ ଆଣିଛନ୍ତି। ମୃତକ ହେଲେ ବାଲିପାଟଣା ଅଞ୍ଚଳର ନିଧି ଖଟେଇ (୬୫)। ସୂଚନା ଅନୁଯାୟୀ, ନିଧି କିଛି ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ତାଙ୍କୁ ପରିବାର ଲୋକେ ଶୁକ୍ରବାର ଅପରାହ୍ନ ୪ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲେ। ପରେ ଡାକ୍ତର ତାଙ୍କୁ ସାଲାଇନ ଓ ଇଞ୍ଜେକ୍‌ଶନ ଦେଇଥିଲେ। ତେବେ କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାଦେଖି ପରିବାର ଲୋକେ ଡାକ୍ତରଙ୍କୁ ଡାକିଥିଲେ। ତେବେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଭୁଲ ଇଞ୍ଜେକ୍‌ଶନ ଓ ଚିକିତ୍ସା ଅବହେଳା କାରଣରୁ ନିଧିଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯିବା ସହ ହୋହଲ୍ଲା କରାଯାଇଥିଲା। ଯାହାକୁ ନେଇ ମେଡିକାଲରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ନିଧିଙ୍କ ପୁଅ କହିଛନ୍ତି, ତାଙ୍କ ବାପାଙ୍କୁ ଜ୍ୱର ହେଉଥିବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ପ୍ରଥମେ ଗୋଟିଏ ସାଲାଇନ ଦେଇଥିଲେ। ସାଲାଇନ ଦେବାର କିଛି ସମୟ ପରେ ତାଙ୍କ ବାପା ଥରିବାକୁ ଲାଗିଥିଲେ। ଏନେଇ ସେ ଦାୟିତ୍ୱରେ ଥିବା ଡାକ୍ତରକୁ ଜଣାଇଥିଲେ। କିଛି ସମୟ ପରେ ଡାକ୍ତର ପହଞ୍ଚି ଇଂଜେକ୍ସନ ଦିଆଯାଇଛି ନାହିଁ ପଚାରିବା ସହ ନର୍ସଙ୍କୁ ଡାକି ଏକ ଇଞ୍ଜେକ୍‌ସନ ଦେଇଥିଲେ। ଏହାର ୫ରୁ ୧୦ ମିନିଟ୍ ମଧ୍ୟରେ ବାପାଙ୍କର ମୃତ୍ୟୁ ଘଟିଲା। ଭୁଲ୍ ଇଞ୍ଜେକ୍‌ଶନ ଦେବା ଓ ଚିକିତ୍ସା ଅବହେଳାରୁ ନିଧିଙ୍କ ମୃତ୍ୟୁ ଘଟିଥିବା ପୁଅ କହିଛନ୍ତି।

## ବିଭିନ୍ନ ଯୋଜନାର ସମୀକ୍ଷାକଲେ ନୂତନ ଜିଲାପାଳ

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)



ବୈଠକରେ ନୂତନ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ପୁରୀ ନୂତନ ଜିଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେବା ପରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀ, ତହସିଲଦାର, ବିଡିଓ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲାର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ମେଗା ପ୍ରକଳ୍ପ, ଉନ୍ନୟନମୂଳକ କାର୍ଯ୍ୟ, ଜନହିତକର ଯୋଜନାଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ବର୍ଷାଋତୁ, ଯେଉଁ ଅଞ୍ଚଳଗୁଡ଼ିକ ଜଳପ୍ଲାବିତ ହେବାର ସମ୍ଭାବନା ରହିଛି ତାହା ପାଇଁ ପ୍ରସ୍ତୁତ ରହିବା, ପ୍ରସ୍ତୁତ ହୋଇ ରହିଥିବା ଆଶ୍ରୟସ୍ଥଳଗୁଡ଼ିକର ପୁନଃ ନିରୀକ୍ଷଣ ସହ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଔଷଧ ବିଶେଷ କରି ସାପ କାମୁଡ଼ାର ଅଧିକ ଆଶଙ୍କା ଥିବାରୁ ଆଣ୍ଟି ଭେନମ୍ ଔଷଧ ମହଜୁଦ ରଖିବା, ସହରାଞ୍ଚଳରେ ଯେଉଁଠାରେ ଜଳବନ୍ଦୀର ଆଶଙ୍କା ରହିଛି, ସେଠାରେ ଜଳ ନିଷ୍କାସନ ପାଇଁ ପମ୍ପ ସେଟର ବ୍ୟବସ୍ଥା ପାଇଁ ଜିଲାପାଳ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରିବା, ନିଜ ଅଞ୍ଚଳର ଦୈନିକ ସାମାଜିକ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ତାହାର ନିରାକରଣ ପାଇଁ ପଦକ୍ଷେପ ନେବା, ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ନେଇ ସମସ୍ୟାର ସମାଧାନ ପାଇଁ ସେ କହିଛନ୍ତି। ଜିଲାପାଳ ପରିଡ଼ା ପୁରୀ ଜିଲାକୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଜିଲାସ୍ତରୀୟ ଅଧିକାରୀ, ଜିଲାର ସମସ୍ତ ବିଡିଓ, ତହସିଲ୍‌ଦାର ପ୍ରମୁଖ ଯୋଗଦେଇ ସେମାନଙ୍କ ଅଞ୍ଚଳ ଓ ବିଭାଗର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।



ଆସାମର ଶ୍ରମ କଲ୍ୟାଣ ମନ୍ତ୍ରୀ ରୂପେଶ ଗୌୱାଲା ପରିବାର ସହ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।




ବିଶ୍ୱ ଜଳବୁଡ଼ି ଅବସରରେ ପୁରୀ ଲାଇଫଗାର୍ଡ ପକ୍ଷରୁ ବେଳାଭୂମିରେ ମାନବ ଶୃଙ୍ଖଳ କରି ସମୁଦ୍ରରେ ନିରାପଦ ସ୍ନାନ ସମ୍ପର୍କିତ ସଚେତନତା ବାର୍ତ୍ତା ଦିଆଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ବାର୍ଡ ଫ୍ଲୁ
# ୨ୟ ଦିନରେ ମରାଗଲା ୭୦୯ ବତକ

ଖୋର୍ଦ୍ଧା/ନିରାକାରପୁର,୨୫।୭ (ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବ୍ଲକ ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳରେ କୁକୁଡ଼ା ନମୁନା ପଜିଟିଭ୍ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଗୁରୁବାର ପ୍ରଥମ ଦିନରେ ୪୫୦୭ କୁକୁଡ଼ା ମରାଯାଇ ପୋତାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନରେ ଉକ୍ତ ଅଞ୍ଚଳରେ ୭୦୯ ବତକ ମରାଯାଇଛି। ବାର୍ଡ ଫ୍ଲୁ ହୋଇଥିବା ୧ କିମି ମଧ୍ୟରେ ୩୮ ଏବଂ ୧୦ କିମି ପରିଧି ମଧ୍ୟରେ ୧୮୭ କୁକୁଡ଼ା ଫାର୍ମ ରହିଛି ବୋଲି ଜିଲା ପ୍ରାଣୀଧନ ବିଭାଗ ସହକାରୀ ନିର୍ଦ୍ଦେଶକ ମାନସ ଚାନ୍ଦ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଏକ କିମି ପରିଧି ମଧ୍ୟରେ ଥିବା କୁକୁଡ଼ା ଫାର୍ମରେ କୁକୁଡ଼ା ନ ଥିବାବେଳେ ୧୦ କିମି ମଧ୍ୟରେ ଥିବା କୁକୁଡାଫାର୍ମଗୁଡ଼ିକୁ ସର୍ଭେଲାନ୍ସରେ ରଖାଯାଇଛି। ଉକ୍ତ ଅଞ୍ଚଳରେ କୁକୁଡ଼ା ମାରିବା ପାଇଁ ୮ଟି କଲିଂ ଟିମ୍ ସହ ୩ଟି ସର୍ଭେଲାନ୍ସ ଏବଂ ଗୋଟିଏ ସୁପରଭାଇଜର ଟିମ୍ ସମେତ ମୋଟ ୧୨ ଟିମ୍ ନିୟୋଜିତ ଅଛନ୍ତି। ୨୪ଘଣ୍ଟା ଉକ୍ତ ଅଞ୍ଚଳରେ ନଜର ରଖାଯାଇଛି। ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି)ରେ ପ୍ରାଣୀଧନ ଚିକିତ୍ସକ ଏବଂ ଅନ୍ୟ କର୍ମଚାରୀ ସର୍ଭେଲାନ୍ସ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଏକ କିମି ପରିସର ଅଞ୍ଚଳରେ ଆର୍‌ଆର୍‌ଟି ସ୍ଥିତି ଅନୁଧ୍ୟାନ କରୁଛି। ୧୦ କିମି ମଧ୍ୟରେ ଥିବା ଫାର୍ମହାଉସଗୁଡ଼ିକରୁ କୁକୁଡ଼ା ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ।


କୁକୁଡ଼ା ଓ ବତକ ମାରିବା ପାଇଁ ଆସିଥିବା ଟିମ୍।

**ସର୍ଭେଲାନ୍ସରେ ୧୮୭ ଫାର୍ମ**
- ୧୦ କିମି ପରିଧି ଗାଁ ଉପରେ ନଜର, ବୁଲୁଛି ଆର୍‌ଆର୍‌ଟି
- ୬ ମାସ ପର୍ଯ୍ୟନ୍ତ କୁକୁଡ଼ା ଫାର୍ମ ବନ୍ଦ ରଖିବାକୁ ନିର୍ଦ୍ଦେଶ

ଜିଲା ପ୍ରାଣୀଧନ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକ କହିଛନ୍ତି, ୧୦ କିମି ପରିଧି ମଧ୍ୟରେ ଥିବା ଗାଁଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହି ସବୁ ଗ୍ରାମର ଫାର୍ମ ଉପରେ କଟକଣା ଜାରି କରାଯାଇଛି। କୌଣସି ପରିସ୍ଥିତିରେ କୁକୁଡ଼ା ନ ରଖିବା ଏବଂ ନୂତନ ଚିଆଁ ନ ପକାଇବାକୁ ପରାମର୍ଶ ଦିଆଯାଇଛି। କୁକୁଡ଼ା ଫାର୍ମଗୁଡ଼ିକୁ ଦୈନିକ ନିରୀକ୍ଷଣ କରାଯାଉଛି। କୌଣସି ସମୟରେ କୁକୁଡ଼ା ମଡ଼କ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀଧନ ଚିକିତ୍ସକଙ୍କୁ ଜଣାଇବାକୁ କୁକୁଡ଼ା ଫାର୍ମ ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି। ଜିଲାର ସମସ୍ତ ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ୟୁନିଟ୍ (ଏମ୍‌ଭିୟୁ) ବୁଲୁଛି। ଏହି ଟିମ୍ ସଜାଗ ରହିଛି। କୌଣସି ପରିସ୍ଥିତିରେ ଯେପରି ଅଘଟଣ ନ ଘଟିବ ସେଥିଲାଗି ସମସ୍ତ ଆର୍‌ଆର୍‌ଟିକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ବ୍ଲକ ପ୍ରାଣୀଧନ ଚିକିତ୍ସକମାନେ ନିଜ ଅଞ୍ଚଳରେ ଥିବା କୁକୁଡ଼ା ଫାର୍ମ ଉପରେ ନଜର ରଖିଛନ୍ତି। ଜନସାଧାରଣ, କୁକୁଡ଼ାଚାଷୀ ଓ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ପ୍ରମୁଖଙ୍କୁ ଏନେଇ ସଚେତନ କରାଯାଇଛି। କୌଣସି ସ୍ଥାନରେ ପକ୍ଷୀଙ୍କ ମୃତ୍ୟୁ ହେଲେ ନିକଟସ୍ଥ ପ୍ରାଣୀସମ୍ପଦ କାର୍ଯ୍ୟାଳୟରେ ଜଣାଇବାକୁ ସିଡିଭିଓ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ବାର୍ଡ ଫ୍ଲୁ ହୋଇଥିବା କୁକୁଡ଼ା ଫାର୍ମକୁ ସାନିଟାଇଜ କରାଯିବା ସହ ୧ କିମି ମଧ୍ୟରେ ଥିବା ଫାର୍ମଗୁଡ଼ିକୁ ୬ ମାସ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀ କିପରି କ୍ଷତିପୂରଣ ପାଇବେ, ସେନେଇ ଚିନ୍ତାରେ ରହିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

ବେଗୁନିଆ,୨୫।୭(ହରପ୍ରସନ୍ନ ପଣ୍ଡା): ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗ୍ରାମର ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ଯୁବତୀ ହେଲେ ସେହି ଗ୍ରାମର ସୁଜାତା ପରିଡ଼ା (୨୨)। ବେଗୁନିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସୁଜାତା ତାଙ୍କ ବାସଭବନର ଏକ କୋଠରି ପଙ୍ଖାରେ ଝୁଲୁଥିବା ନେଇ ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ସେମାନେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଶୁକ୍ରବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କୌଣସି କାରଣକୁ ନେଇ ଝିଅ ଆତ୍ମହତ୍ୟା କରିଥିବା ସୁଜାତାଙ୍କ ବାପା ଶରତ ଅଭିଯୋଗ କରିଥିଲେ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

### ଆର୍‌ସିଏମ୍‌ରେ ନିଯୁକ୍ତି ମେଳା

ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନ ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ(ଇଷ୍ଟର୍ଣ୍ଣ ରିଜନ), ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ ଏବଂ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ହ୍ୟୁମାନ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ ପକ୍ଷରୁ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାରେ ୪୬ରୁ ଅଧିକ କମ୍ପାନୀ ଯୋଗଦେଇଥିଲେ। ପଞ୍ଜୀକୃତ ହୋଇଥିବା ୧୫ଶହରୁ ଅଧିକ ପିଲା ଏହି ମେଳାରେ ସାମିଲ ହୋଇଥିବାବେଳେ କଳା, ବିଜ୍ଞାନ, ବାଣିଜ୍ୟ, ମ୍ୟାନେଜମେଣ୍ଟ, ନର୍ସିଂ, ଇଞ୍ଜିନିୟରିଂ ଭଳି ବିଭିନ୍ନ ପାଠକ୍ରମର ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ

ଜଟଣୀ,୨୫।୭(ରବିନ୍ଦ୍ରନାଥ ମହାକୁଡ଼): ଜଟଣୀ ବ୍ଲକ ଅଧୀନ ରାଣୀପୁରସ୍ଥିତ ବାପା ମା’ ସେବାଶ୍ରମ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ଆନୁକୂଲ୍ୟରେ ସତ୍ୟସୁନ୍ଦର ରଥ ସ୍ମୃତି ସଂସଦ ସହାୟତାରେ ନୂତନ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଆଇନଜୀବୀ ଅବନୀ କୁମାର ରାଉତରାୟ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ସୁରେଶ ଚନ୍ଦ୍ର ରଥ, ରବୀନ୍ଦ୍ର ପ୍ରସାଦ ମିଶ୍ର, ଶାଶ୍ୱତୀ ରଥ, ଜ୍ୟୋତି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସେବାଶ୍ରମ ପ୍ରତିଷ୍ଠାତା ଗୌତମ ମହାରଣା ଧନ୍ୟବାଦ ଦେଇଥିଲେ।

### କନ୍ଧନୟାଗଡ଼ ଗ୍ରାମରେ ବରିଷ୍ଠ ନାଗରିକ ସଂଘ ଗଠିତ

ଟାଙ୍ଗୀ,୨୫।୭(ରଘୁନାଥ ସାହୁ): ଚାନ୍ଦପୁର ଥାନା ଅନ୍ତର୍ଗତ କନ୍ଧନୟାଗଡ଼ ଗ୍ରାମପଞ୍ଚାୟତରେ ବରିଷ୍ଠ ନାଗରିକ ସଂଘ ଗଠିତ ହୋଇଛି। ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଖବରଦାତା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ସଂଘର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ପ୍ରଶାସକ ନରେନ୍ଦ୍ର କୁମାର ଦାସ, ଉପସଭାପତି ଭାଗୀରଥି ମହାରଣା, ସମ୍ପାଦକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ସହସମ୍ପାଦକ ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦେବେନ୍ଦ୍ର ମାନସିଂହ, ଭଗବାନ ମହାପାତ୍ର, କାଶୀନାଥ ପ୍ରଧାନ, ଜଳନ୍ଧର ମହାରଣା, କୃଷ୍ଣମୋହନ ବେହେରା, ରାମଚନ୍ଦ୍ର ଜେନା, ଗଣେଶ ଗୁମାନସିଂ, ଅରୁଣ କୁମାର ସୁବୁଦ୍ଧି ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ଶିକ୍ଷାବିତ୍ ବାଳକୃଷ୍ଣ ମିଶ୍ର ସ୍ଥାନ ପାଇଥିଲେ। ଆଗାମୀ ଦିନରେ ପଞ୍ଚାୟତର ସମସ୍ତ ବରିଷ୍ଠ ନାଗରିକଙ୍କୁ ଏହି ସଂଘରେ ସାମିଲ କରି ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ନୂତନ ସଭାପତି ଦାସ କହିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଲୋକାର୍ପିତ


ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଲୋକାର୍ପଣ କରୁଛନ୍ତି।

କୃଷ୍ଣପ୍ରସାଦ,୨୫।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ତିଛିଣି ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଲୋକାର୍ପଣ ଉତ୍ସବ ଶୁକ୍ରବାର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୟାନୁକ୍ରମେ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ବିଧାୟିକା କହିଛନ୍ତି। କାର୍ଯ୍ୟକ୍ରମରେ ଶୁଭ୍ରାଂଶୁ ଶେଖର ବିଶ୍ୱାଳ, ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ସମ୍ପାଦକ ହିରଣ୍ୟ ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ଅମିନ ଦାସ, ଏକାଦଶୀ ଜେନା, ପ୍ରଦୀପ ତରେଇ, କୁମର ସାହୁ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ସମିତିସଭ୍ୟ ଲଳିତ କୁମାର ତରେଇ, ଯୁବନେତା ପ୍ରଦୀପ କୁମାର ଜେନା, ଦେବାଶିଷ ଜଗଦେବ ନାୟକ, ବିଶ୍ୱଜିତ ବିଶ୍ୱାଳ, ସଦାନନ୍ଦ ପ୍ରଧାନ, ପ୍ରମୋଦ କୁମାର ବିଶ୍ୱାଳ, ନାଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଥ୍ ପରିଦର୍ଶନ କଲେ ତହସିଲଦାର

ଟାଙ୍ଗୀ,୨୫।୭(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତର ଦୁଇଟି ବୁଥ୍ ନଂ. ୧୯୯ ଓ ୨୦୦ରେ ଅଧିକ ମତଦାତା ଥିବାରୁ ତହସିଲଦାର ନିଷ୍ଠା ମହାପାତ୍ର ଶୁକ୍ରବାର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌କୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିର୍ବାଚନ କାର୍ଯ୍ୟ ପରିଚାଳନା ଦୃଷ୍ଟିରୁ ଆବଶ୍ୟକ ସୁବିଧା ଯଥା- ଗୃହ, ପାନୀୟଜଳ, ପାଇଖାନା, ବିଦ୍ୟୁତ ସଂଯୋଗ, ବିଶ୍ରାମାଗାର ଇତ୍ୟାଦି ଅଛି କି ନାହିଁ ତଦାରଖ କରିଥିଲେ। ଏହି ଅବସରରେ ତହସିଲଦାର ବିଦ୍ୟାଳୟ ପରିସରରେ ଚାରା ରୋପଣ କରି ଏହାର ଯତ୍ନ ନେବାପାଇଁ ପରାମର୍ଶ ଦେଇଥିଲେ। ବିଏଲ୍‌ଓ ସୁପରଭାଇଜର ସୁରେଶ ଚନ୍ଦ୍ର ତ୍ରିପାଠୀ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ଡାଟା ଏଣ୍ଟ୍ରି ଅପରେଟର କାହ୍ନୁଚରଣ ପଣ୍ଡା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ ଏବଂ ରୂପାଲି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକାରେ ବଡ଼ ଲଞ୍ଚ ଚଳାଚଳ ଦାବି

କୃଷ୍ଣପ୍ରସାଦ,୨୫।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଦୈନିକ ବାଲୁଗାଁ ଜେଟିରୁ ଚିଲିକା ମଧ୍ୟରେ ଲଞ୍ଚ ଯୋଗେ ଯାତ୍ରୀମାନେ କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳକୁ ଯାତାୟାତ କରିଥାନ୍ତି। ପ୍ରତ୍ୟହ ଦୁଇଟି ଲଞ୍ଚ ଯାତାୟାତ କରୁଥିବାବେଳେ ଅଧିକାଂଶ ସମୟରେ ଛୋଟ ଲଞ୍ଚ ଯୋଗେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଚିଲିକାରେ ବାଲୁଗାଁ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ତେଣୁ ଛୋଟଲଞ୍ଚରେ ଅଧିକ ଯାତ୍ରୀ ପରିବହନକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିଲେ ହେଁ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା କର୍ମଚାରୀମାନେ ଏହି ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ବାଲୁଗାଁ ଜେଟିରୁ କୃଷ୍ଣପ୍ରସାଦ ଜେଟିର ଦୂରତା ୧୭ କିମି ହୋଇଥିବା ବେଳେ ଏହି ଦୂରତା ଅତିକ୍ରମ କରିବାକୁ ଚିଲିକାରେ ଲଞ୍ଚ ଦେଢ଼ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ଅଧିକ ଯାତ୍ରୀ ପରିବହନ କରୁଥିବା ଛୋଟ ଲଞ୍ଚରେ ଯଦି କୌଣସି କାରଣରୁ ଯାନ୍ତ୍ରିକ ତ୍ରୁଟି ଦେଖାଯାଏ ତାହା ହେଲେ ଗଭୀର ଚିଲିକାର ଜଳରାଶିରେ ଯାତ୍ରୀଙ୍କ ପାଇଁ ଏହା ବିପଦର କାରଣ ପାଲଟିଥାଏ। କର୍ତ୍ତୃପକ୍ଷଙ୍କ ନିକଟରେ ବଡ଼ ଲଞ୍ଚ ମହଜୁଦ ଥିଲେ ହେଁ ଛୋଟ ଲଞ୍ଚଟି ବାରମ୍ବାର ଚିଲିକାରେ ଚଳାଚଳ କରିବାର କାରଣ କ’ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଯାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଉଚ୍ଚ କର୍ତ୍ତୃପକ୍ଷ ଯାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ଛୋଟ ଲଞ୍ଚ ପରିବର୍ତ୍ତେ ବଡ଼ ଲଞ୍ଚ ଚଳାଚଳ କଲେ ଜନସାଧାରଣ ବିଶେଷ ଉପକୃତ ହୋଇପାରନ୍ତେ । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନନ୍ଦ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ ଏବଂ ନାଲୁ ପାହାଣଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

### କାର୍‌କୁ ପିଟିଲା ଟ୍ରକ

ବାରଙ୍ଗ,୨୫।୭(ଲିଙ୍ଗରାଜ ରାଉତ)

ତ୍ରିଶୁଳିଆ ଛକରେ ଶୁକ୍ରବାର ରାତିରେ ଏକ କାର୍‌କୁ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଛି। ଦୁର୍ଘଟଣାରେ କାରଟି ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ଚାଳକ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ବାରଙ୍ଗ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦୁଇଟିକୁ ଜବତ କରି ଥାନାକୁ ନେବା ପରେ ବାଙ୍କୀ- ବାରଙ୍ଗ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଏକ କାର (ନଂ. ଓଡି ୦୫ଏଏସ୍ ୫୨୨୩) କଟକ ପଟୁ ବାଙ୍କୀ ଆଡ଼କୁ ଆସୁଥିଲା। ତ୍ରିଶୁଳିଆ ଟ୍ରାଫିକ ଗୋଲେଇ ଛକରେ କାରଟି ବୁଲାଉଥିଲା। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଟ୍ରକ (ଓଆର୍ ୧୬ସି ୭୭୮୫) ଆସି କାର୍‌କୁ ଧକାଦେଇ କିଛିବାଟ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ଟ୍ରକକୁ ରୋକି ବାରଙ୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ଗାଡ଼ି ଦୁଇଟିକୁ ଜବତ କରିଥିଲା।

# ଗଛ ଲଗାଇ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ

ବେଗୁନିଆ,୨୫।୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର (କାନପୁର) ଗ୍ରାମର ଆରାଧ୍ୟ ଠାକୁର ଶ୍ରୀବିଶ୍ୱେଶ୍ୱର ଦେବଙ୍କ ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଶୁକ୍ରବାର ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗାୟକ ବସନ୍ତ କୁମାର ଦାସ ଶିବାଷ୍ଟକ ଶ୍ଲୋକ ଗାନ କରିବା ପରେ ପ୍ରଭୁ ବିଶ୍ୱେଶ୍ୱରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିଚାଳନା ସମିତିର ସଂଯୋଜକ ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସନ୍ତୋଷ କୁମାର ଜେନା ଯୋଗଦେଇଥିଲେ। ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା ବକ୍ତା ଏବଂ ପ୍ରଫେସର ଡ. ହରିପ୍ରସାଦ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସୁସ୍ଥ ପରିବେଶ ପାଇଁ ଚାରାଟିଏ ଲଗାଇବାକୁ କହିଥିଲେ। ଦ୍ରୁତ ଶିଳ୍ପାୟନ, ଜଙ୍ଗଲ ହାନି ଆଦି କାରଣରୁ ଜୀବଜଗତ ପ୍ରଭାବିତ। ତେଣୁ ସଭିଏ ଚାରାଟିଏ ଲଗାଇବା ସହ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ବୋଲି ଆହ୍ୱାନ ଦେଇଥିଲେ। ବୃକ୍ଷରୋପଣ ସହ ଏହାର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ବିଭିନ୍ନ କିସମର ୪୦ଟି ଚାରା ରୋପଣ କରାଯାଇଥିଲା। ମାନସୀ ଦାସ, ରସାନନ୍ଦ ସାମନ୍ତରାୟ, ଅଶ୍ୱିନୀ ପଟ୍ଟନାୟକ, ହରିହର ପଣ୍ଡା, ବସନ୍ତ ହୋତା, ବ୍ରଜବନ୍ଧୁ ପଣ୍ଡା, ରସାନନ୍ଦ ନାୟକ, ହରେକୃଷ୍ଣ ପଣ୍ଡା, ମଦନ ମୋହନ ସାହୁ, ଶ୍ୟାମସୁନ୍ଦର ସ୍ୱାଇଁ, ଅଭିନ୍ନ ବେହେରା, ଅନନ୍ତ ବେହେରା, ଧରଣୀଧର ସାହୁ, ଲକ୍ଷ୍ମୀଧର ସାହୁ, ଜୟକୃଷ୍ଣ ବେହେରା, ଦୀନବନ୍ଧୁ ବେହେରା, ବିଭୁରଞ୍ଜନ ବେହେରା, ତ୍ରିଲୋଚନ ବେହେରା, ବସନ୍ତ କୁମାର ସାହୁ, ଦୁର୍ଗାପ୍ରସାଦ ପଣ୍ଡା, ପ୍ରଭାକର ସାହୁ, ସାଗର ଦଳାଇ, ରବୀନ୍ଦ୍ର ବେହେରା, ଭାଗବତ ବେହେରା ଓ ଦେବରାଜ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅର୍ଜୁନ ବେହେରା ଧନ୍ୟବାଦ ଦେଇଥିଲେ।


ଶ୍ରୀବିଶ୍ୱେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଚାରାରୋପଣ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୀମା


@ ଅନିଶା


@ ପ୍ରଦ୍ୟୁମ୍ନ


@ ଅମିତ


@ ପ୍ରୀତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟିପିସିଓଡିଏଲ୍‌କୁ ହାଇକୋର୍ଟ ନୋଟିସ

**ରାସ୍ତା ଉପରେ ବିଦ୍ୟୁତ୍‌ଖୁଣ୍ଟ ମାମଲା**

ଜଟଣୀ,୨୫।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ-କପିଳପ୍ରସାଦ ମୁଖ୍ୟରାସ୍ତାରେ ବିଦ୍ୟୁତ ଖୁଣ୍ଟ ରହିଥିବା ମାମଲାକୁ ନେଇ ହାଇକୋର୍ଟ ‘ଟିପିସିଓଡିଏଲ୍’କୁ ନୋଟିସ ଜାରି କରିଛନ୍ତି। ସପ୍ତାହକ ମଧ୍ୟରେ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଜଟଣୀ-କପିଳପ୍ରସାଦ ରାସ୍ତାକୁ ଚାରିଲେନ୍ କରିବା ନେଇ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ହଟାଇବା ପରିବର୍ତ୍ତେ ଡ୍ରେନ୍ ଡ୍ରେନ ନିକଟରେ ପୋତାଯାଉଛି। ଏହାକୁ ନେଇ ଗତ ମାର୍ଚ୍ଚରେ ପଧାନସାହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ କର୍ମୀ ହୃଦାନନ୍ଦ କୋଦମାସିଂହ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। କୋଦମାସିଂହ ପୁଣି ଥରେ ମେ ମାସରେ ଅନଲାଇନ ଯୋଗେ ଜିଲାପାଳଙ୍କୁ ଅଭିଯୋଗ ଦେଇଥିଲେ। ତଥାପି ସୁଫଳ ନ ମିଳିବାରୁ ଗତ ଜୁନ ୧୨ରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଟିପିସିଓଡିଏଲ୍‌କୁ ଲିଖିତ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଖୁଣ୍ଟଗୁଡ଼ିକୁ ପୋତାଯିବା ସହ ତାର ଟଣାଯାଇଥିଲା। ତେଣୁ ଶେଷରେ କୋଦମାସିଂହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହି ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ଟିପିସିଓଡିଏଲ୍‌କୁ କୋର୍ଟ ନୋଟିସ ଜାରି କରିଥିବା ଆବେଦନକାରୀ ସୂଚନା ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଖଣ୍ଡ ମାମଲା ପରିଚାଳନା କରୁଛନ୍ତି।

# କାର୍‌କୁ ପିଟିଲା ଟ୍ରକ୍

ବାରଙ୍ଗ,୨୫।୭
(ଲିଙ୍ଗରାଜ ରାଉତ)

ତ୍ରିଶୁଳିଆ ଛକରେ ଶୁକ୍ରବାର ରାତିରେ ଏକ କାର୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଦୁର୍ଘଟଣାରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ଚାଳକ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ବାରଙ୍ଗ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦୁଇଟିକୁ ଜବତ କରି ଥାନାକୁ ନେବା ପରେ ବାଙ୍କୀ- ବାରଙ୍ଗ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଏକ କାର୍ (ନଂ. ଓଡି ୦୫ଏଏସ୍ ୫୨୨୩) କଟକ ପଟୁ ବାଙ୍କୀ ଆଡ଼କୁ ଆସୁଥିଲା। ତ୍ରିଶୁଳିଆ ଟ୍ରାଫିକ୍ ଗୋଲେଇ ଛକରେ କାର୍‌ଟି ବୁଲାଉଥିଲା। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଟ୍ରକ୍(ଓଆର୍ ୧୬ସି ୭୭୮୫) ଆସି କାର୍‌କୁ ଧକ୍କାଦେଇ କିଛିବାଟ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍‌କୁ ରୋକି ବାରଙ୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ଗାଡ଼ି ଦୁଇଟିକୁ ଜବତ କରିଥିଲା।

# ଛାତ୍ରୀଛାତ୍ର ଏକାଠି ହେଲେ ବୈଶ୍ୱିକ ସମସ୍ୟା ସମାଧାନ ହେବ

## ସାଇ ମଡେଲ୍ ୟୁନାଇଟେଡ୍ ନେସନ୍ସ

ଭୁବନେଶ୍ୱର, ୨୫।୭(ଅନୁରାଧା ମହାରଣା)



ସାଇମୁନ୍ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ ମଡେଲ ୟୁନାଇଟେଡ୍ ନେସନ୍ସ(ସାଇମୁନ୍)ର ତ୍ରୟୋଦଶତମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏକତ୍ରିତ ହେବା ଦ୍ୱାରା ବିଶ୍ୱ ସମସ୍ୟାର ସମାଧାନ ହେବ। ସାଇମୁନ୍ କେବଳ ସେମାନଙ୍କୁ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ କରାଇବ ତାହା ନୁହେଁ, ବରଂ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ବୈଶ୍ୱିକ ସମସ୍ୟା ସମାଧାନର କୌଶଳ ସୃଷ୍ଟି କରିବ। ବିଦ୍ୟାଳୟ ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁଙ୍କୁ ଉପମୁଖ୍ୟମନ୍ତ୍ରୀ ଗଭୀର କୃତଜ୍ଞତା ଜଣାଇବା ସହିତ ସେ ଜଣେ ମହତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ଚିନ୍ତାଧାରକ ଥିଲେ ବୋଲି କହିଥିଲେ। ଏହି ୨ଦିନିଆ ସମ୍ମିଳନୀରେ ଭାରତ ସମେତ ବିଶ୍ୱର ୨୩ଟି ଦେଶର ୭୫୦ ରୁ ଅଧିକ ଆନ୍ତର୍ଜାତୀୟ ପ୍ରତିନିଧି ସାମିଲ୍ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ବିଜ୍ଞାନ, ବାଣିଜ୍ୟ ଓ କଳା ବିଷୟରେ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ଡ. ବିଜୟ କୁମାର ସାହୁ ଗ୍ଲୋବାଲ ସାଇଓନିଅର ଆୱାର୍ଡ ଏବଂ ସଫଳ ଉଦ୍ୟୋଗୀ ମନୋଭାବ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ଡ. ବିଜୟ କୁମାର ସାହୁ ଏର୍ମର୍ଜିଂ ଏଣ୍ଟରପ୍ରିନିୟର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଏକତ୍ରିତ ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକତା ସୃଷ୍ଟି ହେବ। ଜାତୀୟ ଓ ଅନ୍ତର୍ଜାତୀୟ ଆଲୋଚନା ଦ୍ୱାରା ଅନ୍ତର୍ନିହିତ ଜ୍ଞାନ ବିକଶିତ ହେବା ସହିତ ବିଶ୍ୱର ସକଳ ସମସ୍ୟାର ସମାଧାନ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମର ସେକ୍ରେଟାରୀ ଜେନେରାଲ ସାଗୁନ୍ ସାମନ୍ତରାୟ ବିବରଣୀ ପାଠ କରିଥଲେ। 'ବସୁଧୈବ କୁଟୁମ୍ବକମ୍: ଗୋଟିଏ ବିଶ୍ୱ, ଗୋଟିଏ ପରିବାର' ଶୀର୍ଷକ ବାର୍ତ୍ତାଦେଇ ୨୩ଟି ଦେଶର ଛାତ୍ରୀଛାତ୍ର ୧୦ଟି କମିଟି ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଆଲୋଚନାର ନିଷ୍କର୍ଷ ଓ ବିଶ୍ୱର ବିଭିନ୍ନ ଦେଶରେ ଘଟୁଥିବା ସମସ୍ୟାର ସମାଧାନର ସରଳ ଉପାୟ ଏକ ପୁସ୍ତିକା ଆକାରରେ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯିବ। କାର୍ଯ୍ୟକ୍ରମରେ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ, ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ରେସିଡେନ୍ସିଆଲ୍ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଉପସ୍ଥିତ ଥିଲେ।

# ଆର୍‌ସିଏମ୍‌ରେ ନିଯୁକ୍ତି ମେଳା



ବିଭିନ୍ନ କମ୍ପାନୀ ପକ୍ଷରୁ ନିଯୁକ୍ତପତ୍ର ପାଇବା ପରେ ଉତ୍ସାହିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୫।୭
(ସୁଚିସ୍ମିତା ସାହୁ)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନ ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ(ଇଷ୍ଟର୍ଣ୍ଣ ରିଜନ), ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ(ଆର୍‌ସିଏମ୍) ଏବଂ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ହ୍ୟୁମାନ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ ପକ୍ଷରୁ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଏମ୍‌ଠାରେ ଆୟୋଜିତ ଏହି ନିଯୁକ୍ତି ମେଳାରେ ୪୬ରୁ ଅଧିକ କମ୍ପାନୀ ଯୋଗଦେଇଥିଲେ। ପଞ୍ଜୀକୃତ ହୋଇଥିବା ୧୫ଶହରୁ ଅଧିକ ପିଲା ଏହି ମେଳାରେ ସାମିଲ ହୋଇଥିବାବେଳେ କଳା, ବିଜ୍ଞାନ, ବାଣିଜ୍ୟ, ମ୍ୟାନେଜମେଣ୍ଟ, ନର୍ସିଂ, ଇଞ୍ଜିନିୟରିଂ ଭଳି ବିଭିନ୍ନ ପାଠକ୍ରମର ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତି ଦେଇ ସାମାଜିକ ଓ ଅର୍ଥନୈତିକ ଭାବେ ଉନ୍ନତି କରିବା ଏବଂ ପାଠପଢ଼ି ଘରେ ବସିଥିବା ପିଲାଙ୍କୁ ନିଯୁକ୍ତି ଦେବା ହେଉଛି ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆର୍‌ସିଏମ୍‌ର ଅତିରିକ୍ତ ନିର୍ଦ୍ଦେଶିକା ଶ୍ରଦ୍ଧା ପାଢ଼ୀ କହିଛନ୍ତି।

# ଲାଞ୍ଚ ନେଇ ଫସିଲେ ଜେଆର୍‌ଏ

ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)

## ବର୍ଷେ ତଳେ ଚାକିରି ପାଇଥିଲେ



ସୌରଭ ତ୍ରିପାଠୀ

ଭୁବନେଶ୍ୱର ଉପଜିଲାପାଳ ଅଫିସ ସ୍ୱତନ୍ତ୍ର ସାର୍ଟିଫିକେଟ୍ ସେକ୍ସନ୍‌ର କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ)) ସୌରଭ ତ୍ରିପାଠୀ ଶୁକ୍ରବାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି। ତାଙ୍କଠାରୁ ୩୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୫) ରୁଜୁ କରାଯାଇ ସୌରଭଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ସୌରଭଙ୍କ ଅଫିସ ଚାମ୍ବର ଓ ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ସୌରଭଙ୍କୁ କୋର୍ଟଚାଲାଣ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁସାରେ, ଅଭିଯୋଗକାରୀଙ୍କ ଜମି ପ୍ରମାଣପତ୍ର ନେଇ ପଞ୍ଜୀକୃତ ଏକ ମାମଲା ବହୁଦିନ ଧରି ପେଣ୍ଡିଂ ରହିଥିଲା। ବହୁବାର ଏନେଇ ଅଭିଯୋଗକାରୀ ଅନୁରୋଧ କରୁଥିଲେ ମଧ୍ୟ ସୌରଭ ଫାଇଲ ପ୍ରକ୍ରିୟା ପାଇଁ ଦିନ ଗଡ଼ାଇ ଚାଲିଥିଲେ। ଏଥିପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦେଲେ ଫାଇଲ କାର୍ଯ୍ୟ ଆଗକୁ ବଢ଼ିବ ବୋଲି ସେ ରୋକଠୋକ୍ କହିଦେଇଥିଲେ। ଶେଷରେ ଏନେଇ ଅଭିଯୋଗକାରୀ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯିବା ସହ ସୌରଭଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଅଭିଯୋଗକାରୀଙ୍କଠାରୁ ଅଫିସରେ ସୌରଭ ଟଙ୍କା ନେଇ ପ୍ୟାଣ୍ଟ ପକେଟ୍‌ରେ ରଖିଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଧରିଥିଲେ।

# ୩୧.୫୦ ଲକ୍ଷ ଠକେଇ, ଅଭିନେତା ଗିରଫ

ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)



ଉଦୟନ ଅପରାଜିତ୍

ଧାରରେ ନେଇଥିବା ୩୧.୫୦ ଲକ୍ଷ ଠକେଇ ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିନେତାଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ପଳାଶୁଣୀରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁରର ଉଦୟନ ଅପରାଜିତ୍ (୪୦)। କୋର୍ଟଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଉଦୟନ ଓଡ଼ିଆ ଆଲବମ୍ ଓ ଚଳଚ୍ଚିତ୍ର ସହ କନ୍ନଡ ଫିଲ୍ମରେ ଅଭିନୟ କରିଛନ୍ତି। ତେବେ ଠକେଇର ଶିକାର ହୋଇଥିବା ସରୋଜ କୁମାର ସାହୁ ଅଭିଯୋଗ ଅନୁସାରେ, ସେ ବରମୁଣ୍ଡା ଅଞ୍ଚଳରେ ପରିବାର ସହ ରୁହନ୍ତି। ୨୦୨୧ ଅକ୍ଟୋବର ୨୬ରେ ତାଙ୍କୁ ଉଦୟନ ଦେଖାକରି ଷ୍ଟିଲ ପ୍ରୋଜେକ୍ଟ କାର୍ଯ୍ୟର ଉନ୍ନତୀକରଣ ଲାଗି ୩୧.୫୦ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ତେବେ ଏହି ଟଙ୍କା ଫେରାଇବା ପାଇଁ ଉଦୟନ ଏକ ବ୍ୟାଙ୍କ ଚେକ୍ ଦେଇଥିବାବେଳେ ଟଙ୍କା ନ ଥିବାରୁ ତାହା ନାକଚ୍ ହୋଇଯାଇଥିଲା। ସରୋଜ ଅନେକଥର ଉଦୟନଙ୍କୁ ଯୋଗାଯୋଗ କରି ଟଙ୍କା ମାଗିଥିଲେ ମଧ୍ୟ ସେ ଫେରାଉ ନ ଥିଲେ। ଏପରିକି ଉଦୟନ ଧମକ ଦେଇଥିଲେ। ଶେଷରେ ସରୋଜ ଗତ ଏପ୍ରିଲ ୨୧ରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୧୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଟ୍ରେନ୍‌ରେ ଚାଲାଣବେଳେ ୬ ବାଳଶ୍ରମିକ ଉଦ୍ଧାର

ଭୁବନେଶ୍ୱର,୨୫।୭
(ସତ୍ୟଜିତ୍ ରାଉତ)

ଟ୍ରେନରେ ଚାଲାଣ ବେଳେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଶୁକ୍ରବାର ରୁଚିକା ସମାଜ ମଙ୍ଗଳ ସଂଗଠନ ଆକ୍ସେସ ଟୁ ଜଷ୍ଟିସ ଟିମ୍‌ର କର୍ମକର୍ତ୍ତା ୬ଜଣ ବାଳଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ବୟସ ୧୬ବର୍ଷରୁ କମ୍ ହେବ। ସରକାରୀ ରେଳବାଇ ଥାନା ପୋଲିସ (ଜିଆରପି) ଓ ରେଲ୍‌ୱେ ସୁରକ୍ଷା ବଳ ଏଥିରେ ସହଯୋଗ କରିଥିଲେ। ଉଦ୍ଧାର ପରେ ବାଳ୍‌ଶ୍ରମିକଙ୍କୁ ଅତିରିକ୍ତ ଶିଶୁ ମଙ୍ଗଳ ସମିତିରେ ଉପସ୍ଥିତ କରାଯାଇଥିଲା। ସମିତିର ନିର୍ଦ୍ଦେଶକ୍ରମେ ସେମାନଙ୍କୁ ରୁଚିକା ଓପନ ସେଲ୍ଟରରେ ରଖାଯାଇଛି। ପିଲାମାନେ ବିହାର ଓ ଅନ୍ୟ ରାଜ୍ୟରୁ ବାହାରକୁ କାର୍ଯ୍ୟ କରିବା ପାଇଁ ଯାଉଥିବା ସମୟରେ ଉଦ୍ଧାର ହୋଇଥିଲେ। ଏନେଇ ରୁଚିକା ପକ୍ଷରୁ ଜିଆର୍‌ପି ଥାନାରେ ଅଭିଯୋଗ କରାଯାଇଛି। ସଂଗଠନ ପକ୍ଷରୁ ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ।

# 'ସାହିତ୍ୟ ଅନୁରାଗୀ ପିଢ଼ି ଗଢୁଛି ଓଡ଼ିଶା ସାହିତ୍ୟ ଏକାଡେମୀ'

## ୬୮ତମ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର, ୨୫।୭(ସୌମ୍ୟରଞ୍ଜନ ରାଉତ)



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ ଗଙ୍ଗାଧର ମେହେର ବିଶେଷାଙ୍କ 'କୋଣାର୍କ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ବିଗତ ଏକବର୍ଷ ମଧ୍ୟରେ ଅନେକ ଏକାଡେମୀ ବହୁ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି। କେନ୍ଦୁଝରରେ ମହାନ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ମୟୂରଭଞ୍ଜ ରାଇରଙ୍ଗପୁରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ, କେନ୍ଦୁବିଲ୍ୱଠାରେ ମହାକବି ଜୟଦେବଙ୍କ ଜୟନ୍ତୀ ସହ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀର ଆୟୋଜନ, ଓଡ଼ିଆ ପକ୍ଷ ପାଳନ ସମୟରେ ଯୁବ ଲେଖକ ସମ୍ମିଳନୀ ଏବଂ ଅନେକ ପୁସ୍ତକ ପ୍ରକାଶନ ସହ ଆଲୋଚନାଚକ୍ରର ମଧ୍ୟ ଆୟୋଜନ କରାଯାଇଛି। ସେହିଭଳି ବର୍ଷକ ମଧ୍ୟରେ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କୋଣଅନୁକୋଣରେ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏକ ନୂତନ ସାହିତ୍ୟ ଅନୁରାଗୀ ପିଢ଼ି ଗଠନ କରିବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଫଳ ହୋଇଛି। ଡିଜିଟାଲ ଓ ଏଆଇ ପ୍ଲାଟ୍‌ଫର୍ମରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇବା ସହ ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରିବା ପାଇଁ ଆମେ ସଦାସର୍ବଦା ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ ବୋଲି ସୂରଜ କହିଛନ୍ତି।

ମୁଖ୍ୟ ଅତିଥିଭାବେ କେନ୍ଦ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାରପ୍ରାପ୍ତ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ବୁଦ୍ଧିମନ୍ତ କରିବା ଓ ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟକେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ ପଣ୍ଡିତ ହରିହର ଦାସ, ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ, ଶ୍ରୀଜଗନ୍ନାଥ ଐତିହ୍ୟ ଶତକ, ମୃତ୍ୟୁଞ୍ଜୟ, ନାଟ୍ୟ ଶାସ୍ତ୍ର (ପ୍ରଥମ ଓ ଦ୍ୱିତୀୟ ଖଣ୍ଡ), କୋଣାର୍କ (ଦୟାନିଧି ମିଶ୍ର ବିଶେଷାଙ୍କ), କୋଣାର୍କ (ଗଙ୍ଗାଧର ମେହେର ବିଶେଷାଙ୍କ), କୋଣାର୍କ (ସୁରେନ୍ଦ୍ର ମହାନ୍ତି ବିଶେଷାଙ୍କ), ବ୍ରତ ସାହିତ୍ୟ, ଲୋକରତ୍ନ କୁଞ୍ଜବିହାରୀ ଦାଶ, ବ୍ଲାକ ଟାଇଗର ଆଦି ଉନ୍ମୋଚିତ ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦ ହଜାର ଟଙ୍କା ଓ ସ୍ନାତକୋତ୍ତର (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀମା



@ ଅନିଶା



@ ପ୍ରଦ୍ୟୁମ୍ନ



@ ଅମିତ



@ ପ୍ରୀତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ବଲପୁର-ଟିଟିଲାଗଡ଼-ଥେରୁବାଲି ରେଳ ସେକ୍ସନର ନିରୀକ୍ଷଣ କଲେ ଫୁଙ୍କୱାଲ

ଭୁବନେଶ୍ୱର, ୨୫।୭
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ସମ୍ବଲପୁର ମଣ୍ଡଳ ଅଧୀନରେ ସମ୍ବଲପୁର-ଟିଟିଲାଗଡ଼-ଥେରୁବାଲି ରେଳ ସେକ୍ସନର ନିରୀକ୍ଷଣ କରିଛନ୍ତି। ସେ ବରଗଡ଼ ରୋଡ, ବରପାଲି ଏବଂ ଦଇକାଲୁ ସମେତ ପ୍ରମୁଖ ଷ୍ଟେଶନଗୁଡ଼ିକର ଯାଞ୍ଚ କରିବା ସହ ଯାତ୍ରୀ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଗତି ଓ ସମଗ୍ର ସେକ୍ସନରେ ଭିତ୍ତିଭୂମି ବୃଦ୍ଧି ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ସେହିପରି ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହାସହ ସେ ଫ୍ରଣ୍ଟଲାଇନ ରେଳ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଏବଂ ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୭।୨୦୨୫

| | |
|---|---|
| ୪,୪୭,୦୪୭ ଟଙ୍କା | |
| ସୁନା | ୯.୨୦୦ ଗ୍ରାମ୍ |
| ରୁପା | ୧୮.୩୦୦ ଗ୍ରାମ୍ |

# ୯ଟାରେ ଜାତୀୟ ପତାକା ଉତ୍ତୋଳନ

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)



ବୈଠକରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ।

ପୁରୀ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଦିବସକୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ, ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୧୫ ଅଗଷ୍ଟରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ପୂର୍ବାହ୍ନ ୯ଟାରେ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ପ୍ରଦାନ କରିବେ। ପଡ଼ିଆରେ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ଚାରାରୋପଣ କରାଯିବ। ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିରରେ ଯୋଗ ଦେବେ।

ଅପରାହ୍ନରେ ଶ୍ରୀଜଗନ୍ନାଥ କ୍ରିକେଟ ପଡ଼ିଆମ୍‌ଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଜିଲା କାର୍ଯ୍ୟାଳୟ ଓ ଜିଲାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୧୫ ସକାଳ ୮ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବାକୁ ପରାମର୍ଶ ଦିଆଗଲା। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪ଟା ୩୦ ମିନିଟ୍‌ରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି ଶେଷ କରି ଗାନ୍ଧୀ ସ୍ମୃତିପୀଠରେ ଏକତ୍ରିତ ହେବେ ଓ ସେଠାରେ ସକାଳ ୭ଟା୧୫ରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁରୀ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଆଲୋକମାଳାରେ ସଜ୍ଜିତ କରାଯିବ। ଅଭ୍ୟାସ ପରେଡ୍ ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ଟା ଓ ୧୩ ତାରିଖ ସକାଳ ୮ଟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୪ ତାରିଖ ଅପରାହ୍ନ ୩ଟାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବାଭାସ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆ ସଜ୍ଜା, ବ୍ୟାରିକେଡ୍ ନିର୍ମାଣ, ଶାନ୍ତି ଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଉତ୍ସବ ମଞ୍ଚକୁ ଫୁଲକୁଣ୍ଡରେ ସଜେଇବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଗଲା। ଜିଲା ଶିକ୍ଷାଧିକାରୀ ମାଧ୍ୟମିକ ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଓ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ କଲେଜ ଭାବେ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କ ନାମ ଜିଲା ପ୍ରଶାସନକୁ ଅଗଷ୍ଟ ୮ ସୁଦ୍ଧା ପ୍ରେରଣ କରିବେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଝୋଟି ପ୍ରତିଯୋଗିତା ଆୟୋଜନକରି ସଫଳ ପ୍ରତିଯୋଗୀଙ୍କ ନାମ ପ୍ରଦାନ କରିବେ। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟକୁ, ବ୍ୟବସାୟିକ ପ୍ରତିଷ୍ଠାନ ସେମାନଙ୍କ ପ୍ରତିଷ୍ଠାନକୁ ଓ ବ୍ୟକ୍ତି ବିଶେଷମାନେ ନିଜ ଗୃହକୁ ଆଲୋକମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଥିଲା। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଦେଇଥିଲେ। ବୈଠକରେ ଏଡିଏମ୍‌ଓ ଡ. ବିନୋଦ ରଥ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିରଞ୍ଜନ ମହାନ୍ତି, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୨୫।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ରେଙ୍ଗାଳ ଛକ ନିକଟରୁ ଜଣେ ଚୋରା ମଦ ବ୍ୟବସାୟୀଙ୍କ ଘର ଉପରେ ଚଢ଼ାଉ କରି ପୋଲିସ ଗୁରୁବାର ରାତିରେ ୭୫ ବୋତଲ ଚୋରା ଦେଶୀ ମଦ ଜବତ କରିଛି। ଚଢ଼ାଉ ବେଳେ ପୋଲିସ ଚୋରା ମଦ ସହ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ମଦ ବ୍ୟବସାୟୀ ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ରେଙ୍ଗାଳ ଗ୍ରାମର କାଳନ୍ଦୀ ସେଠୀ। ଗିରଫ କାଳନ୍ଦୀଙ୍କୁ ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ ଏ ସମ୍ପର୍କରେ କେସ୍ ନଂ. ୨୨୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ପାଟ୍ରୋଲିଂ ବେଳେ ବିଶେଷ ସୂତ୍ରରୁ ଖବରପାଇ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ଚୋରା ମଦ ଜବତ କରିଥିଲା।

### ବୃଦ୍ଧା ବଡ଼ବୋଉଙ୍କୁ ଅସଦାଚରଣ, ପୁତୁରା ଗିରଫ

ନିମାପଡ଼ା,୨୫।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମରେ ଗତ ୨୨ତାରିଖ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଅଜୟ ଭୋଇ ନାମକ ଜଣେ ଯୁବକ ବିଳମ୍ବିତ ରାତିରେ ତାଙ୍କ ସମ୍ପର୍କୀୟ ବଡ଼ବୋଉଙ୍କ ଘରେ ପଶି ବଡ଼ବୋଉଙ୍କୁ ଜୋରଜବରଦସ୍ତ ଟଣା ଓଟରା କରି ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ବଡ଼ବୋଉ ସମା ଭୋଇ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ବଡ଼ବୋଉ ସମା ଭୋଇଙ୍କ ଅଭିଯୋଗକ୍ରମେ ତାଙ୍କ ପୁତୁରା ଅଜୟ ଭୋଇଙ୍କ ବିରୋଧରେ କେସ୍ ନଂ. ୨୨୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ପୋଲିସ ଗୁରୁବାର ରାତିରେ ଅଜୟ ଭୋଇଙ୍କୁ ଘରୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

### ବୃଦ୍ଧଙ୍କ ମୃତଦେହ ଦେବୀ ନଦୀବନ୍ଧରୁ ଜବତ

କାକଟପୁର/ଅସ୍ତରଙ୍ଗ,୨୫।୭
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାନସିକ ବିକୃତ ବୃଦ୍ଧଙ୍କ ମୃତଦେହ ଅସ୍ତରଙ୍ଗରୁ କାକଟପୁର ଦେବୀ ନଦୀବନ୍ଧ ରାସ୍ତା ବାଉରିଆକଣ ନିକଟରେ ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକ ଦେଖିଥିଲେ। ସୂଚନାଯୋଗ୍ୟ, ଦେବୀ ନଦୀ ବନ୍ଧ କାକଟପୁର ବାଉରିଆକଣ (ଖମାର) ନିକଟରେ ଶୁକ୍ରବାର ସକାଳୁ ଏକ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ବୃଦ୍ଧ ଜଣକ ଏକ ବ୍ଲୁ ରଙ୍ଗର ହ୍ୟାଫ୍ ପ୍ୟାଣ୍ଟ, ଧଳା ରଙ୍ଗର ଶାର୍ଟ ଓ ଅଣ୍ଟାରେ ନାଲି ଗାମୁଛା ବାନ୍ଧିଥିବା ବେଳେ ମୃତ ଅବସ୍ଥାରେ ଫଟୋଟି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲିବା ପରେ ମୃତ ବୃଦ୍ଧଙ୍କ ପରିଚୟ ମିଳିପାରିଥିଲା। ମୃତ ବୃଦ୍ଧ ଜଣକ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ପଞ୍ଚାୟତ ଅଧୀନ ବାଲିପନ୍ତାଲ ଗ୍ରାମର ହରଷ ବେହେରା। ଦୀର୍ଘଦିନ ହେବ ମାନସିକ ବିକୃତ ଥିବାବେଳେ ଅନେକ ସମୟରେ ଚାଲି ଚାଲି ଘରୁ ଯାଇ କାକଟପୁର ମା’ ମଙ୍ଗଳା ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରିଥାନ୍ତି। ଏହାସହ ଅନେକ ଦିନ ହେବ ଦେହ ଅସୁସ୍ଥ ଥିବାରୁ ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ କରୁଥିଲେ। କିନ୍ତୁ ଗୁରୁବାର ସନ୍ଧ୍ୟାରେ ମାନସିକ ବିକୃତ ବୃଦ୍ଧ ହରଷ ବେହେରା ଘରୁ କୁଆଡ଼େ ପଳାଇ ଥିଲେ। କିନ୍ତୁ ଶୁକ୍ରବାର ସକାଳୁ ହରଷଙ୍କ ମୃତ୍ୟୁ ଖବର ପାଇଥିଲେ ବୋଲି ମାନସିକ ବିକୃତ ହରଷ ବେହେରାଙ୍କ ପୁଅ ଭୋଳାନାଥ ବେହେରା ସୂଚନା ଦେଇଛନ୍ତି। ଖବରପାଇ କାକଟପୁର ପୋଲିସ ପହଞ୍ଚି ଅପମୃତ୍ୟୁ ମାମଲା ନଂ. ୧୪/୨୫ ରୁଜୁ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। କିନ୍ତୁ ବୃଦ୍ଧ ଜଣକ କିପରି ମୃତ୍ୟୁବରଣ କଲେ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ।

# ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ସେବାୟତ



ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୫।୭(ଅଜିତ୍ କୁମାର ମହାନ୍ତି)

### ଜଣାଇଲେ ମନ୍ଦିର ସମସ୍ୟା ଏବଂ ସେବାୟତଙ୍କ ଦୁଃଖ

ପବିତ୍ର ଚିତାଲାଗି ପର୍ବ ଅବସରରେ ପୁରୀ ଗୋବର୍ଦ୍ଧନ ପୀଠରେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲାର ୧୪ ମନ୍ଦିରର ୨୫ ଜଣ ସେବାୟତ ଏବଂ ସଂଘର ଉପଦେଷ୍ଟା ପଣ୍ଡିତ ମାତୃପ୍ରସାଦ ମିଶ୍ର, ଡ. ସିଦ୍ଧାର୍ଥ ସାହୁ ଜଗଦ୍‌ଗୁରୁଙ୍କ ସହ ଓଡ଼ିଶାର ମନ୍ଦିରଗୁଡ଼ିକର ସମସ୍ୟା, ସେବାୟତମାନଙ୍କ ସମସ୍ୟା, ପାଉଣା ବୃଦ୍ଧି, ମନ୍ଦିର ହୁଣ୍ଡିରୁ ଭାଗ, ସେବାପୂଜା ଏବଂ ରାଜ୍ୟର ମନ୍ଦିରଗୁଡ଼ିକରେ କିପରି ଶୃଙ୍ଖଳିତ ସେବା, ପର୍ବ ପାଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିରଗୁଡ଼ିକର ଦୁରବସ୍ଥା ଏବଂ ସେବାୟତମାନଙ୍କ ସମସ୍ୟା ବିଷୟରେ ଶୁଣିବା ସହିତ ସେବକମାନଙ୍କୁ ଦିନକୁ ୧୮ ଟଙ୍କା, ୬୦ ଟଙ୍କା, ୮୦ ଟଙ୍କା ପାଉଣା ଏବଂ ବିଲବାଡ଼ି ସମସ୍ୟା ସମ୍ପର୍କରେ ଶୁଣି ଜଗଦ୍‌ଗୁରୁ ମର୍ମାହତ ହୋଇଥିଲେ। ଗୁରୁଦେବଙ୍କ ନିର୍ଦ୍ଦେଶକ୍ରମେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ମନ୍ଦିର ଏବଂ ସେବାୟତମାନଙ୍କ ବିଷୟରେ ଦେବୋତ୍ତର ବିଭାଗରୁ ଏବଂ ମନ୍ଦିରଗୁଡ଼ିକରୁ ଏକ ସୂଚନା ସଂଗ୍ରହ ପରେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି କାମେଶ୍ୱର ତ୍ରିପାଠୀ, ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ ଏବଂ ସଦସ୍ୟ ପୁଣ୍ୟଶ୍ଳୋକ ନନ୍ଦ, ରଞ୍ଜିତ ମହାପାତ୍ର, ଜଗମୋହନ ସୁଆର, ମଧୁସୂଦନ ପୂଜାପଣ୍ଡା, ଦେବଦତ୍ତ ମହାପାତ୍ର, ରଞ୍ଜନ କୁମାର ମହାପାତ୍ର, କାଳୀପ୍ରସାଦ ମହାପାତ୍ର ଏବଂ ମଠ ପରିଚାଳକ ସୂୟସ୍ ପ୍ରଶାନ୍ତ, ଗୋବର୍ଦ୍ଧନ ପୀଠ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ।

## ଘରେ ପଶି ଲୁଟିନେଲେ ଟଙ୍କା, ସୁନା ଅଳଙ୍କାର

କାକଟପୁର/ଅସ୍ତରଙ୍ଗ,୨୫।୭
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କାକଟପୁର ଥାନା ଅନ୍ତର୍ଗତ ରସୁଲପୁରର ସୁଲତାନା ବେଗମ୍‌ଙ୍କ ଘରେ ୩ ଜଣ ଦୁର୍ବୃତ୍ତ ପଶି ସୁଲତାନା ବେଗମ୍‌ଙ୍କ ମୁହଁକୁ ଆଘାତ କରିବା ସହ ଓଢ଼ଣିରେ ତଣ୍ଟିକୁ ଚିପି ଧରିଥିଲେ। ସାନପୁଅକୁ ମୁଖାଧାରୀ ଶ୍ୱାସରୁଦ୍ଧ କରିବା ବେଳେ ୧୩ବର୍ଷୀୟ ବଡ଼ପୁଅ, ମା’ ସାନଭାଇର ଅବସ୍ଥା ଦେଖି ପାଟି କରିବାରୁ ୩ଜଣ ମୁଖାଧାରୀ କିଛି କ୍ଷଣ ମଧ୍ୟରେ ଘର ଭିତରୁ ଆସବାବପତ୍ର ଭାଙ୍ଗି ୧ଲକ୍ଷ ୧୫ହଜାର ଟଙ୍କା, ସୁନା ଚେନ୍ ୨ଭରି, କାନଫୁଲ ୬ଟା (୩ ଭରି) ନେଇ ଫେରାର୍ ହୋଇଯାଇଥିଲେ ବୋଲି ସୁଲତାନା ବେଗମ୍ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। କାକଟପୁର ଥାନାର ତଦନ୍ତକାରୀ ଅଧିକାରିଣୀ ପ୍ରିୟଦର୍ଶନୀ ବରାଳ କାକଟପୁର ଥାନା କେସ୍ ନଂ. ୧୭୬/୨୫ରେ ମାମଲା ରୁଜୁ କରି ବିଭିନ୍ନ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ ଜାରି ରଖିଛନ୍ତି।

# ୨୨ ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସ୍ତୁତିର ସମୀକ୍ଷା

### ଭକ୍ତ ଦାସିଆ ସ୍ମୃତି କମିଟିର ସମୀକ୍ଷା ବୈଠକ

ପିପିଲି,୨୫।୭(ଦୁର୍ଗାମାଧବ ମିଶ୍ର)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ପ୍ରବର ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁର ସର୍ବାଙ୍ଗୀନ ଉନ୍ନୟନ ନିମନ୍ତେ ଭକ୍ତ ସ୍ମୃତି କମିଟିର ଆୟୋଜିତ ମାସିକ ବୈଠକ ଭୁବନେଶ୍ୱରସ୍ଥ ଶହୀଦନଗରର ବିଷ୍ଣୁ ମନ୍ଦିର ସଭାଗୃହରେ କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ କଳିଯୁଗର ଶ୍ରୀଜଗନ୍ନାଥ ମହାମନ୍ତ୍ର, ସ୍ତୋତ୍ର ଓ ପ୍ରାର୍ଥନା ସମୂହ ପାଠ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଭକ୍ତଙ୍କ ଜନ୍ମପୀଠ ବାଲିଗାଁର ସର୍ବାଙ୍ଗୀନ ବିକାଶ ନିମନ୍ତେ ୨୨ଟି ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହାର ଭିତ୍ତିପ୍ରସ୍ତର କାର୍ଯ୍ୟ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହଯୋଗରେ ଯଥାଶୀଘ୍ର କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଦାୟିତ୍ୱରେ ଅନୁଷ୍ଠାନ ତରଫରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ଯନ୍ତ୍ରୀ ମୁଖ୍ୟ ଇଂ. ଦେବ ନାରାୟଣ ପାଲ, ମେଟ୍ରୋ ରେଲ୍‌ୱେ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ. ଶିବ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ସାମାଜିକ କର୍ମୀ ମନୋରମା ମହାପାତ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଭକ୍ତଙ୍କ ପୀଠରେ ଝୁଲଣ ପର୍ବ ସୁଚାରୁରୂପେ ପାଳନ କରାଯିବା ନିମନ୍ତେ ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଭକ୍ତଙ୍କ ପୀଠରେ ରଥଯାତ୍ରା ପର୍ବ ପାଳିତ ହେବା ନିମନ୍ତେ ଆବଶ୍ୟକ ହେଉଥିବା ମାଉସୀ ମା’ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଜମି ଓ ପ୍ରକଳ୍ପର ଖର୍ଚ୍ଚ ଆକଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତ ସ୍ନାନ ପର୍ବରେ ଅଣସର ଗୃହ ନିମନ୍ତେ ଭୂମିପୂଜନ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଅଜୟ ଦାସ, ଡ. ବାସନ୍ତୀ ଦାସ, ଅନନ୍ତ ଚରଣ ସାହୁ, ଗୋପାଳ ବଳ, ଭାରତୀ ଭୂଷଣ ପଟ୍ଟନାୟକ, ତ୍ରିଲୋଚନ ନାୟକ, ସୁରେଶ ମିଶ୍ର, ଅନୁପମା ମିଶ୍ର ଓ ଅକ୍ଷୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ବୈଠକରେ ଭକ୍ତ ଦାସିଆ ସ୍ମୃତି କମିଟିର ସଦସ୍ୟମାନେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୀମା



@ ଅମିତ



@ ପ୍ରିତମ



@ ପ୍ରଦ୍ୟୁମ୍ନ



@ ଅନିଶା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସଚେତନତା

କାକଟପୁର/ଅସ୍ତରଙ୍ଗ,୨୫।୭
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବଜାରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ସୁବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଗ୍ରାହକମାନଙ୍କୁ ସାଇବର ଠକେଇ ଓ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କିତ ସୂଚନା ଦେଇଥିଲେ। ସାଇବର ଠକମାନେ ଠକେଇ କରିବାର ନୂଆ ତରିକା ଆପଣେଇଛନ୍ତି। ଲୋନର ଇଏମ୍‌ଆଇ ଟାଳିବା ପାଇଁ ଏମାନେ ବର୍ତ୍ତମାନ କଲ୍ ତଥା ମେସେଜ କରି ଲୋକଙ୍କୁ ଚୂନ ଲଗାଉଛନ୍ତି। ବ୍ୟାଙ୍କ ପକ୍ଷରୁ ଏଭଳି କଲ୍ ତଥା ମେସେଜ ପ୍ରତି ଗ୍ରାହକଙ୍କୁ ସାବଧାନ ରହିବାକୁ କୁହାଯାଇଛି। ଏ ପ୍ରକାର ସାଇବର ଠକମାନେ ବ୍ୟାଙ୍କ ଅଧିକାରୀ କହି ଫୋନ କରି ଲୋକଙ୍କୁ ଭୁଆଁ ବୁଲାଉଥିବା ଖବର ବିଭିନ୍ନ ସମୟରେ ସାମ୍ନାକୁ ଆସୁଛି। ଏମାନଙ୍କଠାରୁ ବର୍ତ୍ତିବାର ଏକମାତ୍ର ଉପାୟ ହେଲା ସାବଧାନତା ଏବଂ ସତର୍କତା। ଏଥିସହ ମହିଳାମାନେ ବ୍ୟାଙ୍କରୁ ଋଣ ନେଇ ସହଜ ଉପାୟରେ ନିଜେ ସ୍ୱାବଲମ୍ବୀ ହୋଇପାରିବେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବ୍ୟବସାୟ ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସିନିୟର ଆସିଷ୍ଟାଣ୍ଟ ନିଲମ୍ବିତ

କଟକ,୨୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସିନିୟର ଆସିଷ୍ଟାଣ୍ଟ କିଶୋର ସାହାଣୀଙ୍କୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ପ୍ରାୟ ୩୪ ଲକ୍ଷ ଟଙ୍କାର ୟୁଜର୍ସ ଫି ଘୋଟାଲାରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ହେବା ପରେ ଅଡିଟ କରାଯାଇଥିଲା ଏବଂ ରିପୋର୍ଟ ଆସିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ କରି ବିରୋଧ

କଟକ,୨୫।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ଭାଜପା ପକ୍ଷରୁ ସିଡିଏ ସେକ୍ଟର-୬ଠାରେ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରୁଥିବାବେଳେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରିବା ବଦଳରେ ଛାତ୍ର ନେତାଙ୍କ ଏତାଦୃଶ କାର୍ଯ୍ୟ ପ୍ରତି ବିଧାୟିକା ସୋଫିଆଙ୍କ ନିରବ ସମର୍ଥନକୁ ଭାଜପା କଟକ ଜିଲା ପକ୍ଷରୁ ବିରୋଧ କରାଯାଇଛି। କଂଗ୍ରେସର ଦୋମୁହାଁ ନୀତିର ମୁଖା ଖୋଲିବା ପାଇଁ ଏକ ପଥପ୍ରାନ୍ତ ସଭା କରାଯାଇଛି। ଏହି ସଭାରେ ବରିଷ୍ଠ ନେତା ଲଲାଟେନ୍ଦୁ ବସ୍ତୁ, ବିଶ୍ୱରଞ୍ଜନ ମିଶ୍ର, ଦିପ୍ତି ସ୍ୱାଇଁ, ସ୍ୱାଧୀନ ମହାନ୍ତି, ଦେବାଶିଷ ଘୋଷ, ମନସ୍ୱିନୀ ଦିକ୍ଷିତ, ଅମ୍ବିକା ସାମଲ, ମନଜିତ ଦାସ, ସୁଶାନ୍ତ ଦାସ, ସୂରଜ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଓଟିଏମ୍ ହାଇସ୍କୁଲ ଅବସରପ୍ରାପ୍ତ ପିଅନଙ୍କ ପରଲୋକ

ମଙ୍ଗୁଳି-ଜଗତପୁର,୨୫।୭(ମାନସ ସାମଲ)

ଚୌଦାର ଓଟିଏମ୍ ହାଇସ୍କୁଲର ଅବସରପ୍ରାପ୍ତ ପିଅନ ତଥା ଅଞ୍ଚଳର ଜଣାଶୁଣା ରୋଷେଇଆ ଅଭିମନ୍ୟୁ ବେଉରିଆଙ୍କ



କଟକ ବଡ ମେଡ଼ିକାଲରେ ଗୁରୁବାର ପରଲୋକ ହୋଇଯାଇଛି। ସେ ଚଳିତବର୍ଷ ୩୧ ଜାନୁଆରୀରେ ଅବସର ନେବା ପରେ ସାଲେପୁର ଥାନା ଅଧୀନ ମଉଦା ଗ୍ରାମରେ ରହୁଥିଲେ। ସୋମବାର ରାତି ପ୍ରାୟ ୧୨ଟାରେ ହଠାତ୍ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରି ଦେହରୁ ପ୍ରବଳ ଝାଳ ବାହାରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକ ପ୍ରଥମେ ସାଲେପୁରସ୍ଥିତ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅଧିକ ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ଆଣିଥିଲେ। ୩ ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜିତେନ ରାଉତ, ଶିକ୍ଷକ ବିଜୟ ସାହୁ, ଓଟିଏମ ବଜାରର ବ୍ୟବସାୟୀ ଭୀମସେନ ମହାପାତ୍ରଙ୍କ ସମେତ ଚୋଦ୍ୱାର ଅଞ୍ଚଳର ଶତାଧିକ ଯୁବକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ମଶାଣିରେ ସତ୍କାର କରାଯାଇଥିଲା। ସାନପୁଅ ସିପୁନା ବେହେରିଆ ମୁଖାଗ୍ନି ଦେଇଥିଲେ।

# ସ୍ୱାସ୍ଥ୍ୟ, ଜଳବନ୍ଦୀ ସମସ୍ୟା ନେଇ ଖଣ୍ଡପୀଠ କ୍ଷୁବ୍ଧ

କଟକ,୨୫।୭(କାର୍ତ୍ତିକ ସାହୁ)



**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**

- ମାତୃଭବନ ଡ୍ରେନ୍ କାମ ଅଟକିଥିବାରୁ ଅସନ୍ତୋଷ
- ଆଭାସୀରେ ଉତ୍ତର ରଖିଲେ ବିଭାଗୀୟ ସଚିବ

କଟକ ସହରର ବିଭିନ୍ନ ସମସ୍ୟାକୁ ନେଇ ହାଇକୋର୍ଟରେ ରୁଜୁ ମାମଲାଗୁଡ଼ିକର ଶୁଣାଣି ଶୁକ୍ରବାର ହୋଇଛି। ବିଚାରପତି ଏସ.କେ. ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସହରରେ ଜଳବନ୍ଦୀ ସମସ୍ୟା ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଗର ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗର ସଚିବ ଆଭାସିରେ ହାଜର ହୋଇ ଉତ୍ତର ରଖିଛନ୍ତି।

ସୂଚନାନୁସାରେ, ସହରରେ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ହୋଇଥିବା ମାଷ୍ଟର ପ୍ଲାନ ଏବଂ ରାସ୍ତା ମରାମତି ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ହାଇକୋର୍ଟ ରିପୋର୍ଟ ତଲବ କରିଥିଲେ। ନଗର ଉନ୍ନୟନ ସଚିବ ଆଭାସିରେ ହାଜର ହୋଇ ଉତ୍ତର ରଖିଥିଲେ। ବର୍ଷାଜଳ ନିଷ୍କାସନ ପାଇଁ ନାଳ ସଫେଇ ସହ ୨୮୦ଟି ମୋଟର ପମ୍ପ ସେଟ ମହଜୁଦ ରହିଛି। ଜରୁରି ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜଳବନ୍ଦୀ ଦୂର ପାଇଁ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ ହୋଇଛି। ସେହିପରି ପୂର୍ତ୍ତ ବିଭାଗ ସଚିବ କହିଥିଲେ ଯେ ଆର. ଆଣ୍ଡ ବି-୧ ଓ ଆର୍‌ଆଣ୍ଡ ବି-୨ ଅଧୀନରେ ସମୁଦାୟ ୧୮୫.୪୫ କିମି ରାସ୍ତା ରହିଛି। ତନ୍ମଧ୍ୟରୁ ୧୧୨ କି.ମି. ଭଲ ଅବସ୍ଥାରେ ଅଛି। ସେହିଭଳି ଆର୍‌ଆଣ୍ଡ ବି ଯନ୍ତ୍ରୀ ମୁଖ୍ୟ ରାସ୍ତା ଭଲ ଅବସ୍ଥାରେ ଥିବା କହିଥିଲେ। ଏହି ଉତ୍ତରକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ମୁଖ୍ୟ ଡ୍ରେନ୍‌ରେ ବର୍ଜ୍ୟଜଳ ମାତୃଭବନ ଦେଇ ମଉଗଜପୁରକୁ ନିଷ୍କାସିତ ହେଉଛି। ହେଲେ ମାତୃଭବନଠାରେ ୧୧ କେଭି ଅଣ୍ଡରଗ୍ରାଉଣ୍ଡ କେବୁଲ ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ଡ୍ରେନ କାମ ଦୀର୍ଘମାସ ଧରି ହୋଇପାରୁ ନାହିଁ। ସେଠାରେ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ କରିବା ପାଇଁ ଆଡ୍‌ଭୋକେଟ କମିଟି ସଦସ୍ୟଙ୍କ ସମେତ ରେଲୱେ, ୱାଟକୋ, ଟିପିସିଓଡିଏଲ କର୍ତ୍ତୃପକ୍ଷ ଆସନ୍ତା ୨୭ରେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ସିବି ମେଡିକାଲରେ ମହାପ୍ରୟାଣ ଗାଡ଼ି ଅଚଳ ମାମଲାରେ ଏସ୍‌ସିବି ଅଧୀକ୍ଷକ ଗୋଟିଏ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ପରେ ମରାମତି ନ ହୋଇ ପଡ଼ିରହିଛି ବୋଲି କହିଥିଲେ। ତୁରନ୍ତ ଉକ୍ତ ଗାଡ଼ି ମରାମତି କରି ରୋଗୀ ସେବାରେ ଲଗାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲରେ ଦଲାଲଙ୍କ ପ୍ରାଦୁର୍ଭାବ ବୃଦ୍ଧି ଓ ନିରାମୟ କେନ୍ଦ୍ରରେ ଜରୁରୀ ଔଷଧ ମିଳୁନାହିଁ। ରୋଗୀ ଓ ସମ୍ପର୍କୀୟ ଧାଡ଼ିବାନ୍ଧି ଦୀର୍ଘ ସମୟ ଅପେକ୍ଷା କରିବା ପରେ ଶେଷ ମୁହୂର୍ତ୍ତରେ ଔଷଧ ନ ଥିବା ଜାଣି ନିରାଶ ହେଉଛନ୍ତି। ତେଣୁ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡରେ ଔଷଧର ଉପଲବ୍ଧତା ସଂକ୍ରାନ୍ତରେ ସୂଚନା ଦେବାକୁ ହାଇକୋର୍ଟ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରେଷ୍ଟ ସେଡ୍ ସଂଖ୍ୟା ବଢ଼ାଇବାକୁ ହାଇକୋର୍ଟ କହିଛନ୍ତି। ସିଟି ହସ୍ପିଟାଲର ୬ ମହଲା ବିଶିଷ୍ଟ ଏମ୍‌ସିଏସଚ୍ ନିର୍ମାଣରେ ବିଳମ୍ବକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ୨୦୨୦ରେ ଏହି ବିଲ୍‌ଡିଂ ଶେଷ କରିବାକୁ ଧାର୍ଯ୍ୟ ସମୟ ଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇ ନ ଥିବା ପ୍ରଶ୍ନରେ ୨୦୨୬ ଜୁନ ସୁଦ୍ଧା ଶେଷ ହେବ ବୋଲି ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ-୧ କହିଥିଲେ। ଆଡ୍‌ଭୋକେଟ କମିଟି ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ମନୋଜ କୁମାର ମିଶ୍ର ସହରରେ ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁ ଡ୍ରେନ ଜାମ ହେଉଥିବା ନେଇ ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଏହାଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଥିବା ବେଳେ ପ୍ଲାଷ୍ଟିକ ଆବର୍ଜନା ଭର୍ତ୍ତି ଯୋଗୁ ବର୍ଜ୍ୟଜଳ ଠିକ ଭାବରେ ନିଷ୍କାସିତ ହୋଇପାରୁ ନାହିଁ ବୋଲି ସେ ଦର୍ଶାଇଥିଲେ। ଆମିକସ୍ କ୍ୟୁରି ଇଂ ଏନ.କେ. ମହାନ୍ତି ଓ ଆମିକସ୍ କ୍ୟୁରି ବିଜୟ କୁମାର ଦାଶ ମଉଗଜପୁରକୁ ବର୍ଜ୍ୟଜଳ ଠିକ ଭାବେ ନିଷ୍କାସିତ ହୋଇପାରୁ ନାହିଁ ଓ ମାତୃଭବନ ଡ୍ରେନ୍‌ରେ ରହିଥିବା ସମସ୍ୟା ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟ ଇଂ ମହାନ୍ତି ଅଦାଲତରେ ଉପସ୍ଥାପନ କରିଥିଲେ।

# ନୂତନ ମେଶିନ ଆଣି ରୋଗୀସେବାରେ ଲଗାଅ



ଏସ୍‌ସିବି ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ଜିଲା କଂଗ୍ରେସ ପକ୍ଷରୁ ଖୁଚୁରା ପଇସା ପ୍ରଦାନ କରାଯାଉଛି।

କଟକ,୨୫।୭(ଶିଳ୍ପା ପ୍ରିୟଦର୍ଶିନୀ)

**ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କ ଏସ୍‌ସିବିରେ ଏମ୍‌ଆର୍‌ଆଇ କରିବା ଘଟଣା**

- ଜିଲା କଂଗ୍ରେସ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଖୁଚୁରା ପଇସା ପ୍ରଦାନ

ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ଚିକିତ୍ସା ପାଇଁ ସୋମବାର ଏସ୍‌ସିବି ମେଡିକାଲ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ଏମ୍‌ଆର୍‌ଆଇ କରିବାକୁ ପରାମର୍ଶ ଦେଇଥିଲେ । ଏସ୍‌ସିବିରେ ଏହି ଏମ୍‌ଆରଆଇ ମେଶିନ ଖରାପ ଥିବାରୁ ତାଙ୍କୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ର(ଏଏଚ୍‌ପିଜିଆଇସି)କୁ ପଠାଯାଇଥିଲା। ହେଲେ ଏହି ଖବର ପ୍ରକାଶ କରିବାକୁ ମେଡିକାଲ ପକ୍ଷରୁ ଗଣମାଧ୍ୟମକୁ ସ୍ପଷ୍ଟ ଭାବେ ବାରଣ କରାଯାଇଥିଲା। ତେବେ ଏସ୍‌ସିବି ମେଡିକାଲରେ ଏମ୍‌ଆର୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବନ୍ଦ ରହିବା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ କର୍କଟ କେନ୍ଦ୍ର ପଠାଯିବା ଘଟଣାକୁ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏହାକୁ କେନ୍ଦ୍ରକରି ଶୁକ୍ରବାର ଜିଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୁଚୁରା ପଇସା ପ୍ରାୟ ୫ ହଜାର ଟଙ୍କା ଯୋଗାଡ଼ କରି ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ଡା. ଗୌତମ ଶତପଥୀଙ୍କୁ ଦେବା ସହ ଏମ୍‌ଆର୍‌ଆଇ ମେଶିନ ସଜାଡିବାକୁ ଅନୁରୋଧ କରିଥିଲା। ଏ ନେଇ ମାନସ କହିଛନ୍ତି, ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରିନାହିଁ ସେଠାରେ ସାଧାରଣ ରୋଗୀ କିଭଳି ସମସ୍ୟାର ସମ୍ମୁଖୀନ ହେଉଥିବେ ତାହା ଖୋଦ୍ ମୁଖ୍ୟମନ୍ତ୍ରୀ ଜାଣିବା ନିତାନ୍ତ ଆବଶ୍ୟକ। ଏହାକୁ ଖଣ୍ଡନ କରି ଅଧୀକ୍ଷକ ଡା. ଶତପଥୀ କହିଛନ୍ତି, ଏହି ଅଭିଯୋଗ ମିଥ୍ୟା। ଏସ୍‌ସିବିରେ ସମସ୍ତ ମେଶିନ କାର୍ଯ୍ୟ କରୁଛି। ଏସ୍‌ସିବି ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଗୋଟିଏ ଲେଖାଏ ମେଶିନ କାର୍ଯ୍ୟ କରୁଛି। ଏସ୍‌ସିବି ପରିବର୍ତ୍ତେ କର୍କଟ କେନ୍ଦ୍ର ମେଶିନରେ ପରୀକ୍ଷା କରାଇବାକୁ ଭିଡ଼ ନ ଥିବାରୁ ତାଙ୍କୁ ସେଠାକୁ ପଠାଯାଇଥିଲା।

## ଏସ୍‌ସିବିକୁ ଆସିଲା ଆଉ ୩ଟି ସି-ଏଆର୍‌ଏମ୍ ମେଶିନ

କଟକ,୨୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ତିନୋଟି ସି-ଏଆର୍‌ଏମ୍ ମେଶିନ ଆସିଛି। ମେଡିକାଲର ୟୁରୋଲୋଜି, ପ୍ଲାଷ୍ଟିକ ସର୍ଜରି ଓ ଅସ୍ଥିଶଲ୍ୟ ବିଭାଗରେ ଗୋଟିଏ ଲେଖାଏ ମେଶିନ ଅଣାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏହି ମେଶିନ ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟେଙ୍ଗଗୁଡ଼ିକ ଅପରେଶନ ସମୟରେ ଡାକ୍ତରଙ୍କୁ ଜୀବନ୍ତ ଦେଖାଯାଏ। ମୁଖ୍ୟତଃ ଏହି ମେଶିନକୁ ଜଟିଳ ଅସ୍ତ୍ରୋପଚାର ସମୟରେ ଅପରେଶନ ଟେବୁଲରେ ବ୍ୟବହାର କରାଯାଇଥାଏ ଏବଂ ଏହା ଜଟିଳ ଅସ୍ତ୍ରୋପଚାର ସମୟରେ ଉଚ୍ଚ କ୍ଷମତାସମ୍ପନ୍ନ ଜୀବନ୍ତ ଏକ୍ସରେ ମାଧ୍ୟମରେ ଡାକ୍ତରୀ ଟିମକୁ ଛବି ଦେଖାଇଥାଏ। ଫଳରେ ଅପରେଶନ ଅଧିକ ସହଜ ହୋଇ ପାରିଥାଏ। ସାଧାରଣତଃ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି, ୟୁରୋଲୋଜି, ଅସ୍ଥିଶଲ୍ୟ ଅସ୍ତ୍ରୋପଚାର ସମେତ ଅନ୍ୟାନ୍ୟ ଜଟିଳ ଅସ୍ତ୍ରୋପଚାର ଯଥା ହୃଦ୍ରୋଗ ଏବଂ ଆଞ୍ଜିଓଗ୍ରାଫି ଇତ୍ୟାଦି ଚିକିତ୍ସା ସମୟରେ ସି-ଏଆର୍‌ଏମ୍ ମେଶିନର ବ୍ୟବହାର କରାଯାଇଥାଏ। ସୂଚନାଥାଉକି, ଏସ୍‌ସିବିରେ ପୂର୍ବରୁ ୧୫ଟି ସି-ଏଆର୍‌ଏମ୍ ମେଶିନ ଟ୍ରମା କୋଠା, ୟୁରୋଲୋଜି, ଅସ୍ଥିଶଲ୍ୟରେ, ହୃଦ୍‌ରୋଗ ବିଭାଗ, ପ୍ଲାଷ୍ଟିକ ସର୍ଜରି ଆଦି ବିଭାଗରେ ଥିଲା। ଓଡ଼ିଶା ରାଜ୍ୟ ଔଷଧ କର୍ପୋରେଶନ (ଓଏସ୍‌ଏମ୍‌ସି) ପକ୍ଷରୁ ଏହି ମେଶିନ ଅଣାଯାଇଛି। ତିନୋଟି ମେଶିନର ଦାମ ପ୍ରାୟ ୧ କୋଟି ଟଙ୍କା ରହିଛି।

## ନଦୀ ଜଳରେ ବୁଡିଲା କଜ୍‌ୱେ, ଯାତାୟାତରେ ବାଧା



**କଟକ ସଦର,୨୫।୭(ସୁଶାନ୍ତ କୁମାର ଜେନା):** ମହାନଦୀରୁ ବାହାରିଥିବା ଶୁକ ପାଇକ କେନାଲରେ ପରୀକ୍ଷା ମୂଳକ ଭାବେ ଗତ ୨୩ ତାରିଖରେ ଜଳ ଛଡ଼ା କରାଯାଇଥିଲା। ତଳ ମୁଣ୍ଡକୁ ପାଣି ଠିକ ଭାବେ ନିର୍ଗତ ହୋଇ ନ ପାରିବାରୁ ବ୍ରାହ୍ମଣବାଡ଼ ନିକଟରେ ଥିବା କଜ ୱେ ଉପରେ ୨ଫୁଟର ପାଣି ପ୍ରବାହିତ ହେଉଛି। ବହୁଦିନରୁ ଅଭ୍ୟସ୍ତ ଲୋକମାନେ ପ୍ରଥମ ଥର ଏହି ଜଳ ପ୍ରବାହ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରବର୍ତ୍ତୀ ସମୟରେ ଅସୁବିଧାର ସମାଧାନ କରି ଦିଆଯିବା ବୋଲି କଟକ ଡ୍ରେନେଜ ଡିଭିଜନ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀମା



@ ଅମିତ



@ ପ୍ରୀତମ



@ ପ୍ରଦ୍ୟୁମ୍ନ



@ ଅନିଶା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





ଓଡ଼ିଶା ହାଇକୋର୍ଟର ୭୮ ତମ ପ୍ରତିଷ୍ଠା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଏହାର ପରିସରକୁ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଛି। (ଫଟୋ: ରାଜକିଶୋର ମହାନ୍ତି)

# ମୃତଦେହ ନେବା କାମରେ ଆସୁନି ମହାପ୍ରୟାଣ ଗାଡ଼ି

କଟକ,୨୫।୭(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

**ବେସରକାରୀ ଗାଡ଼ିରେ ମୃତଦେହ ନେବାକୁ ଟଙ୍କା ଗଣୁଛନ୍ତି ସମ୍ପର୍କୀୟ**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ମୃତ ଦେହ ନେବା କାମରେ ଆସୁନି ମହାପ୍ରୟାଣ ଗାଡ଼ି। ଫଳରେ ମେଡିକାଲରୁ ମୃତଦେହ ନେବା ପାଇଁ ବେସରକାରୀ ଗାଡ଼ିଗୁଡ଼ିକ ବ୍ୟବହାର କରି ମୃତକଙ୍କ ସମ୍ପର୍କୀୟ ମୋଟା ଅଙ୍କର ଟଙ୍କା ଦେଉଛନ୍ତି। ମେଡିକାଲରେ ଏଭଳି ଏକ ଘଟଣା ବୁଧବାର ବିଳମ୍ବିତ ରାତିରେ ଘଟିଛି ଏବଂ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମେଡିକାଲ ନ୍ୟୁରୋସର୍ଜରି ବିଭାଗରେ ବ୍ରହ୍ମପୁର ଅଞ୍ଚଳର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ମହାପ୍ରୟାଣ ଗାଡି ନ ପାଇବାରୁ ମୃତଦେହ ବେସରକାରୀ ଗାଡିରେ ନେଇ ୫ ହଜାର ଟଙ୍କା ମୃତକଙ୍କ ପରିବାର ଦେଇଥିବା ସୂଚନା ମିଳିଛି। ତେବେ ଏସ୍‌ସିବି ଭଳି ସର୍ବବୃହତ ମେଡିକାଲରେ ରୋଗୀ ଜୀବିତ ଅବସ୍ଥାରେ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଥିବାବେଳେ ଏବେ ମୃତ୍ୟୁ ପରେ ମଧ୍ୟ ମରଶରୀର ନେବା ପାଇଁ ସମାନ ପରିସ୍ଥିତି ସୃଷ୍ଟି ହେଉଛି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳର ଜଣେ ରୋଗୀ ଗତ ୮ରୁ ୧୦ ଦିନ ହେବ ଏସ୍‌ସିବିର ନ୍ୟୁରୋସର୍ଜରି ବିଭାଗରେ ଚିକିତ୍ସା ହେଉଥିବାବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ମେଡିକାଲରୁ ମୃତଦେହ ଗାଁକୁ ନେବା ପାଇଁ ପରିବାର ଲୋକ ସହାୟତା ମାଗିଥିଲେ ମଧ୍ୟ କେହି କରି ନ ଥିଲେ। ଏହି ଘଟଣାର ଖବର ପାଇ ସାମାଜିକ କର୍ମୀ ପ୍ରସନ୍ନ ଗୁରୁ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସାହାଯ୍ୟତା କରିଥିଲେ। ଏପରିକି ସାମାଜିକ କର୍ମୀ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମହାପ୍ରୟାଣ ଗାଡି ସହାୟତା ନମ୍ବରରେ ଯୋଗାଯୋଗ କରି ବିଫଳ ହୋଇଥିଲେ। ଶେଷରେ ନିଜେ ଏକ ଗାଡିର ବ୍ୟବସ୍ଥା କରି ମୃତଦେହ ତାଙ୍କ ଗାଁକୁ ପଠାଇଥିଲେ ଏବଂ ଏଥିପାଇଁ ମୃତକଙ୍କ ପରିବାର ଲୋକ ୫ ହଜାର ଟଙ୍କା ଗଣିଥିଲେ। ରାଜ୍ୟ ସରକାରଙ୍କ ମହାପ୍ରୟାଣ ଯୋଜନାରେ ସ୍ୱଳ୍ପ ମୂଲ୍ୟ ଦେଇ ଲୋକମାନେ ଘରକୁ ମୃତଦେହ ନେଇ ପାରିବେ। ଏଥିପାଇଁ କଟକ ଜିଲାରେ ୬ଟି ମହାପ୍ରୟାଣ ଗାଡି ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୨ଟି ଏସ୍‌ସିବି ମେଡିକାଲ, ଗୋଟିଏ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଓ ଅନ୍ୟ ୨ଟି ସିଏମ୍‌ସିକୁ ଦିଆଯାଇଥିଲା। ଏସ୍‌ସିବିରେ ଏହି ଗୋଟିଏ ଗାଡି ଦୁର୍ଘଟଣା ହେବାରୁ ମରାମତି ପାଇଁ ଯାଇଥିବାବେଳେ ଆଉ ଗୋଟିଏ ଗାଡି ମେଡିକାଲର ପଛପଟେ ପରିତ୍ୟକ୍ତ ସ୍ଥାନରେ ପଡି ଖତ ଖାଉଛି। ହେଲେ ରାଜ୍ୟ ସରକାରଙ୍କ ମହାପ୍ରୟାଣ ଯୋଜନା ଏବେ ବାଟବଣା ହୋଇଯାଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ଏ ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଉପକୂଳ ସୁରକ୍ଷାର ସବୁଜ ପ୍ରାଚୀର

ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟା, ବାତ୍ୟା, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଏଠାରେ ଅନେକ ସମୟରେ ଏଭଳି ସ୍ଥିତି ଲାଗିରହୁଛି। ମାତ୍ର ହେନ୍ତାଳବଣ ବା ଲୁଣାଜଙ୍ଗଲ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମ ପାଇଁ ବରଦାନ ସାଜିଥାଏ। ତେବେ ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳକୁ ସୁରକ୍ଷା ଯୋଗାଉଥିବା ହେନ୍ତାଳବଣ ଏବେ ବିପଦରେ। ତେଣୁ ଏହାର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜୁଲାଇ ୨୬କୁ ଅନ୍ତର୍ଜାତୀୟ ହେନ୍ତାଳବଣ ସଂରକ୍ଷଣ ଦିବସ ଭାବେ ପାଳନ କରାଯାଇଆସୁଛି। ୨୦୧୫ରେ ୟୁନେସ୍କୋର ସାଧାରଣ ସମ୍ମିଳନୀ ଦ୍ୱାରା ଏହି ଦିବସକୁ ନାମିତ କରାଯାଇଥିଲା ବେଳେ ୨୦୧୬ ଜୁଲାଇ ୨୬ରେ ଏହି ଦିବସ ପ୍ରଥମେ ପାଳିତ ହୋଇଥିଲା।



## ହେନ୍ତାଳବଣର ଗୁରୁତ୍ୱ

ହେନ୍ତାଳବଣର ଉପସ୍ଥିତି ଉପକୂଳ ଅଞ୍ଚଳର ସୁନାମି, ବାତ୍ୟା ପ୍ରତିରୋଧ କରିବା ସହ ଉପକୂଳ ଅଞ୍ଚଳକୁ ସୁରକ୍ଷା ଯୋଗାଇଦେବାରେ ସବୁଜ ପ୍ରାଚୀର ଭାବେ ଠିଆ ହୋଇଥାଏ। ହେନ୍ତାଳ ଜଙ୍ଗଲ ଆମ ଚାରିପାଖେ ଭୂମି ଉପରେ ଦେଖାଯାଉଥିବା ଜଙ୍ଗଲ/ଗଛଠାରୁ ୫ରୁ ୭ ଗୁଣ ଅଧିକ ଅମ୍ଳଜାନ ଯୋଗାଇଥାଏ ଏବଂ ସେହି ପରିମାଣରେ ଅଙ୍ଗାରକାମ୍ଳ ମଧ ଶୋଷଣ କରିଥାଏ। ଶିଳ୍ପାୟନ, କଳକାରଖାନା, ଗାଡ଼ିମୋଟର ବଢ଼ିବା ସଙ୍ଗେସଙ୍ଗେ ଅଙ୍ଗାରକାମ୍ଳ ବଢ଼ିଚାଲିଛି। ତେବେ ଏଭଳି ଅବସ୍ଥାରେ ପୃଥିବୀ ପୃଷ୍ଠର ୫୦-୭୦% ଅଙ୍ଗାରକାମ୍ଳ ହେନ୍ତାଳ ବଣ ଶୋଷି ନେଇଥାଏ। ପ୍ରତି ୧ହେକ୍ଟର ହେନ୍ତାଳବଣର ଉପସ୍ଥିତି ୩ ରୁ ୪ ହେକ୍ଟର ନଦୀ/ସମୁଦ୍ର ପ୍ରଦୂଷଣକୁ ଅବଶୋଷଣ କରିବାରେ କ୍ଷମତା ରଖିଥାଏ। ଜୈବବିବିଧତା ଦୃଷ୍ଟିକୋଣରୁ ହେନ୍ତାଳ ଜଙ୍ଗଲ ସମୁଦ୍ରର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସେହିପରି ନିକଟରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ଭାରତୀୟ ଲୁଣାଜଙ୍ଗଲ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବଡ଼ ବଡ଼ ତିମିଠାରୁ ଡଲ୍‌ଫିନ୍, ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଆଦି ପ୍ରାୟ ୩୯୮୫ ପ୍ରକାର ପ୍ରାଣୀ ଓ ଉଦ୍ଭିଦ ସେମାନଙ୍କ ବଂଶ ବୃଦ୍ଧି, ଖାଦ୍ୟ ପୋଷଣ ପାଇଁ ନିର୍ଭରଶୀଳ। ଏମାନଙ୍କ ମଧ୍ୟରେ ୩୦୬୬ ଧରଣର ପ୍ରାଣୀ ଓ ୯୧୯ ପ୍ରକାର ଉଦ୍ଭିଦ ଅନ୍ତର୍ଭୁକ୍ତ। ହେନ୍ତାଳବଣ ବିପଦରେ ପଡ଼ିଲେ, ହଜାର ହଜାର ସଂଖ୍ୟକ ଜୀବଙ୍କ ବଂଶ ଲୋପ ପାଇଯିବ, ଯାହାଫଳରେ ସମ୍ପୂର୍ଣ୍ଣ ସାମୁଦ୍ରିକ ପରିସଂସ୍ଥାନ ଭାରସାମ୍ୟ ହରାଇବସିବ।

ତେବେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ(ଓପ୍ସା), ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ, ଆହ୍ୱାନ ଫାଉଣ୍ଡେଶନ, ଦୋଳଗୋବିନ୍ଦ ଜୀଉ ୟୁଥ୍ କ୍ଲବ, ରିଲିୟାନ୍ସ ଫାଉଣ୍ଡେଶନ, ଆପୁଆ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ଏଫ୍‌ଆଇଡିଆର ଏବଂ ଓଡ଼ିଶା ଲୁଣାଜଙ୍ଗଲ ସ୍ୱଚ୍ଛତା ଅଭିଯାନ ପ୍ରଭୃତି ଅନୁଷ୍ଠାନ ଓଡ଼ିଶା ଉପକୂଳର ଲୁଣାଜଙ୍ଗଲ ସଂରକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ସ୍ଥାନୀୟ ଲୋକଙ୍କୁ ଯୋଡ଼ିବା ସହ ପ୍ରଦୂଷଣ ରୋକିବା, ଲୁଣାଜଙ୍ଗଲ ଶିକ୍ଷା ସଚେତନତା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି।

-ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

### ସଂରକ୍ଷଣ ଆମର ଦାୟିତ୍ୱ



୨୧୦୦ସୁଦ୍ଧା ସମୁଦ୍ର ପତ୍ତନରେ ବର୍ତ୍ତମାନ ତୁଳନାରେ ୧.୧ମିଟର ଅଧିକ ବୃଦ୍ଧି ଘଟିବା ନେଇ ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱସ୍ତରରେ କାର୍ଯ୍ୟରତ ଆନ୍ତଃସରକାରୀ ଗୋଷ୍ଠୀ (ଆଇପିସିସି) ଆକଳନ କରିଛି। ବାତ୍ୟା, ସମୁଦ୍ରକୂଳ ଲଙ୍ଘନ ଏବଂ ସୁନାମି ଇତ୍ୟାଦିର ତୀବ୍ରତା ହ୍ରାସ ନିମନ୍ତେ ଉପକୂଳବର୍ତ୍ତୀ ଅଞ୍ଚଳରେ ଅବକ୍ଷୟିତ ହେନ୍ତାଳବଣର ସୁରକ୍ଷା ଓ ସଂରକ୍ଷଣ ଆମର ଦାୟିତ୍ୱ। ପ୍ରକୃତିର ବରଦାନରୂପେ ପରିଗଣିତ ହେନ୍ତାଳବଣ ଶତାଧିକ ପ୍ରଜାତିର ମାଛଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଶ୍ରୟସ୍ଥଳ ଓ ନର୍ସରୀ ଭାବରେ ତଥା ଅନ୍ୟ ପ୍ରାଣୀମାନଙ୍କର ବାସସ୍ଥାନ ଏବଂ ଉଚ୍ଚମାନର ଖାଦ୍ୟସ୍ଥଳୀରୂପେ କାର୍ଯ୍ୟ କରେ। ଚରମ ଜଳବାୟୁ ଘଟଣାକୁ ପ୍ରତିହତ କରିବାରେ ଲୁଣା ଜଙ୍ଗଲ ଏକ ଜୈବ-ଢାଲ ଏବଂ ଉତ୍କୃଷ୍ଟ ଅଙ୍ଗାରକ ଭଣ୍ଡାରର ଭୂମିକା ନିର୍ବାହ କରେ।

- ଡ. ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶ ବିଜ୍ଞାନୀ

### ହେନ୍ତାଳ ବଣ ସୃଷ୍ଟି ଉପରେ ଗୁରୁତ୍ୱ ଆବଶ୍ୟକ



ଓଡିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ଚୀର ସହଚର ରୂପେ ପରିଚିତ। କିନ୍ତୁ ସାମ୍ପ୍ରତିକ ବିଶ୍ୱ ତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏକ ଉପକୂଳ ରାଜ୍ୟ ଭାବରେ ଏହା ସମ୍ପ୍ରତି ଅଧିକ ଦୁର୍ବିପାକର ସମ୍ମୁଖୀନ ହେଉଛି। ତେବେ ଏହି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ହେଲେ ହେନ୍ତାଳ ବଣ ସୃଷ୍ଟି ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡିବ। ହେନ୍ତାଳବଣ କିଭଳି ୧୯୯୯ ମହାବାତ୍ୟା ସମୟରେ ରାଜ୍ୟର ଉପକୂଳରେ ଘଟାଇଥିବା ଧ୍ୱଂସର ତାଣ୍ଡବଲୀଳାକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ବାତ୍ୟାର ପ୍ରକୋପରେ ଜଗତସିଂହପୁର ଜିଲା ପ୍ରବଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ତୋଶୀ କେନ୍ଦ୍ରାପଡ଼ା ଜିଲା ବାତ୍ୟା ଦାଉରୁ ରକ୍ଷା ପାଇଥିଲା। ଏହାର ମୁଖ୍ୟ କାରଣ ଥିଲା କେନ୍ଦ୍ରାପଡ଼ା ଉପକୂଳରେ ଭିତର କନିକା ହେନ୍ତାଳ ବଣର ଉପସ୍ଥିତି।

- ଡ. ସୁନ୍ଦର ନାରାୟଣ ପାତ୍ର, ଓଡ଼ିଶା ପରିବେଶ ସମିତି ସଭାପତି

### ଲୁଣାଜଙ୍ଗଲର ଭୂମିକା ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ



ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଲୁଣାଜଙ୍ଗଲ ବା ହେନ୍ତାଳ ବଣ ସାମୁଦ୍ରିକ ସନ୍ତୁଳନ ରକ୍ଷା ସହ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ମଧ ସହାୟକ ହୋଇଥାଏ। ତେଣୁ ଲୁଣାଜଙ୍ଗଲର ଭୂମିକା ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ୭୪ଟି ଗାଁ ଆଗକୁ ଜଳମଗ୍ନ ହେବାର ଆଶଙ୍କା ରହିଥିବା ଏକ ଆକଳନରୁ ଜଣାପଡ଼ିଛି। ଏଥିସହ ରାଜ୍ୟର ଅଧାରୁ ଅଧିକ ଉପକୂଳବର୍ତ୍ତୀ ଅଞ୍ଚଳରେ ଏବେ ସମୁଦ୍ର କୂଳ ଲଂଘୁଛି। ସେହିପରି ଗତ ୬୦ ବର୍ଷ ମଧ୍ୟରେ ପ୍ରାୟ ୯ ସେଣ୍ଟିମିଟର ସମୁଦ୍ରପତ୍ତନ ବୃଦ୍ଧି ପାଇଛି ଏବଂ ସମଗ୍ର ଦେଶରେ ଓଡ଼ିଶା ଏହି କ୍ଷେତ୍ରରେ ଆଗୁଆ ରହିଛି। ସେହିପରି ଲୁଣା ଜଙ୍ଗଲ ଆର୍ଦ୍ରଭୂମି ଓ ପୁରାତନ ଲୁଣାଜଙ୍ଗଲ ସମୁଦ୍ରଗର୍ଭରେ ଲୀନ ହେବାରେ ଲାଗିଛି। ଅପରପକ୍ଷେ ଅଧିକାଂଶ ଉପକୂଳ ଅଞ୍ଚଳର ଲୋକେ ଏବେବି ଲୁଣାଜଙ୍ଗଲର ମୂଲ୍ୟ ବୁଝିନାହାନ୍ତି। ଲୁଣାଜଙ୍ଗଲ ସୃଷ୍ଟି ଓ ସଂରକ୍ଷଣରେ ଜନସହଭାଗିତା କାଗଜକଲମରେ ସୀମିତ ଥିବାବେଳେ ସରକାରୀ ବ୍ୟବସ୍ଥା ମଧ ବିଫଳ ହୋଇଛି। ପ୍ରାକୃତିକ ଲୁଣାଜଙ୍ଗଲ ସଂରକ୍ଷଣ, ଶିକ୍ଷା ସଚେତନତା, ଜନସହଭାଗିତା ଉପରେ ତ୍ୱରିତ ଦୃଷ୍ଟି ଦିଆ ନ ଗଲେ ଏଠାରେ ଲୁଣାଜଙ୍ଗଲ ଲୋପ ପାଇବା ସହ ଓଡ଼ିଶା ପ୍ରତି ସାମୁଦ୍ରିକ ବିପର୍ଯ୍ୟୟର ସମସ୍ୟା ବଢ଼ିବ।

- ସୌମ୍ୟରଞ୍ଜନ ବିଶ୍ୱାଳ, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ ପ୍ରତିଷ୍ଠାତା

### 'ଆମ ଭବିଷ୍ୟତ ପାଇଁ ଆର୍ଦ୍ରଭୂମି ସୁରକ୍ଷା'

ସ୍ଥଳ ଏବଂ ସମୁଦ୍ର ମଧ୍ୟରେ ପ୍ରାକୃତିକ ପ୍ରାଚୀର ଭଳି କାର୍ଯ୍ୟ କରୁଥିବା ହେନ୍ତାଳର ଗୁରୁତ୍ୱ ତଥା ସେସବୁର ସ୍ଥାୟୀ ସଂରକ୍ଷଣ କ୍ଷେତ୍ରରେ ସଚେତନତା ବୃଦ୍ଧି ଲାଗି ୨୦୧୬ରୁ ଜୁଲାଇ ୨୬ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ହେନ୍ତାଳ ବଣ ସଂରକ୍ଷଣ ଦିବସ। ଏହାକୁ ମଧ ଅନ୍ତର୍ଜାତୀୟ ହେନ୍ତାଳ ପରିସଂସ୍ଥା ସଂରକ୍ଷଣ ଦିବସ ଭାବେ ପାଳନ କରାଯାଏ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଆମ ଭବିଷ୍ୟତ ପାଇଁ ଆର୍ଦ୍ରଭୂମି ସୁରକ୍ଷା।'

### ଓଡ଼ିଶାରେ ହେନ୍ତାଳ ବଣର ଭୌଗୋଳିକ ଆବଣ୍ଟନ

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୨୦୯ ବର୍ଗ କି.ମି. ହେନ୍ତାଳ ବଣ ରହିଛି। ସେହିପରି ପୁରୀ ଜିଲାରେ ସର୍ବନିମ୍ନ ୧.୧୩ ବର୍ଗ କିଲୋମିଟର ହେନ୍ତାଳ ବଣ ରହିଛି, ଯାହା ସାରା ଓଡ଼ିଶାର ୦.୩୪ ପ୍ରତିଶତ। ବାଲେଶ୍ୱର ଜିଲାରେ ୫.୪ ବର୍ଗକିମି ଏବଂ ଓ ଭଦ୍ରକ ଜିଲାରେ ୩୪.୮୭ ବର୍ଗ କିମି ହେନ୍ତାଳ ବଣର ଉପସ୍ଥିତି ରହିଛି। ଅନୁରୂପ ଭାବେ ପୁରୀ ଜିଲା ଦେବୀନଦୀ ମୁହାଣକୁ ଲାଗିଥିବା ଜଗତ୍‌ସିଂହପୁର ଜିଲାରେ ୮.୩୩ ବର୍ଗ କିଲୋମିଟର ହେନ୍ତାଳ ବଣ ରହିଛି ବୋଲି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆରୁ ଜଣାପଡ଼ିଛି।

## ବିପଦରେ ଭିତରକନିକା ହେନ୍ତାଳବଣ

ଖରାଦିନେ ମହାନଦୀରେ ଜଳସଙ୍କଟ ଯୋଗୁ ଶେଷ ମୁଣ୍ଡରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ମଧୁର ଜଳାଭାବ ଦେଖାଦେଉଛି। ଏହାର ଗୁରୁତର ପ୍ରଭାବ ଜାତୀୟଉଦ୍ୟାନର ଜୈବବିବିଧତା ଉପରେ ପଡୁଛି। ତେବେ ଜାତୀୟ ଉଦ୍ୟାନରେ ଆବଶ୍ୟକ ଜଳ ସମ୍ପର୍କରେ ସର୍ଭେ ହେଉନାହିଁ, ଯାହା ଭିତରକନିକା ହେନ୍ତାଳ ବଣ ପାଇଁ ସଙ୍କଟ ସୃଷ୍ଟି କରୁଛି ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ପରିବେଶବିତ ହେମନ୍ତ କୁମାର ରାଉତ, ଶିକ୍ଷାବିତ ଭୁବନମୋହନ ଜେନା, ଅଧାପକ କ୍ଷୀତିଶ କୁମାର ସିଂହ, ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ସଞ୍ଜୟ ବେହୁରା ପ୍ରମୁଖ କୁହନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର କାରଣ ହେବ। ଭିତରକନିକାର ପ୍ରାକୃତିକ ବିଭବକୁ ବୃଦ୍ଧିମନ୍ତ ପାଇଁ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ମଧୁର ଜଳ ଯୋଗାଇଥାଏ। ୬୦% ଲୁଣା ଓ ୪୦% ମଧୁର ଜଳର ମିଶ୍ରଣ ଅଞ୍ଚଳରେ ସାଧାରଣତଃ ହେନ୍ତାଳବଣ ସୃଷ୍ଟି ହୋଇଥାଏ। ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳେ। ରାଜ୍ୟରେ ୪୮୦ କିଲୋମିଟର ତଟାଞ୍ଚଳରେ ୨୨୨ ବର୍ଗ କିଲୋମିଟର ଘଞ୍ଚ ହେନ୍ତାଳବଣ ଥିବାବେଳେ କେନ୍ଦ୍ରାପଡା ଜିଲାର ୪୮ କିଲୋମିଟର ତଟାଞ୍ଚଳରେ ଏହି ବଣ ସର୍ବାଧିକ ଅଛି। ତେବେ ଭିତରକନିକାକୁ ମଧୁର ଜଳ ଯୋଗାଉଥିବା ୩ ନଦୀ ସିଷ୍ଟମ ଏବେ ଅକାମୀ ହେବାକୁ ଯାଉଛି।

ଛତିଶଗଡ଼ରେ ମହାନଦୀରେ ବନ୍ଧ ନିର୍ମାଣ ପରେ ଜଳସ୍ରୋତ କମୁଛି। ଏଭଳିସ୍ଥଳେ ମହାନଦୀ ଜଳକୁ ଶିଳ୍ପ ଓ ବହୁ ପାନୀୟ ପ୍ରକଳ୍ପ ସହିତ ଯୋଡ଼ାଯାଇଛି। ଫଳରେ ମହାନଦୀ ଓ ଏହା ସିଷ୍ଟମରେ ଥିବା ବିରୂପା, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ଆଦି ନଦୀ ଓ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କେନାଲରେ ଜଳାଭାବ ଆଶଙ୍କା ଦେଖାଦେଇଛି। ଏଥିଯୋଗୁ ଭିତରକନିକାକୁ ଏହାର ପାଣି ପହଞ୍ଚିବା ଆଶା ମଧ ରହିବ ନାହିଁ। ସେହିପରି ଶିଳ୍ପ ଓ ବ୍ୟାରେଜ ପାଇଁ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁନାହିଁ। ଭିତରକନିକାକୁ ବ୍ରାହ୍ମଣୀ ନଦୀ ମାଧମରେ ଖରାଦିନେ ପାଣି ପହଞ୍ଚୁଥିଲା। ବ୍ରାହ୍ମଣୀ ଓ ଏହାର ଶାଖା ଖରସ୍ରୋତା ନଦୀରେ ଏବେ ବହୁ ପାନୀୟ ଜଳ ପ୍ରକଳ୍ପ ସହିତ ଶିଳ୍ପକୁ ପାଣି ଯୋଗାଯାଉଛି। ସ୍ଥିତି ଏପରି ହୋଇଛି ଯେ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀନାଳକୁ ସମୁଦ୍ରର ଲୁଣି ଜଳ ମାଡ଼ିଆସିଲାଣି। ହେନ୍ତାଳବଣର ସୁରକ୍ଷା ପାଇଁ ନଦୀଜଳ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

-ଜଗନ୍ନାଥ ଧଳ, କେନ୍ଦ୍ରାପଡ଼ା



### ୟୁନେସ୍କୋର ଭୂମିକା

ହେନ୍ତାଳ ବନ ପରିବେଶର ସୁରକ୍ଷା ଓ ଏହାର ଦୀର୍ଘସ୍ଥାୟୀ ପରିଚାଳନାକୁ ପ୍ରୋତ୍ସାହନ ଦେବା ପାଇଁ ଜୁଲାଇ ୨୬କୁ ଅନ୍ତର୍ଜାତୀୟ ହେନ୍ତାଳ ବନ ଦିବସ ରୂପେ ପାଳନ କରାଯାଉଛି। ୟୁନେସ୍କୋର ପ୍ରୋତ୍ସାହନ ଯୋଗୁ ଏହା ସମ୍ଭବ ହୋଇପାରିଛି।

### ଫୋକସ୍‌ରେ ଜୈବବିବିଧତା

ବିବିଧତାପୂର୍ଣ୍ଣ ସାମୁଦ୍ରିକ ଜୀବନକୁ ସୁରକ୍ଷା ଦେବାରେ ହେନ୍ତାଳ ବନର ଭୂମିକା ଅନସ୍ୱୀକାର୍ଯ୍ୟ। ଏହା ମାଛ ଓ ଅନ୍ୟ ସାମୁଦ୍ରିକ ଜୀବଙ୍କ ପାଇଁ ନର୍ସରି ଭଳି କାର୍ଯ୍ୟ କରିଥାଏ।



### ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବାରେ ମ୍ୟାନ୍‌ଗ୍ରୋଭର ଉଲ୍ଲେଖନୀୟ ଭୂମିକା ରହିଛି। ବିଶେଷକରି ଅଙ୍ଗାରକାମ୍ଳ ପୃଥକୀକରଣରେ ଏହା ସହାୟକ ହେବା ସହ ଉପକୂଳ ମୃତ୍ତିକା କ୍ଷୟକୁ ରୋକିଥାଏ।

### ସ୍ଥାନୀୟ ଜୀବିକାକୁ ସୁରକ୍ଷା ଦିଏ

ହେନ୍ତାଳ ବନ ଉପକୂଳ ଅଞ୍ଚଳରେ ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରି ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହରେ ସ୍ୱତନ୍ତ୍ର ମହତ୍ତ୍ୱ ବହନ କରେ। ବାଲେଶ୍ୱର, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ରିଲାଏନ୍ସ ଫାଉଣ୍ଡେଶନ୍ ଅନେକ ହଜାର ହେନ୍ତାଳ ଚାରାରୋପଣକୁ ପ୍ରୋତ୍ସାହନ ଦେଇଛି। ବାଲେଶ୍ୱରର ଖରସହରପୁରଗ୍ରାମରେ୫୦ରୁଉର୍ଦ୍ଧ୍ୱବାସିନ୍ଦା ୧କି.ମି.ବିସ୍ତୃତବେଳାଭୂମିରେହେନ୍ତାଳଚାରାରୋପଣ କରି ବନ ସୃଷ୍ଟି କରିପାରିଛନ୍ତି। ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଇଣ୍ଡିଆ ମହାନଦୀ ତ୍ରିକୋଣ ଭୂମିରେ ହେନ୍ତାଳ ବନୀକରଣରେ ସ୍ଥାନୀୟ ବାସିନ୍ଦାଙ୍କୁ ସମ୍ପୃକ୍ତ କରି ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିପାରିଛି।

**ରାଜ୍ୟ ଖବର**

## ପାରାଦୀପ ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ


ଗୁର ରାଉତ

**କେନ୍ଦ୍ରାପଡ଼ା,୨୫।୭(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ଈଶ୍ୱରପୁର ଗ୍ରାମର ବର୍ଷୀୟାନ ବୃଦ୍ଧା ଗୁର ରାଉତ (୯୪)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ହେଉଛନ୍ତି ଧରିତ୍ରୀର ପାରାଦୀପ ଖବରଦାତା ଶରତ ରାଉତଙ୍କ ମା'। ବୃଦ୍ଧା ଗୁର ଭୁବନେଶ୍ୱର ସତ୍ୟବିହାରସ୍ଥିତ ଘରେ ଥିଲେ। ସକାଳୁ ପୂଜା କରିବାକୁ ଯିବାବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ସତ୍ୟବିହାର ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା। ବଡ଼ ପୁଅ ମହେଶ୍ୱର ରାଉତ ମୁଖାଗ୍ନି ଦେଇଥିଲେ। ମଧ୍ୟମ ପୁତ୍ର ଶରତ, ସାନପୁଅ ଫକୀର, ଶୈଳେନ୍ଦ୍ର, ସନ୍ତୋଷ, ସୁନୀଲ, ଝିଅ କୁସୁମ, ସୁଷମା, ଜ୍ୱାଇଁ କୈଳାସ, ନାତୁଣୀନାତି, ବନ୍ଧୁ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ଗୁର ଜଣେ ଧର୍ମପରାୟଣା ମହିଳା ଥିଲେ ଏବଂ ବିଶିଷ୍ଟ ବାଗ୍ମୀ ସ୍ୱର୍ଗତ ସହଦେବ ରାଉତଙ୍କ ସ୍ତ୍ରୀ ଥିଲେ।

## ଆଜି କଟକରେ ସବୁ ସରକାରୀ କାର୍ଯ୍ୟାଳୟ ଖୋଲା

- ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶ
- କର୍ମଚାରୀ ଉପସ୍ଥିତ ନ ରହିଲେ କାର୍ଯ୍ୟାନୁଷ୍ଠାନ

**କଟକ,୨୫।୭(କାର୍ତ୍ତିକ ସାହୁ)**

ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଛୁଟି ଶନିବାର ବାତିଲ କରିଛନ୍ତି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲେ କଟକ ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବ। ଏଥିସହ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ମଧ ବର୍ଷାବିପ୍ରାତଜନିତ ସମସ୍ୟା ଦେଖାଦେଇପାରେ। ତେଣୁ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିବା ନିହାତି ଆବଶ୍ୟକ। ସେଥିପାଇଁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାଇ ଦେଇଛନ୍ତି।

## ବିକଶିତ ହେବ ବାରିପଦା ସହର

**ଭୁବନେଶ୍ୱର(ବନ୍ଦନା ସେଠୀ)/ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ),୨୫।୭**

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦା ସହରର ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବାରିପଦା ସହର ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ବ୍ୟାରେଜ ନିର୍ମାଣ, ଉନ୍ନତ ସ୍ୱେରେଜ ସିଷ୍ଟମ ସହିତ ରିଙ୍ଗ ରୋଡ୍ ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତିରାଜ ଓ ପୂର୍ତ୍ତ ବିଭାଗର ସଚିବ, ଏନ୍‌ଏଚ୍‌ଏଆଇ ସଚିବ ଓ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ଏ ନେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ରେଲୱେର ଓଭରବ୍ରିଜ ସହିତ ବାଇପାସ ରାସ୍ତା ନିର୍ମାଣ କରାଯିବ। ଫଳରେ ବାରିପଦା ସହର କଳେବର ବୃଦ୍ଧିପାଇବା ସହ ଅଞ୍ଚଳର ବିକାଶ ହୋଇପାରିବ। ସେହିପରି ଜରାଳୀ ଓ ସରାଳୀ ନଦୀର ନବୀକରଣ, ବାରିପଦା ଟାଉନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ସହ ୫ଏକର ପରିମିତ ଜମିରେ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମେତ ସମସ୍ତ ବିଭାଗର କାର୍ଯ୍ୟାଳୟ ଖୋଲାଯିବ। ଯାହା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଗୋଟିଏ ସ୍ଥାନରୁ କାର୍ଯ୍ୟ କରିବାର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏକ ଯୁଗ୍ମ ଟେକ୍ନିକାଲ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବାରିପଦା ସହର ପାଇଁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତିରେ ସହାୟକ ହେବ। ଏହି କମିଟି ଭୂ-ଉପଯୋଗ, ଭୌଗୋଳିକ ତଥ୍ୟ, ବିଭିନ୍ନ ଢାଞ୍ଚାର ଅବସ୍ଥାପନା ଏବଂ ସାଧାରଣ ଅଭିଳାଷା ସହ ରାଜ୍ୟ ଯୋଜନାର ସମନ୍ୱୟ କରି ଭବିଷ୍ୟତ ନକ୍ସା ପ୍ରସ୍ତୁତ କରିବ।

## ମେଟ୍ରୋ ପ୍ରକଳ୍ପ ଲାଗି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ: ବିଜେଡି

**ଭୁବନେଶ୍ୱର,୨୫।୭(ସୁନିତ୍ ମିଶ୍ର)**

ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ଭାଜପା ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି। ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହା ଯୋଗୁ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଲେନିନ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଗୁରୁବାର ଲୋକସଭାରେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାର ସମୟରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ମେଟ୍ରୋ ପ୍ରକଳ୍ପ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ନିର୍ମାଣ ହେବ ବୋଲି ସ୍ପଷ୍ଟ କୁହାଯାଇଥିଲା, ଯେଉଁ କାରଣରୁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକତା ନଥିଲା ବୋଲି ଲେନିନ କହିଛନ୍ତି।

## ୨ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଯୁବକ ଅଟକ

**ତୁମୁଡିବନ୍ଧ,୨୫।୭(ଦୀପକ କୁମାର ପରାସେଠ)**

ଏକ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ୨ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଏନେଇ କନ୍ଧମାଳ ଜିଲା ପୁଣି ଚର୍ଚ୍ଚାକୁ ଆସିଛି। ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଘଟିଥିବା ଏପରି ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି। ଖବରରୁ ଜଣାପଡିଛି, ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମ୍ପୃକ୍ତା ୨ ଛାତ୍ରୀ ଗ୍ରୀଷ୍ମ ଅବକାଶ ପରେ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ଫେରିବାର ମାସେ ପୂରଣ ହେବା ପରେ ଛାତ୍ରୀମାନଙ୍କ ମାସିକ ଋତୁସ୍ରାବ ତଦାରଖ କରାଯାଇଥିଲା। ଏହି ସମୟରେ ଦଶମ ଶ୍ରେଣୀର ୨ଜଣ ଛାତ୍ରୀଙ୍କ ମାସିକ ଋତୁସ୍ରାବ ରିପୋର୍ଟ ପଜିଟିଭ ଆସିଥିଲା। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରୀ ଦ୍ୱୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତରୀ ରିପୋର୍ଟରୁ ମଧ ସମ୍ପୃକ୍ତ ୨ ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ସମ୍ପୃକ୍ତା ୨ ଛାତ୍ରୀ କୋଟଗଡ଼ ଓ ବେଲଘର ଥାନା ଅଞ୍ଚଳର ବୋଲି ଜଣାପଡିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଛନ୍ତି। ବେଲଘର ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। କୋଟଗଡ଼ ପୋଲିସ ମଧ ଜଣେ ଯୁବକଙ୍କ ଉପରେ ନଜର ରଖିଥିବା ଜଣାପଡ଼ିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ହେଲେ ଯଜ୍ଞେଶ୍ୱର ଦଣ୍ଡପାଟ

**ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)**



ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ରାଜଭବନ ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ କାର୍ଯ୍ୟ କରିବେ। ଗତ ମେ ୨୩ରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାପରେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଥିବା ପ୍ରଫେସର ଦଣ୍ଡପାଟ ମେ ୨୭ରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱ ନେଇଥିଲେ। ହେଲେ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ବ୍ୟବସ୍ଥାର ଉଲ୍ଲଂଘନ କରି କୁଳାଧିପତି ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଦଣ୍ଡପାଟଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମୁଖ୍ୟ ବିଚାର ପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ନିକଟରେ ନିଯୁକ୍ତିକୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ, ପ୍ରଫେସର ଦଣ୍ଡପାଟ ୨୦୦୨ରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି। ୨୦୧୦ରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ଅଭିଜ୍ଞତା ଓ ଦକ୍ଷତା ରହିଛି।

## କ୍ୟାଡର ସଂଶୋଧନରେ ମୁଖ୍ୟସଚିବଙ୍କ ରୋକ୍

**ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ**

**ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)**

ବିଭିନ୍ନ ବିଭାଗ ପକ୍ଷରୁ କ୍ୟାଡର ନିୟମରେ ସଂଶୋଧନ ଯୋଗୁ ସରକାରଙ୍କ ଉପରେ ଆର୍ଥିକ ବୋଝ ବଢୁଛି। ଏଣିକି ସରକାରୀ କର୍ମଚାରୀଙ୍କ ବିଭିନ୍ନ କ୍ୟାଡର ନିୟମ ସଂଶୋଧନ ବେଳେ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଶୁକ୍ରବାର ମୁଖ୍ୟସଚିବ ଏସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ସବୁ ବିଭାଗୀୟ ମୁଖ୍ୟଙ୍କୁ ଜାରି କରିଛନ୍ତି।

ସେ ଦର୍ଶାଇଛନ୍ତି, ବିଭିନ୍ନ ବିଭାଗ କ୍ୟାଡର ନିୟମ ସଂଶୋଧନ କଲା ବେଳେ ଏଣିକି ଆଉ ମନଇଚ୍ଛା କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ଅର୍ଥ ବିଭାଗର ଅନୁମୋଦନ ମିଳିନାହିଁ, ସେ ପର୍ଯ୍ୟନ୍ତ ନିୟମରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ନୂତନ ନିୟମ ଆସିପାରିବ ନାହିଁ କି ସଂଶୋଧନ ହୋଇପାରିବ ନାହିଁ। ଯଦି କୌଣସି ନିୟମରେ ପରିବର୍ତ୍ତନ କରିବାକୁ ବିଭାଗ ଚାହିଁବେ ତେବେ ତା'ର ବିସ୍ତୃତ ତଥ୍ୟ ସହିତ ଅର୍ଥବିଭାଗଠାରୁ ଅନୁମୋଦନ ନେବାକୁ ପଡ଼ିବ। ନଚେତ୍ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ପଡୁଛି ବୋଲି ମୁଖ୍ୟସଚିବ ଦର୍ଶାଇଛନ୍ତି।

# ଓଡ଼ିଶାରେ ୨୦୦ କୋଟି ନିବେଶ କରିବ ହିଣ୍ଡାଲ୍‌କୋ

- ହିଣ୍ଡାଲ୍‌କୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨ ଏମ୍‌ଓୟୁ ସ୍ୱାକ୍ଷର
- କେନ୍ଦୁଝର, ସମ୍ବଲପୁରରେ ହେବ ପୋଷାକ ତିଆରି କାରଖାନା




ଭୁବନେଶ୍ୱର,୨୫।୭ (ଅଭୟ ଦାଶ)

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଓଡ଼ିଶାରେ ୨୦୦ କୋଟି ଟଙ୍କା ନିବେଶ ପାଇଁ ଧାର୍ଯ୍ୟ ହୋଇଛି। ଫଳରେ ଓଡ଼ିଶାର କେନ୍ଦୁଝର ଓ ସମ୍ବଲପୁର ଜିଲାରେ ପୋଷାକ ତିଆରି କାରଖାନା ପ୍ରତିଷ୍ଠା ହେବ। ଏ ନେଇ ଶୁକ୍ରବାର ହିଣ୍ଡାଲ୍‌କୋ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ହିଣ୍ଡାଲ୍‌କୋର କର୍ପୋରେଟ ଆଫେୟାର ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ଶିକ୍ଷା ବିଭାଗ ସଚିବ ବି.ଏସ୍. ପୁନିଆଙ୍କ ମଧ୍ୟରେ ଏହି ଏମ୍‌ଓୟୁ ଦସ୍ତାବିଜ ଆଦାନ ପ୍ରଦାନ ହୋଇଛି।

ସେହିପରି ଫିକି ସହଯୋଗରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଟେକ୍ସ ଟାଇଲ ନିବେଶକ ସମ୍ମିଳନୀ-୨୦୨୫ (ଟେକ୍ସ-୨୦୨୫) ରେ ହିଣ୍ଡାଲ୍‌କୋ ପକ୍ଷରୁ ରାଜ୍ୟର ଉପରୋକ୍ତ ଦୁଇଟି ସ୍ଥାନରେ ପୋଷାକ କାରଖାନା ପ୍ରତିଷ୍ଠା ବାବଦକୁ ୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ଦୁଇଟି ପୋଷାକ କାରଖାନା ଆଗାମୀ ଦିନରେ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଏଥିରେ ୨୪୦୦ ଯୁବବର୍ଗଙ୍କୁ କର୍ମନିଯୁକ୍ତି ନିମନ୍ତେ ସମ୍ଭାବନା ସୃଷ୍ଟି ହେବ।

ଏହି ପରିପ୍ରେକ୍ଷୀରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଟେକ୍ସଟାଇଲ ଓ ହସ୍ତତନ୍ତ୍ର ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ସଚିବ ମନୋଜ ଆହୁଜା, ବିକାଶ ଆୟୋଗ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପଦକ୍ଷେପ ଦ୍ୱାରା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଓଡ଼ିଶାରେ ଏହାର ସ୍ଥିତି ଆହୁରି ବୃଦ୍ଧି କରିଛି । ଏକ ଦାୟିତ୍ୱବାନ ଶିଳ୍ପ ପ୍ରତିଷ୍ଠାନ ଭାବେ ରାଜ୍ୟରେ ଏହାର ପରିଚୟ ସୁଦୃଢ଼ ହେବା ଦ୍ୱାରା ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ଶତାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଜାରି ରହିବ।

# ରତ୍ନା ତେଜା ଏସ୍‌ବିଆଇର ନୂଆ ସିଜିଏମ୍

ଭୁବନେଶ୍ୱର,୨୫।୭


ରତ୍ନା ତେଜା ଦିନକର ଅକେଲ୍ଲା

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ରତ୍ନା ତେଜା ଦିନକର ଅକେଲ୍ଲାଙ୍କୁ ନିକଟରେ ନିଯୁକ୍ତ ଦିଆଯାଇଛି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏସ୍‌ବିଆଇ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ଭାବେ କାର୍ଯ୍ୟରତ ଥିଲେ। ସେହିଭଳି ୧୯୯୪ରେ ରତ୍ନା ତେଜା ଏସ୍‌ବିଆଇର ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦେଇଥିଲେ। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୧ବର୍ଷର ଅଭିଜ୍ଞତା ରହିଛି। ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ରିଟେଲ ଅପରେଶନ, କର୍ପୋରେଟ କ୍ରେଡିଟ୍, ଫୋରେକ୍ସ, ଏମ୍‌ଏସ୍‌ଏମ୍‌ଇ ଭଳି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟ କରିବା ସହ ଦେଶ ବିଦେଶରେ ମଧ୍ୟ ସେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହର ଅଭିଜ୍ଞତା ଅର୍ଜନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଏସ୍‌ବିଆଇର ସମସ୍ତ ୯୧୭ ଶାଖା ତାଙ୍କ ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ପରିଚାଳିତ ହେବ।

# ଭାରତ-ବ୍ରିଟେନ୍ ଏଫ୍‌ଟିଏ ଏକ ନୂଆ ଯୁଗ

ଭୁବନେଶ୍ୱର,୨୫।୭

